


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୧ ଅକ୍ଟୋବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 11 OCTOBER 2020

Vol.No. 30 ■ No. 258 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,



Dist: Mayurbhanj



2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No: 9437294587, 9438232419, 9437443950,


## ଏସସିବିକୁ ସଂଯୋଗ କରୁଥିବା ତାଳଦଣ୍ଡାର ଦୁଇ ପାର୍ଶ୍ୱରେ ତିନି ଥାକିଆ ରାସ୍ତା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନେଶ୍ୱର,୧୦।୧୦ (ନି.ପ୍ର): କଟକ ସହର ରୂପାନ୍ତରୀକରଣ ପ୍ରକ୍ରିୟାର ପ୍ରଥମ ପାହାଚ ସ୍ୱରୂପ ଆଜି ଶ୍ରୀରାମଚନ୍ଦ୍ରଭଂଜ ମେଡିକାଲ କଲେଜକୁ ସଂଯୋଗ କରୁଥିବା ରାସ୍ତା ଜୋବ୍ରାରୁ ରାଣୀହାଟ ପର୍ଯ୍ୟନ୍ତ ତାଳଦଣ୍ଡା କେନାଲର ଉଭୟ ପାର୍ଶ୍ୱରୁ ନିର୍ମିତ ତିନି ଥାକିଆ ରାସ୍ତାକୁ ଶନିବାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ରେକର୍ଡ ୭ ମାସ ସମୟ ମଧ୍ୟରେ ଶେଷ ହୋଇଥିବା ୧୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ନୂଆ ରାସ୍ତା ଦ୍ୱାରା କଟକ ବାହାରୁ ଆସୁଥିବା ରୋଗୀମାନେ ବିନା ଟ୍ରାଫିକ ସମସ୍ୟାରେ ସିଧା କଟକ ବଡ ମେଡିକାଲରେ ପହଂଚିପାରିବେ। ଏହି ନୂଆ ରାସ୍ତାକୁ ଉଦଘାଟନ କରି





ମୁଖ୍ୟମନ୍ତ୍ରୀ କହିଲେ ଯେ ହଜାର ବର୍ଷର ଏହି କଟକ ସହରର ମୁଖ୍ୟ ସମସ୍ୟା ହେଉଛି ଗହଳିପୂର୍ଣ୍ଣ ସଂକୀର୍ଣ୍ଣ ରାସ୍ତା ଯାହା କି ଯାତାୟତରେ ଅସୁବିଧା ସୃଷ୍ଟି କରିଥାଏ। ତେଣୁ ଏହାକୁ ଆଧୁନିକ ରୂପ ଦେବା ଉପରେ ରାଜ୍ୟ ସରକାର ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଜନସାଧାରଣଙ୍କ ମତାମତକୁ ଭିତିକରି ତାଳଦଣ୍ଡା କେନାଲର ଉଭୟ ପାର୍ଶ୍ୱର ରାସ୍ତାକୁ ଆଗାମୀ ଦିନରେ ଆହୁରି ସଂପ୍ରସାରିତ କରାଯିବ ଏବଂ ଏଥିପାଇଁ ବିସ୍ଥାପିତ ହେଉଥିବା ଲୋକମାନଙ୍କୁ ମାନବିକତା ଦୃଷ୍ଟିକୋଣରୁ ଉପଯୁକ୍ତ ଭାବରେ ଥଇଥାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶ୍ରୀରାମଚନ୍ଦ୍ରଭଂଜ ମେଡିକାଲ କଲେଜ ତାର ଉଚ୍ଚକୋଟୀର ସେବା ପାଇଁ କେବଳ ଓଡିଶା ନୁହେଁ, ଅନ୍ୟ ରାଜ୍ୟରେ ମଧ ପ୍ରସିଦ୍ଧି ଲାଭ କରିଛି । ପ୍ରତିଦିନ ରାଜ୍ୟ ବାହାରୁ ଏଠାକୁ ଚିକିତ୍ସା ପାଇଁ ବହୁ ଲୋକ ଆସିଥାନ୍ତି। ତେଣୁ ଏହି ମହାନ ଅନୁଷ୍ଠାନକୁ ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନ ଭାବରେ ଗଢିତୋଳିବା ପାଇଁ ରାଜ୍ୟ ସରକାର ଦୃଢ ସଂକଳ୍ପ ନେଇଛନ୍ତି । ଏ ଦିଗରେ ତାଳଦଣ୍ଡାର କେନାଲର ନୂଆ ରାସ୍ତା ହେଉଛି ଶୁଭାରମ୍ଭ ବୋଲି ଶ୍ରୀ ପଟନାୟକ କହିଥିଲେ।ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ସମୟରେ କଟକବାସୀ ଯେପରି ତ୍ୟାଗ ଓ ସହଯୋଗ କରିଛନ୍ତି, ସେଥିପାଇଁ ସେମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ ଏବଂ କୋଭିଡ ସମୟରେ ମଧ ଦିନରାତି କାମ କରି ଏହି ରାସ୍ତା ପ୍ରକଳ୍ପକୁ ରେକର୍ଡ ସମୟରେ ଶେଷ କରିଥିବାରୁ ପୂର୍ତ ବିଭାଗ ଓ କଟକ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଥିଲେ । ଆଗାମୀ ଦିନରେ କଟକ ସହରକୁ ଆହୁରି ସୁନ୍ଦର ଭାବରେ ଗଢିତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ଏହି ଅବସରରେ ▶▶ପୃଷ୍ଠା ୭

## ୨୪ ଘଂଟାରେ ଆଉ ୩୮୮୫ ସୁସ୍ଥ

ଭୁବନେଶ୍ୱର,୧୦।୧୦ (ନି.ପ୍ର): ରାଜ୍ୟରେ ଶନିବାର କରୋନା ସଂକ୍ରମଣରୁ ୩,୮୮୫ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୨ ଲକ୍ଷ ୨୪ ହଜାର ୨୭୩କୁ ବୃଦ୍ଧି ପାଇଛି। ୨୪ ଘଂଟାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୧୪୩ ଜଣ ସୁସ୍ଥ ହୋଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ ଜରିଆରେ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ କଟକ ଜିଲ୍ଲାରୁ ୩୨୫ ଜଣ, ପୁରୀ ଜିଲ୍ଲାରୁ ୧୯୩ ଜଣ, ଝାରସୁଗୁଡ଼ା ଜିଲ୍ଲାରୁ ୧୫୯ ଜଣ, ବାଲେଶ୍ୱର ଜିଲ୍ଲାରୁ ୧୩୩ ଜଣ, ମୟୂରଭଂଜ ଜିଲ୍ଲାରୁ ୧୨୯ ଜଣ, ଯାଜପୁର ଜିଲ୍ଲାରୁ ୧୨୬ ଜଣ, କେନ୍ଦୁଝର ଜିଲ୍ଲାରୁ ୧୨୪ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୨୨ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୧୨୧ ଜଣ, କଳାହାଣ୍ଡି ଜିଲ୍ଲାରୁ ୧୧୨ ଜଣ ଓ ବଲାଙ୍ଗୀର ଜିଲ୍ଲାରୁ ୧୦୩ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ସେହିପରି ବରଗଡ଼ ଜିଲ୍ଲାରୁ ୮୧ ଜଣ, ନୂଆପଡ଼ା ଜିଲ୍ଲାରୁ ୮୦ ଜଣ, ଢେଙ୍କାନାଳ ଜିଲ୍ଲାରୁ ୭୯ ଜଣ, ଜଗତସିଂହପୁର, ସମ୍ବଲପୁର ଜିଲ୍ଲାରୁ ୭୨ ଜଣ ଲେଖାଏଁ, ରାୟଗଡ଼ା ଜିଲ୍ଲାରୁ ୭୦ ଜଣ, ଭଦ୍ରକ ଜିଲ୍ଲାରୁ ୬୪ ଜଣ, କନ୍ଧମାଳ ଜିଲ୍ଲାରୁ ୫୯ ଜଣ, ନବରଂଗପୁର ଜିଲ୍ଲାରୁ ୫୬ ଜଣ, ନୟାଗଡ଼ ଜିଲ୍ଲାରୁ ୫୨ ଜଣ ଓ ସୁବର୍ଣ୍ଣପୁର ଜିଲ୍ଲାରୁ ୫୦ ଜଣ ,କୋରାପୁଟ ଜିଲ୍ଲାରୁ ୪୮ ଜଣ, ଗଂଜାମ ଜିଲ୍ଲାରୁ ୪୨ ଜଣ, ବୌଦ୍ଧ ଜିଲ୍ଲାରୁ ୨୬ ଜଣ, ମାଲକାନଗିରି ଜିଲ୍ଲାରୁ ୨୬ ଜଣ, ଅନୁଗୁଳ ଜିଲ୍ଲାରୁ ୧୯ ଜଣ, ଦେବଗଡ଼ ଜିଲ୍ଲାରୁ ୧୬ ଜଣ, ଗଜପତି ଜିଲ୍ଲାରୁ ୧୫ ଜଣ ଓ ରାଜ୍ୟପୁଲରୁ ୧୬୮ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

## କରୋନା ରାଜନୈତିକ ଦଳକୁ ଦେଖି ସଂକ୍ରମିତ କରେନି : ବିଜେଡି

ଭୁବନେଶ୍ୱର,୧୦।୧୦ (ନି.ପ୍ର): କୌଣସି କୋଠାକୁ ସିଲ୍ କରିବା ହେଉଛି ସମ୍ପୂର୍ଣ୍ଣ ପ୍ରଶାସନିକ ନିଷ୍ପତି ଏବଂ ଏ ସଂକ୍ରାନ୍ତରେ ବିଜେଡି କୌଣସି ମତାମତ ଦେବାକୁ ଚାହେଁ ନାହିଁ । ବିଜେପି ନେତ୍ରୀ ଅପରାଜିତା ଷଡଙ୍ଗୀଙ୍କ ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ଏହା କହିଛନ୍ତି ବିଜେଡି ମୁଖପାତ୍ର ସୁଲତା ଦେଓ । ଶ୍ରୀମତୀ ଦେଓ କହିଛନ୍ତି ଯେ, ସାଧାରଣ ଲୋକଙ୍କ ଧନ ଜୀବନର ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ଅତୀତରେ ସମଗ୍ର ରାଜ୍ୟରେ ଅନେକ କୋଠା, ହୋଟେଲ ଆଦିକୁ ସିଲ୍ କରାଯାଇଛି । ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆଗାମୀ ଦିନରେ ଆବଶ୍ୟକ ପଡିଲେ ମଧ ଏଭଳି ସିଲ୍ କରାଯିବ । ତେଣୁ ଏହା ଉପରେ ମତ ଦେବା ଆଦୌ ସମୀଚିନ ନୁହେଁ । ବିଜେପି, ବିଜେଡି, କଂଗ୍ରେସ କିମ୍ବା ଅନ୍ୟ କୌଣସି ରାଜନୈତିକ ଦଳକୁ ଦେଖି କରୋନା ସଂକ୍ରମିତ କରେ ନାହିଁ । ଏହା ହେଉଛି ମାନବିକତା ଏବଂ ଆମେ ସମସ୍ତେ କୋଭିଡ ନିୟମ ମାନି ଏହି ମହାମାରୀ ବିରୁଦ୍ଧରେ ଏକଜୁଟ ହୋଇ ଲଢେଇ କରିବାର ଅଛି ବୋଲି ଶ୍ରୀମତୀ ଦେଓ କହିଛନ୍ତି ।

## କ୍ଷମା ମାଗିଲେ ସତ୍ୟବାଦୀ ବିଧାୟକ



ଭୁବନେଶ୍ୱର,୧୦।୧୦ (ନି.ପ୍ର): କୋଭିଡ୍ ନିୟମ ଉଲ୍ଲଂଘନ କରିଥିବାରୁ କ୍ଷମା ମାଗିଛନ୍ତି ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ। କୋଭିଡ୍ ପଜିଟିଭ୍ ଥାଇ ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କ ଅନ୍ତିମ ସଂସ୍କାରରେ ସାମିଲ ହେବା ଘଟଣାରେ ଏକ ଭିଡିଓ ଜାରି କରି ସତ୍ୟବାଦୀ ବିଧାୟକ ଉମା ସାମନ୍ତରାୟ କ୍ଷମା ମାଗିଛନ୍ତି। ସେ କହିଛନ୍ତି ଯେ ଗତ ୪ ତାରିଖରେ କରୋନା ସଂକ୍ରମିତ ହୋଇ ମଧ ପ୍ରଦୀପ ମହାରଥୀଙ୍କ ଅନ୍ତିମ ସଂସ୍କାରରେ ସାମିଲ ହେବା ଭୁଲ୍ ଥିଲା। ପ୍ରଦୀପ ମହାରଥୀ ତାଙ୍କର ବଡ଼ ଭାଇ ଓ ସେ ତାଙ୍କର ଆଦର୍ଶ। ତାଙ୍କ ବିୟୋଗରେ ଭାବବିହ୍ୱଳ ହୋଇ ସ୍ୱର୍ଗଦ୍ୱାର ଯାଇଥିଲେ। ସରକାରଙ୍କ ଆଇନ ଉର୍ଦ୍ଧ୍ୱରେ କେହି ନୁହନ୍ତି । ତେବେ ଆଇନ ଅନୁଯାୟୀ ତାଙ୍କ ପ୍ରତି ଯେଉଁ ପଦକ୍ଷେପ ନିଆଯିବ ସେ ତାକୁ ମାନିବାକୁ ପ୍ରସ୍ତୁତ ଏବଂ 'ଭୁଲ ପାଇଁ ସମସ୍ତଙ୍କ ପାଖରେ କ୍ଷମା ମାଗୁଛି' ବୋଲି ସେ ଉକ୍ତ ଭିଡିଓରେ କହିଛନ୍ତି। ସୂଚନାଯୋଗ୍ୟ, କରୋନା ସଂକ୍ରମିତ ହୋଇ ମଧ ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କ ଶବଦାହ ବେଳେ ଉପସ୍ଥିତ ଥିବା ବିଜେଡି ବିଧାୟକ ଉମା ସାମନ୍ତରାୟଙ୍କ ନାଁରେ ଗତକାଲି ପୁରୀ ସମୁଦ୍ରକୂଳ ଥାନା ପୋଲିସ୍ ଏକ ମାମଲା ରୁଜୁ କରିଛି । ▶▶ପୃଷ୍ଠା ୭

## ୧୫ ଦିନ ଲାଗି ସିଲ୍ ହେଲା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଅଫିସ୍

ଭୁବନେଶ୍ୱର,୧୦।୧୦ (ନି.ପ୍ର): କୋଭିଡ୍ କଟକଣାକୁ ଉଲ୍ଲଘନ କରାଯିବା ଅଭିଯୋଗ ଆସିବା ପରେ ଭୁବନେଶ୍ୱର ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ପଳାସପଲ୍ଲୀସ୍ଥିତ ଅଫିସ୍ ୧୫ ଦିନ ଲାଗି ସିଲ୍ କରାଯାଇଛି। ବିଏମସି ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣା ପଡିଛି। ମିଳିଥିବା ସୂଚନା ଅନୁସାରେ ସାଂସଦ ଅପରାଜିତା ବାରମ୍ବାର କୋଭିଡ୍ ଆଇନ୍ ଭାଙ୍ଗୁଥିବା ଅଭିଯୋଗ କରି କୋଭିଡ୍ ଯୋଦ୍ଧା ମାନେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ସେମାନେ ଏ ସମ୍ପର୍କରେ ଲିଖିତ ଭାବେ



ଭୁବନେଶ୍ୱର ଡିସିପିଙ୍କ ଠାରେ ଅଭିଯୋଗ କରିଥିଲେ । ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କୋଭିଡ୍ ନିୟମ ଭାଙ୍ଗିବା ପ୍ରସଙ୍ଗରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କ ନିକଟକୁ ପତ୍ର ଲେଖିଥିଲେ ।

## ରାଜ୍ୟରେ ଗତ ୨୪ ଘଂଟାରେ ୪୫,୯୧୪ କରୋନା ନମୁନା ପରୀକ୍ଷଣ

ଭୁବନେଶ୍ୱର,୧୦।୧୦ (ନି.ପ୍ର): ରାଜ୍ୟରେ ୨୪ ଘଂଟାରେ ମୋଟ୍ ୪୫ ହଜାର ୯୧୪ କରୋନା ନମୁନା ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଏଥିମଧ୍ୟରୁ ଆଂଟିଜେନ୍‌ରେ ୩୬,୫୦୨ ଆରଟିପିସିଆରରେ ୯୩୨୭ ଓ ଟ୍ରୁନାଟ୍‌ରେ ୮୫ ଟି କରୋନା ନମୁନା ପରୀକ୍ଷା କରାଯାଇଛି।

## କୋଭିଡ୍ ନିୟମ ଉଲ୍ଲଂଘନ ନେଇ ବିଜେଡି ନେତାଙ୍କ ଉପରେ ପାଲଟା ଅଭିଯୋଗ ଆଣିଲେ ଅପରାଜିତା

### ସାମ୍ବାଦିକ ସମ୍ମିଳନୀରେ ନିୟମ ଉଲ୍ଲଙ୍ଘନର ପ୍ରମାଣ ଦେଲେ





ଭୁବନେଶ୍ୱର,୧୦।୧୦ (ନି.ପ୍ର): ସ୍ୱର୍ଗତ ବିଜେଡି ବିଧାୟକ ପ୍ରଦୀପ ମହାରଥୀଙ୍କ ଅନ୍ତ୍ୟେଷ୍ଟି, ବିଜେଡି ଅଫିସରେ ରକ୍ତଦାନ ଶିବିର ଏବଂ ତିର୍ତୋଲରେ ବିଜେଡି ନେତାଙ୍କ ରାଜନୈତିକ ସଭାରେ ଖୋଲାଖୋଲି କୋଭିଡ୍ ନିୟମ ଉଲ୍ଲଙ୍ଘନ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ। ଶନିବାର ଦିନ ସାଂସଦଙ୍କ ଅଫିସ ସିଲ୍ ହେବାପରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଷଡଙ୍ଗୀ ଏହି ଅଭିଯୋଗ ଆଣିବା ସହ ବିଜେଡି ନେତାମାନଙ୍କ ୧୭ଟି ଫଟୋ ଓ ଗୋଟିଏ ଭିଡିଓ ଜାରି କରିଛନ୍ତି। ବିଜେଡି ଅଫିସ୍ କେବେ ସିଲ୍ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି। ଏସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସମସ୍ତ ପ୍ରମାଣ ଦେବେ। ଏହାପରେ ମୁଖ୍ୟମନ୍ତ୍ରୀ ବିଜେଡି ନେତାଙ୍କ ବିରୋଧରେ ଯେପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନାହିଁ ସେ ପର୍ଯ୍ୟନ୍ତ ଅପରାଜିତା ନିଜ ଅଫିସ ଖୋଲିବେ ନାହିଁ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଜନ୍ମଦିନ ପାଳନ ବେଳେ କୋଭିଡ୍ ନିୟମ ଉଲ୍ଲଘନ ସମ୍ପର୍କରେ ସେ କହିଛନ୍ତି ଯେ ସେ ପ୍ରତିଦିନ ମାସ୍କ ପିନ୍ଧି ବିଭିନ୍ନ ଅଂଚଳ ଯାଇ ଲୋକଙ୍କ ସହ ସେ ଆଲୋଚନା କରୁଛନ୍ତି । କିନ୍ତୁ ଜନ୍ମଦିନ ଦିନ ତାଙ୍କ ଅଫିସକୁ ଆସିଥିବା ମହିଳା କର୍ମୀମାନଙ୍କ ଅନୁରୋଧରେ ▶▶ପୃଷ୍ଠା ୭

## ଓଡ଼ିଶା ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଲ୍ ଉଚ୍ଛେଦ ଦାବିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

ଭୁବନେଶ୍ୱର,୧୦।୧୦ (ନି.ପ୍ର): ଓଡ଼ିଶା ବିଧାନସଭାରେ ଗୃହୀତ ହୋଇଥିବା ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଧେୟକ ୨୦୨୦କୁ ରାଜ୍ୟର ବୃହତର ଶୈକ୍ଷିକ ସମାଜ ଦୃଢ଼ ବିରୋଧ କରୁଛି । ଏହା ସହ ଏହି ବିଧେୟକ ଦେଶର ସାମ୍ବିଧାନିକ ବ୍ୟବସ୍ଥା ତଥା ୟୁଜିସି ନିୟମାବଳୀର ଦୃଢ଼ ବିରୋଧାଚରଣ କରୁଛି । ଏହି ପରିପ୍ରେକ୍ଷୀରେ ରାଜ୍ରର ଛାତ୍ର, ଶିକ୍ଷକ, ଗବେଷକ ତଥା ଉଚ୍ଚଶିକ୍ଷା ବ୍ୟବସ୍ଥାର ସ୍ୱାର୍ଥରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଡା. ରମେଶ ପୋଖରିୟାଲ ନିସଙ୍କ ବ୍ୟକ୍ତିଗତ ଭାବରେ ହସ୍ତକ୍ଷେପ କରିଏହି ବିଧେୟକକୁ ଉଚ୍ଛେଦ କରିବା ପାଇଁ ପଦକ୍ଷେପ ନେବାକୁ ଏକ





ପତ୍ରରେ ଦୃଢ଼ ନିବେଦନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଲେଖିଥିବା ପତ୍ରରେ ଉଲ୍ଲେକ କରିଛନ୍ତି ଯେ, ଓଡ଼ିଶା ସରକାରଙ୍କର ଏହି ନୂଆ ନିୟମରେ ବିଶ୍ୱ ବିଦ୍ୟାଳୟ ମାନଙ୍କର ନୀତି ନିର୍ଦ୍ଧାରକ ସିନେଟ୍ ବ୍ୟବସ୍ଥାକୁ ସମାପ୍ତ କରି ଏହା ସ୍ଥାନରେ ସରକାର ନିୟନ୍ତିତ ସିଣ୍ଡିକେଟ୍ ବ୍ୟବସ୍ଥା ପ୍ରଚଳନ କରିବାର ଉଲ୍ଲେଖ କରଯିବ । ବିଶ୍ୱ ବିଦ୍ୟାଳୟ କୁଳପତି ଚୟନ ଓ ନିଯୁକ୍ତି ପ୍ରକ୍ରିୟାକୁ ▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୧୫ ଜଣଙ୍କର କରୋନାରେ ମୃତ୍ୟୁ : ମୃତ୍ୟୁ ସଂଖ୍ୟା ହଜାରେ ଟପିଲା

ଭୁବନେଶ୍ୱର,୧୦।୧୦ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୫ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୦୦୬ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଧା ଜିଲ୍ଲାର ୫ ଜଣ,କଟକ ଜିଲ୍ଲାର ୨ ଜଣ ୩ ଜଣ ଅଛନ୍ତି । ସେହିପରି ବାଲେଶ୍ୱର, ବଲାଙ୍ଗୀର, ଗଂଜାମ, ଜଗତସିଂହପୁର, ଜାଜପୁର, କେନ୍ଦ୍ରାପଡା, ମୟୁରଭଂଜ ଓ ସୁନ୍ଦରଗଡ ଜିଲ୍ଲାର ଜଣେ ଜଣେ ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାର ଜଣେ ୪୪ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ବଲାଙ୍ଗୀର ଜିଲ୍ଲାର ଜଣେ ୩୬ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୬୨ ବର୍ଷୀୟ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ପୀଡିତ ଥିଲେ । ଭୁବନେଶ୍ୱର ଜଣେ ୬୬ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି। ସେ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ଭୁବନେଶ୍ୱରର ୭୮ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। କଟକ ଜିଲ୍ଲାର ଜଣେ ଜଣେ ୩୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ▶▶ପୃଷ୍ଠା ୭

## ୨୪ ଘଂଟାରେ ଅବପାତର ରୂପ ନେବ ଲଘୁଚାପ : ୧୪ ଯାଏଁ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୦।୧୦ (ନି.ପ୍ର): ଗତକାଲି ସୃଷ୍ଟି ହୋଇଥିବା ଲଘୁଚାପ ଶନିବାରଏକ ୱେଲମାର୍କଡ୍ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇ ବର୍ତମାନ ପୂର୍ବକେନ୍ଦ୍ରୀୟ ଓ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଉପରେ କେନ୍ଦ୍ରୀଭୂତ ହୋଇ ରହିଛି। ଆସନ୍ତା ୨୪ ଘଂଟାରେ ଏହା ଆହୁରି ଘନୀଭୂତ ହୋଇ ଏକ ଅବପାତର ରୂପ ନେବ। ପରେ ଏହା ପଶ୍ଚିମ ଓ ଉତର-ପଶ୍ଚିମ ଦିଗରେ ଗତି କରି ଆସନ୍ତା ଅକ୍ଟୋବର ୧୨ ସକାଳେ ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଥିବା ନେଇ ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର, ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଆସନ୍ତା ୧୪ ତାରିଖରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ହେବାର ସମ୍ଭାବନା ରହିଛି। ବର୍ତମାନ ସକ୍ରିୟ ରହିଥିବା ଲଘୁଚାପ ପ୍ରଭାବରେ ଅକ୍ଟୋବର ୧୧ ତାରିଖଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ୧୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ମାଲକାନଗିରି, ଗଜପତି, କୋରାପୁଟ, ରାୟଗଡା, ଗଞ୍ଜାମ, ପୁରୀ, ଜଗତସିଂହପୁର, ବରଗଡ଼, ଝାରସୁଗୁଡା, ସୁନ୍ଦରଗଡ଼ ଓ କେନ୍ଦୁଝର ▶▶ପୃଷ୍ଠା ୭



# ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୧୦।୧୦ (ନି.ପ୍ର):- ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ୨୮ତମ ବୈଠକ ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ଶ୍ରୀ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଅଧ୍ୟକ୍ଷତା କରି କହିଲେ ଯେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ବହୁ ଗଠନମୂଳକ ପ୍ରସ୍ତାବ ଦେଇ ନିର୍ମାଣ ଶ୍ରମିକମାନଙ୍କ କଲ୍ୟାଣକୁ ତ୍ୱରାନ୍ୱିତ କରିଛି । କୋଭିଡ୍ ମହାମାରୀ ସମୟରେ ନିର୍ମାଣ ଶ୍ରମିକମାନଙ୍କ ଅବସ୍ଥାକୁ ଲକ୍ଷ୍ୟ କରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ସକ୍ରିୟ ନିର୍ମାଣ ଶ୍ରମିକ ଙ୍କୁ ୧,୫୦୦ ଟଙ୍କା ଲେଖାଏଁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିବାକୁ ବ୍ୟବସ୍ଥା କରାଯାଇଛି ଏବଂ ଏଥି ପାଇଁ ୩୧୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ଯାହାକି ଶ୍ରମିକମାନଙ୍କ ପାଇଁ ଫଳଦାୟକ ହେବାର ଲକ୍ଷ୍ୟ କରାଯାଇଛି । ଏହି ପରିପ୍ରେକ୍ଷୀରେ ସୂଚନା ଦେଇ ବୋର୍ଡର ଅଧ୍ୟକ୍ଷ ଶ୍ରୀ ଚ୍ୟାଉପଟ୍ଟନାୟକ କହିଲେ କି ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ଅଦ୍ୟାବଧି ୩୦ ଲକ୍ଷରୁ ଉର୍ଦ୍ଧ୍ୱ ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇ ମୋଟ ୧,୯୨୧ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏତଦ୍ବ୍ୟତୀତ, କୋଭିଡ୍ ମହାମାରୀ ସମୟରେ ୧୮ ଲକ୍ଷରୁ ଉର୍ଦ୍ଧ୍ୱ ନିର୍ମାଣ ଶ୍ରମିକଙ୍କୁ ୧,୫୦୦ ଟଙ୍କା ଲେଖାଏଁ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଚିତ୍ରା ଅରୁମୁଗମ୍ କ୍ୟାମ୍ପସ୍ ମାଧ୍ୟମରେ ସହାୟତା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିବା ସହ ହିତାଧିକାରୀମାନଙ୍କଠାରୁ ସିଧାସଳଖ ମତାମତ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ବୋର୍ଡର ସଦସ୍ୟ ସଚିବ ତଥା ରାଜ୍ୟ ଶ୍ରମ ଆୟୁକ୍ତ ଡ. ଥିରୁମାଳା ନାୟକ ପିପିଟି ମାଧ୍ୟମରେ ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବେ ବିବରଣୀ ପ୍ରଦାନ କରିଥିଲେ। ଏହାଛଡ଼ା ପ୍ରଯୁକ୍ତି ବିଦ୍ୟାକୁ ଉପଯୋଗ କରି ଶ୍ରମିକମାନଙ୍କ ନିକଟରେ କିପରି ମୋବାଇଲ୍ ଆପ୍ ଓ ୱେବ୍ ପୋର୍ଟାଲ୍ ମାଧ୍ୟମରେ ସେବା ଯୋଗାଇ ଦିଆଯିବ, ଯାହା ଫଳରେ କି ହିତାଧିକାରୀମାନେ ସେମାନଙ୍କ ନିଜ ଘରେ ରହି ସେବା ପାଇପାରିବେ ସେ ସମ୍ବନ୍ଧରେ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ କଲ୍ୟାଣ ବୋର୍ଡ ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନା ଯଥା-'ନିର୍ମାଣ ଶ୍ରମିକ ପକ୍କାଘର ଯୋଜନା', ପ୍ରବାସୀ ନିର୍ମାଣ ଶ୍ରମିକମାନଙ୍କ ସାମୟିକ ରହଣି ପାଇଁ 'ନିର୍ମାଣ ଶ୍ରମିକ ଆଶ୍ରୟ ଯୋଜନା', ଶିକ୍ଷା ସହାୟତା, ମୃତ୍ୟୁକାଳୀନ ସହାୟତା, ସ୍ୱାସ୍ଥ୍ୟ, ବିବାହ ଏବଂ ପ୍ରସୂତିକାଳୀନ ସହାୟତା ଇତ୍ୟାଦିର କାର୍ଯ୍ୟକାରିତା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଆଜିର ବୈଠକରେ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଶରତ କୁମାର ମିଶ୍ର, ଯୁଗ୍ମ ଶାସନ ସଚିବ ଶ୍ରୀ ଅଶୋକ କୁମାର ପଣ୍ଡା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ବିଘ୍ନଜିତ ମହନ୍ତ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ ଓ ବୋର୍ଡର ସଦସ୍ୟମାନେ ଉପସ୍ଥିତ ରହି ଭର୍ଚୁଆଲ୍ ମୋଡ୍ ରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାର ଅଗ୍ରଗତି ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ନିର୍ମାଣ ଶ୍ରମିକମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ବୋର୍ଡର ସଦସ୍ୟ ଶ୍ରୀ ସୁରେନ୍ଦ୍ର ସାଏ, ଶ୍ରୀମତୀ ପ୍ରଣତୀ ମିଶ୍ର, ଶ୍ରୀ ସୁରେଶ ଚନ୍ଦ୍ର ରାଉତରାଏ ଓ ଶ୍ରୀ ପ୍ରଶାନ୍ତ ପାଟଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାକ୍ତନ ବିଧାୟକ ସ୍ୱର୍ଗତ ମାନସ ମଲ୍ଲିକଙ୍କ ଶ୍ରାଦ୍ଧୋତ୍ସବ

ଭଦ୍ରକ, ୧୦/୧୦ (ହି.ସ.) - ଧାମନଗର ବ୍ଲକ ହସନାବାଦ ଠାରେ ଧାମନଗରର ପୂର୍ବତନ ବିଧାୟକ ସ୍ୱର୍ଗତ ମାନସରଞ୍ଜନ ମଲ୍ଲିକଙ୍କ ଅଷ୍ଟମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସଭାରେ ମାନସ ମଲ୍ଲିକ ସ୍ମୃତି କମିଟି ସଭାପତି ପ୍ରମୋଦ କୁମାର ଦାସଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ସାଂସଦ ମଞ୍ଜୁଲତା ମଣ୍ଡଳ, ସମ୍ମାନୀତ ଅତିଥି ଭଦ୍ରକ ବିଧାୟକ ସଞ୍ଜିବ ମଲ୍ଲିକ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ରାଜେନ୍ଦ୍ର ଦାସ, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ବିବିସିସି ସଭାପତି ରଘୁନାଥ ଲେଙ୍କା, ସାଂସଦ ପ୍ରତିନିଧି ନାରାୟଣ ଚନ୍ଦ୍ର ସାହୁ, ଜିଲା ଯୁବ ବିଜେଡି ସଭାପତି ମୁକୁନ୍ଦଦେବ ସାମଲ, ବିଜେଡି ବ୍ଲକ ସଭାପତି ଉମେଶ ମହାନ୍ତି, ସମିତିସଭ୍ୟ ପ୍ରଦୀପ ମଲ୍ଲିକ, ହରେକୃଷ୍ଣ ପାଢୀ, ମଳୟ ଜେନା, ବିଜେଡି ବ୍ଲକ ମହିଳା ସଭାନେତ୍ରୀ ସୁରତି ନାୟକ ପ୍ରମୁଖ ପ୍ରମୁଖ ଯୋଗଦେଇଥିଲେ । ସ୍ୱର୍ଗତ ମଲ୍ଲିକ ଜଣେ ରାଜନେତା ସହିତ ସମାଜସେବୀ, ପରୋପକାରି, ଦରଦି ମଣିଷ ଓ ଖବରକାଗଜର ସମ୍ପାଦକ ଥିଲେ । ଧାମନଗରର ବନ୍ୟାର ସ୍ଥାୟୀ ସମାଧାନ ହେଉ ଧାମନଗରର ବିକାଶ ପାଇଁ ସେ ବିଧାନସଭାରେ ସ୍ୱର ଉତ୍ତୋଳନ କରି ଚର୍ଚ୍ଚାରେ ଥିଲେ । ତାଙ୍କର ଏପରି ନିସ୍ୱାର୍ଥପର ଜନସେବା ଓ ତ୍ୟାଗପୂର୍ଣ୍ଣ ଜୀବନ ପାଇଁ ସେ ଧାମନଗର ଅଂଚଳରେ ବେଶ ପରିଚିତ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେଡି ମିଡିଆ ସେଲ ଅଧ୍ୟକ୍ଷ ପ୍ରଦୀପ କୁମାର ମହାପାତ୍ର, ସଂପାଦକ ସେକ ଜାଫର ଅଲ୍ଲୀ, ସାମ୍ବାଦିକ କିଷାନ ରାଉତ, ସନ୍ତୋଷ ଦାସ, ଦିପକ ସେନ, ସୁଶାନ୍ତ ନାୟକ, ପ୍ରତାପ ସାମଲ, ସାରଦା ପ୍ରସନ୍ନ ସାହୁ, ରାମଚନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ପତି, ନରେନ୍ଦ୍ର ନାରାୟଣ ନାୟକ, ଦିଲ୍ଲୀପ ମିଶ୍ର, ଅମିତ ମଲ୍ଲିକ, ବିଦ୍ୟାଧର ରାଉତ, ମାନସ ରାଉତ, ଗୌତମ ନାୟକ, ବିମ୍ବାଧର ବିଶ୍ୱାଳ, ରାଜେନ୍ଦ୍ର ପଲାଇ, ଉମେଶ ତ୍ରିପାଠୀ, ଭାନୁପ୍ରକାଶ ପଲାଇ, ହିତେଶ କୁମାର ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମଲ୍ଲିକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ମାନସ ମଲ୍ଲିକ ସ୍ମୃତି କମିଟି ପକ୍ଷରୁ ଲୋକଙ୍କୁ ମାସ୍କ ବଂଟନ କରାଯାଇଥିଲା ।

# କୁଳିଅଣା ନିକଟରେ ସଡକ ଦୁର୍ଘଟଣା ଜଣେ ମୃତ,ତିନି ଆହତ

ବାରିପଦା,୧୦।୧୦ (ନି.ପ୍ର): କୁଳିଆନା ଥାନା ଅନ୍ତର୍ଗତ ୧୮ ନମ୍ବର ଜାତୀୟ ରାଜପଥ ସହରୀ ଛକ ନିକଟରେ ଏକ ସଡକ ଦୁର୍ଘଟଣା ଘଟିଛି। ଏକ ଅଟୋରେ ଚାରିଜଣ ଲୋକ ଝାରପୋଖରିଆ ଅଂଚଳକୁ ଯାଉଥିବା ବେଳେ, ହଠାତ ଏକ ଛେଳି ସାମ୍ନାକୁ ଆସିଯିବାରୁ ଅଟୋଟି ରାସ୍ତା ଉପରେ ପାଲଟି ଯାଇଥିଲା। ଫଳରେ ଜଣେ ଗୁରତର ହେଇଥିଲା ବେଳେ ଅନ୍ୟ ତିନି ଜଣ ସାମନ୍ୟ ଆହତ ହେଇଛନ୍ତି। ଗୁରୁତରଙ୍କୁ କୁଳିଅଣା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ମୃତକ ଜଣକ ହେଉଛନ୍ତି ଝାରପୋଖରୀଆ ଅଂଚଳର ୬୦ ବର୍ଷୀୟ ସମା ସରେନ ବୋଲି ଜଣା ପଡ଼ିଛି। କୁଳିଅଣା ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଜାରି ରଖିଛି।

# ଖଡିଆଲ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଗୁଳିକାଣ୍ଡ

ନୂଆପଡା,୧୦।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଲ ସ୍ଥିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଏକ ଗୁଳିକାଣ୍ଡ ହୋଇଥିବା ସୂଚନା ମିଳିଛି । ଖଡିଆଲ ଗ୍ରାମ୍ୟ ଉନ୍ନୟନ ବିଭାଗର ୧୯ ଗୋଟି ଠିକା କାମକୁ ନେଇ ଏହି ଗୁଳିକାଣ୍ଡ ଘଟିଥିବା ବେଳେ ଜଣେ ଠିକାଦାର ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ଶୁକ୍ରବାର ଖଡିଆଲ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଠିକା କାମ ନେଇ ଟେଣ୍ଡର ଜଣାପଡିବା ପରେ ଠିକାଦାର ମାନେ ବିଭାଗୀୟ କାର୍ଯ୍ୟାଳୟକୁ ଯାଇ କିଏ କିଏ କାମ ପାଇଛି ବୋଲି ଦେଖୁଥିଲେ । ଏଥିରେ କଣ୍ଟାବାଞ୍ଜି ଏବଂ ଖଡିଆଳର ଠିକାଦାର ମାନେ ଥିଲେ । ହେଲେ ସେଠାରେ କିଛି ଠିକାଦାର ମାନଙ୍କ ମଧ୍ୟରେ ବଚସା ହୋଇଥିଲା । ହେଲେ ୨ ଗୋଟି ବନ୍ଧୁକ ନେଇ ଆସିଥିବା କଣ୍ଟାବାଞ୍ଜିର ଠିକାଦାର ଜଣକ ଅଫିସ ବାହାରକୁ ଆସି ଗୁଳି କରିଥିଲେ । ଏହି ଗୁଳି ଖଡିଆଳର ଠିକାଦାର ପବନ କୁମାର ଅଗ୍ରୱାଲଙ୍କ ବାମ ହାତକୁ ଛୁଇଁ ଚାଲି ଯାଇଥିଲା । ଯାହାଫଳରେ ପବନ କୁମାର ଅଗ୍ରୱାଲଙ୍କ ବାମ ହାତରେ ଅଳ୍ପ କ୍ଷତ ହୋଇଥିବା ବେଳେ ସେ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି । ଏନେଇ ପବନ କୁମାର ଅଗ୍ରୱାଲଙ୍କ ଅଭିଯୋଗ କ୍ରମେ ପୁଲିସ ୨୫୧/୨୦୨୦ ରେ ଏକ ମାମଲା ରୁଜୁ କରି କଣ୍ଟାବାଞ୍ଜିର ୩ ଜଣ ଠିକାଦାର ଗିରିଦାସ ସିଂ ମାଝୀ ଓ ତାଙ୍କ ଭାଇ ଶୋଭାରାଜ ସିଂମାଝୀଙ୍କ ସହ ଡ୍ରାଇଭର ଚୈତନ୍ୟ ମାଝୀଙ୍କୁ ଅଟକ ରଖିଛନ୍ତି । ଏହାସହ ୨ ଗୋଟି ବନ୍ଧୁକ ସହ ଇନୋଭା ଗାଡିକୁ ଜବତ କରିଥିବା ବେଳେ ପୁଲିସ ଘଟଣାର ତଦନ୍ତ ଚଲାଇଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

# ବିଜେଡିର ଜନ ସଚେତନତା କାର୍ଯ୍ୟକ୍ରମ

ନୂଆପଡା,୧୦।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଲ ବ୍ଲକ ଅନ୍ତର୍ଗତ ବଡଦୋହେଲ ଏବଂ ରିଷିଗାଁ ପଞ୍ଚାୟତରେ ବିଜେଡିର ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ତଥା ପଶ୍ଚିମ ଓଡିଶା ବିକାଶ ପରିଷଦର ବିଶେଷଜ୍ଞ ସଦସ୍ୟ ଲମ୍ବୋଦର ନିଆଲଙ୍କ ନେତୃତ୍ୱରେ ସରକାରଙ୍କ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ ଉପରେ ସଚେତନତା କରିଥିଲେ। ଏହି ଅବସରରେ ଲୋକଙ୍କୁ ମାସ୍କ ପ୍ରଦାନ କରାଯାଇଥିଲା । ରାଣିପୁର, ଲଛିପୁର, ସରଗାଦୀ, ବଡଦୋହେଲ ପ୍ରମୁଖ ଗ୍ରାମ ପରିକ୍ରମା କରିଥିଲା । ବ୍ଲକ ସଭାପତି ସନ୍ତୋଷ ବିଶି, ବ୍ଲକ ସମ୍ପାଦକ ଚନ୍ଦ୍ରଶେଖର ଜାନୀ, ଦୟା ଥପା, ସନ୍ତୋଷ ନିଆଲ, ପରୀକ୍ଷିତ ସତନାମୀ,ଶ୍ରୀହରୀ ଖାଡିଆ, ଲକ୍ଷ୍ମୀ ମହାନ୍ତି, ରେଖା ଦର୍ଜି, ଯମୁନା ତେଜି, ନିଖିଲ ମେହେର, ପପୁ, ପୂର୍ଣ୍ଣ, ଉପେନ୍ଦ୍ର ପ୍ରମୁଖ ଯୋଗ ଦେଇଥିଲେ ।

# କନ୍ଧମାଳ ଜିଲ୍ଲାରେ ମସାରି ବଣ୍ଟନ ପାଇଁ ଷ୍ଟିୟରିଙ୍ଗ କମିଟିର ବୈଠକ

କନ୍ଧମାଳ,୧୦।୧୦ (ନି.ପ୍ର): ସମଗ୍ର କନ୍ଧମାଳ ଜିଲ୍ଲାରେଥିବା ସମସ୍ତ ଲୋକଙ୍କୁ କିପରି କୋଭିଡ଼ ନିୟମ ଅନୁସାରେ ଦୁରତା ରକ୍ଷାକରି ମଶାରି ବଣ୍ଟନ କରାଯିବ ସେ ନେଇ ଏକ ବୈଠକ ଅନୁଷ୍ଠି ହୋଇଯାଇଛି ଏଥିରେ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଭିନିତ୍ ଅଗ୍ରୱାଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ରାଜଶ୍ରୀ ପଟ୍ଟନାୟକଙ୍କ ସମେତ ଜିଲ୍ଲା ସ୍ତରୀୟ କମିଟିର ସଦସ୍ୟ ମାନେ ଅଂଶ ଗ୍ରହଣ କରିଥିଲେ । ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଦୀର୍ଘସ୍ଥାୟୀ ଔଷଧିତ ମସାରି ବଣ୍ଟନ ନିମନ୍ତେ ଚଳିତ ବର୍ଷ ନୁତନ ଭାବରେ ଗଠିତ ଷ୍ଟିୟରିଙ୍ଗ କମିଟିର ଗୁଗୁଲ ମିଟ୍ କନ୍ଧମାଳ ଜିଲ୍ଲାପାଳ ଡା.ବୃନ୍ଦା ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ମ୍ୟାଲେରିଆ ପ୍ରବଣ ଅଂଚଳ ଗୁଡିକୁ ନିରନ୍ତର ଭାବରେ ଏବଂ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀଙ୍କ ସମେତ ଜିଲ୍ଲାର ସବୁ ଅଂଚଳରେ କାର୍ଯ୍ୟରତ ଏ.ଏନ.ଏମ, ସ୍ୱସ୍ଥ୍ୟକର୍ମୀ,ଆଶା, ଅଙ୍ଗନବାଡି କର୍ମୀ, ଜଙ୍ଗଲ ବିଭାଗୀୟ କର୍ମଚାରୀଙ୍କ ସମେତ ପୋଲିସ କର୍ମଚାରୀ ମାନେ ମଧ୍ୟ ସମ୍ପୃକ୍ତ ଅଂଚଳ ଗୁଡିକରେ ନିୟମିତ ଶିବିର କରି ବିଭିନ୍ନ ଦୃଶ୍ୟ,ଶ୍ରାବ୍ୟ ସାଧନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ମସାରି ବ୍ୟବହାର ଉପରେ ସଚେତନ କରାଇବା ସହିତ ସେମାନଙ୍କୁ ପ୍ରଦାନ କରାଯାଇ ଥିବା ମସାରି ଗୁଡିକ ସେମାନେ ନିୟମିତ ବ୍ୟବହାର କରୁଛନ୍ତି କି ନାହିଁ ତାହା ତଦାରଖ କରିବାକୁ ଏଥିରେ ଗୁରୁତ୍ୱ ଦିଆଯାଇଥିଲା । ଡା.ପ୍ରଭାକର ସାହୁ ମସାରି ଯୋଗାଣ ଏବଂ ବିତରଣ କାର୍ଯ୍ୟକ୍ରମ ବାବଦରେ ପ୍ରରମ୍ଭିକ ସୁଚନା ପ୍ରଦାନ କରିଥିଲେ । ଜିଲ୍ଲା ଭେକ୍ଟର ବାହିତ ରୋଗର ପରାମର୍ଶ ଦାତା କୁମୁଦଚନ୍ଦ୍ର ସାହୁ ପାୱାର ପଏଣ୍ଟ ଜରିଆରେ ମ୍ୟାଲରେିଆ ନିବାରଣ ପାଇଁ ଉପଦେୟ ତଥ୍ୟ ପ୍ରଦାନ କରିଥିଲେ । ବୈଠକରେ ମସାରି ବଣ୍ଟନ ବେଳେ କୋଭିଡ ନିୟମକୁ ପାଳନ କରାଯିବାକୁ ଗୁରୁତ୍ୱ ଦିଆଯାଇଛି । ଚଳତ ବର୍ଷ ୩ ପ୍ରକାରର ମସାରି ବଣ୍ଟନ କରାଯିବ । ୧୦ ବର୍ଷରୁ ୧୯ ବର୍ଷର କିଶୋର କିଶୋରୀ, ବିବାହିତ ବୟସ୍କ, ବିଧବା, ଭିନ୍ନକ୍ଷମ, ଦୀର୍ଘଦିନ ପୀଡିତ ବ୍ୟକ୍ତି, ୬୦ ବର୍ଷ କିମ୍ବା ତଦ୍ଉର୍ଦ୍ଧ ବ୍ୟକ୍ତି, ଆବାସିକ ବିଦ୍ୟାଳୟ ଛାତ୍ରଛାତ୍ରୀ, ପାରାମେଡିକାଲ ଫୋର୍ସ କର୍ମକର୍ତାଙ୍କୁ ସିଙ୍ଗଲ ମସାରି ପ୍ରଦାନ କରାଯିବ । ୫ ବର୍ଷରୁ କମ ଶିଶୁ ଓ ତାର ପିତାମାତା, ୫ ବର୍ଷରୁ ୧୦ ବର୍ଷର ଦୁଇଜଣ ପୁଅ କିମ୍ବା ଝିଅଙ୍କୁ ଡବଲ ମସାରି ଦିଆଯିବ, ସେହିପରି ଛୋଟଛୋଟ ଦୁଇଟି ପିଲା ଥିବା ଦମ୍ପତିଙ୍କୁ ଫାମିଲି ମସାରି ପ୍ରଦାନ କରାଯିବ । ଦୁଇରୁ ଅଧିକ ପିଲା(୫ ବର୍ହରୁ କମ ଦୁଇଜଣ ଓ ୫ ବର୍ଷରୁ ବଡ ଜଣେ ବା ଦୁଇଜଣ)ପିଲା ଥିବା ଦମ୍ପତିଙ୍କୁ ସିଙ୍ଗଲ/ଡବଲ ମସାରି ଦିଆଯିବ ବୋଲି ନିଷ୍ପତି ନିଆଯାଇଛି । ସେହି ସବୁ ଅଂଚଳରେ ରହୁଥିବା ସି.ଆର.ପି.ଏଫ, ବିଏସଏଫ, ଅନାଥାଶ୍ରମ, ସେବାଶ୍ରମ ଗୁଡିକର ଅନ୍ତେବାସୀଙ୍କୁ ମଧ୍ୟ ଏହି ମସାରି ଦିଆଯିବ । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ତୁମୁଡିବନ୍ଧ ଓ କୋଟଗଡ ବ୍ଲକରେ ଏହି ମସାରି ଦିଆଯିବ । ପରେ ଜିଲ୍ଲାର ଅନ୍ୟ ୧୦ଟି ବ୍ଲକରେ ଏହି ମସାରି ବଣ୍ଟନ କରାଯିବ ବୋଲି ଜଣାପଡିଛି ।

# ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ଦାବିରେ ସିପିଆଇଏମ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

ପୁରୀ,୧୦।୧୦ (ନି.ପ୍ର): ପୁରୀ ଜିଲ୍ଲା ସିପିଆଇଏମ୍ ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଥିବା ବିଦ୍ୟୁତ୍ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ କରୋନା ସମୟରେ ବିଦ୍ୟୁତ୍ ୟୁନିଟ୍ ପିଛା ୨୦ପଇସା ବୃଦ୍ଧି କରିଥିବାରୁ ଏହାକୁ ପ୍ରତ୍ୟାହାର କରିବା ପାଇଁ ନେତୃବୃନ୍ଦ ଦାବି କରିଥିଲେ । କରୋନା ସମୟରେ ଗ୍ରାହକଙ୍କ ଉପାର୍ଜନ କମିଥିବା ବେଳେ ବିଦ୍ୟୁତ୍ ବୃଦ୍ଧି ବୋଝ ଉପରେ ଲଳିତାବିଡା ସଦୃଶ ବୋଲି ଜିଲ୍ଲା ସଂପାଦକ ଶରତ ରାୟଗୁରୁ କହିଥିଲେ । ରାଜ୍ୟରେ ବିତରଣକାରୀ ସଂସ୍ଥା ଉପରେ ୬ହଜାର କୋଟି, ଶିଳ୍ପ ସଂସ୍ଥା ଉପରେ ୨୯୯୪ କୋଟି, ସରକାର ଉପରେ ୨ହଜାର କୋଟି ବକେୟା ବିଲ ଆଦାୟ ନକରି ଗରିବ ଖାଉଟିଙ୍କ ଉପରେ ଦରବୃଦ୍ଧି ଲଦିଦେବା ନିନ୍ଦନୀୟ ବୋଲି ଜଗନ୍ନାଥ ଦେଓ କହିଥିଲେ । ବିଦ୍ୟୁତ୍ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀଙ୍କ ମାଧ୍ୟମରେ ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗର ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ଦେଇଥିଲେ । ଏହି ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ରଣଜିତ୍ ନାୟକ, ଟୁନା ନାୟକ, ରବି ପ୍ରଧାନ, ବିଭୁତି ରାଉତରାୟ, ବାହାନ ପରିଡା, ପ ାନନ ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ରିଆଡ଼ମିଶନ ଫି ହ୍ରାସ ଘଟଣା

# ଚତୁର୍ଥ ଦିନରେ ପହଁଚିଲା ଛାତ୍ରଛାତ୍ରୀ ଅନଶନ, ଅନଶନରତ ଛାତ୍ର ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି

ବାରିପଦା,୧୦।୧୦ (ନି.ପ୍ର):- ମହାମାରୀ କରୋନା ସମୟରେ ଉତର ଓଡିଶା ବିଶ୍ୱବିଦ୍ୟାଳୟରେ ରିଆଡ଼ମିଶନ ଫି ବୃଦ୍ଧିକୁ ବିରୋଧ କରି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଆମରଣ ଅନଶନରେ ବସିଛନ୍ତି । ମଙ୍ଗଳବାର ଦିନ ରିଆଡ଼ମିଶନ ଫି ବୃଦ୍ଧିକୁ ବିରୋଧ କରି ଉତର ଓଡିଶା ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ଛାତ୍ର ଛାତ୍ରୀ ମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧରଣାରେ ବସିଥିଲେ। କିନ୍ତୁ ଦୁଇ ଦିନ ଧରି ଧାରଣ ଦେଇ ପ୍ରତିବାଦ କରିଥିଲେ ମଧ ବିଶ୍ୱବିଦ୍ୟାଳୟର କର୍ତୃପକ୍ଷ ଏ ବାବଦରେ କୋଣସି ଆଲୋଚନା କିମ୍ବା ସାକ୍ଷାତ ମଧ କରିନାହାନ୍ତି । ତେଣୁକରି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଆନ୍ଦୋଳନକୁ ତୀବ୍ରତର କରିବା ସହ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ତେବେ ଆଜି ଛାତ୍ରଛାତ୍ରୀ ମାନଙ୍କ ଅନଶନ ଚତୁର୍ଥ ଦିନରେ ପହଂଚିଛି। ଆଜି ଆମରଣ ଅନଶନ ରେ ବସିଥିବା ଶିକ୍ଷା ବିଭାର ଛାତ୍ର ସମୀର କୁମାର ଦାସଙ୍କ ଦେହ ଅସୁସ୍ଥ ହେବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କେଲଜ ଏବଂ ହସ୍ପିଟାଲକୁ ପଠାଯାଇଛି । ଛାତ୍ରଛାତ୍ରୀଙ୍କ ଦାବି ଅନୁଯାୟୀ, କରୋନା ମହାମାରୀ ସମୟରେ ଲୋକ ମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡିଛି। ଏହା ସହ ଶିକ୍ଷାବ୍ୟବସ୍ଥା ମଧ ସମ୍ପୂର୍ଣ ରୂପେ ବିପର୍ଯ୍ୟସ୍ତ ହୋଇପଡିଛି। ତେବେ ଦୀର୍ଘ ୭ ମାସରୁ ଉର୍ଦ୍ଧ୍ୱ ସମୟରେ ବିଶ୍ୱବିଦ୍ୟାଳୟରେ କୌଣସି କ୍ଲାସ ରୁମ ଶିକ୍ଷାଦାନ ହୋଇନଥିବା ସହ ବିଦ୍ୟୁତ ଓ ଆନୁସଙ୍ଗିକ ଖର୍ଚ୍ଚ ମଧ ହୋଇନଥିବା ବେଳେ ରିଆଡ଼ମିଶନ ଫି କି ଭଳି ଭାବରେ ପୂର୍ବବତ ସମାନ ରଖି ଛାତ୍ରଛାତ୍ରୀଙ୍କ ଠାରୁ ଶୋଷଣ କରାଯାଉଥିବା ଛାତ୍ରଛାତ୍ରୀ ମାନେ ଅଭିଯୋଗ କରିଛନ୍ତି। ମହାମାରୀ କରୋନା ସମୟରେ ରିଆଡ଼ମିଶନର ନୋଟିସ ଦେଇଥିବା ବେଳେ ରାଜ୍ୟ ବାହାରୁ ଶତାଧିକ ଛାତ୍ର ଛାତ୍ରୀ ଅଳ୍ପ ସମୟରେ ବିଶ୍ୱବିଦ୍ୟାଳୟରେ ଆସି କି ଭଳି ଫି ଦାଖଲ କରିବେ।ବାରମ୍ବାର ବିଶ୍ୱବିଦ୍ୟାଳୟ କର୍ତୃପକ୍ଷଙ୍କୁ ଦାବି କରୁଥିଲେ ଏବଂ ଏନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆଣିଥିଲେ ମଧ କେହି ଶୁଣିବାକୁ ନାରାଜ ବୋଲି ଅଭିଯୋଗ କରିଛନ୍ତି। କର୍ତୃପକ୍ଷଙ୍କ ସୂଚନା ଅନୁସାରେ ୯୮% ଛାତ୍ରଛାତ୍ରୀ ମାନେ ରିଆଡ଼ମିଶନ ଫି ଦାଖଲ କରିସାରିଛନ୍ତି। ତେବେ ବର୍ତମାନ ସ୍ଥିତିରେ ଟୁଇସନ ଫିର ୫୦ ପ୍ରତିଶତ ଛାଡ଼ କରିବାକୁ କର୍ତୃପକ୍ଷ ରାଜି ଥିବା ବେଳେ ୭୫ ପ୍ରତିଶତ ରିଆଡ଼ମିଶନ ଫି ଛାଡ଼ କରିବାକୁ ଛାତ୍ରଛାତ୍ରୀ ମାନେ ଦାବି ରଖିଛନ୍ତି। ତେବେ ଅନ୍ୟପଟେ ଏ ବାବଦରେ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରିବାକୁ ଚେଷ୍ଟା କରୁଥିଲେ ମଧ ସେମାନେ ଆଲୋଚନା କରୁନାହାନ୍ତି ବୋଲି ବିଶ୍ୱବିଦ୍ୟାଳୟର କର୍ତୃପକ୍ଷ କହିଛନ୍ତି। ବିଶ୍ୱବିଦ୍ୟାଳୟର ଛାତ୍ର ଚିତେଉଶ୍ୱର ବେହେରା,ଜୟଦେବ ପଣ୍ଡା, ବିଶ୍ୱରଞ୍ଜନ ରାଉତ, ଆଶୁତୋଷ ଦେ, ସମୀର କୁମାର ଦାସ, ପ୍ରଦୀପ କୁମାର ମୁର୍ମୁ ପ୍ରମୁଖ ରିଆଡ଼ମିଶନ ଫି ହ୍ରାସ ଦାବିରେ ଉତର ଓଡିଶା ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି।

# ରେଳ ଲାଇନ୍ ତଦାରଖ କରୁଥିବା ବେଳେ ଟ୍ରାକ୍ ରେ ଫସିଗଲେ କନିଷ୍ଠ ଯନ୍ତ୍ରୀ

## ଟ୍ରେନ୍ ଧକ୍କାରେ ପ୍ରାଣ ହରାଇଲେ

ଘଟଗାଁ,୧୦।୧୦ (ନି.ପ୍ର): ଶୁକ୍ରବାର ପୂର୍ବାହ୍ନରେ ରେଳ ଲାଇନ୍ ତଦାରଖ କରୁଥିବା ବେଳେ ଟ୍ରାକ୍ ରେ ଫସି ଯାଇଥିଲେ କନିଷ୍ଠ ଯନ୍ତ୍ରୀ । ଏହି ସମୟରେ ଆସୁଥିବା ଏକ ଟ୍ରେନ୍ ଧକ୍କାରେ କନିଷ୍ଠ ଯନ୍ତ୍ରୀଙ୍କ ମୃତ୍ୟୁ ଘଟିଛି । ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା ଢ଼େଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ସୀତାବିଞ୍ଜି ରେଳ ଷ୍ଟେସନ ନିକଟରେ । ମୃତ ଯନ୍ତ୍ରୀ ଜଣକ ନାମ ସନ୍ତୋଷ କୁମାର ଦାସ ଏବଂ ସେ କେନ୍ଦୁଝର ପୁରୁଣା ବଜାର ଅଂଚଳର ବୋଲି ଜଣାପଡିଛି । ଖବର ପାଇ ଘଟଣାସ୍ଥଳରେ ଢ଼େଙ୍କିକୋଟ ଫାଣ୍ଡି ଓ ଘଟଗାଁ ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି ।

# ବିଧାନସଭା ଗେଷ୍ଟ ହାଉସ୍ , ବିଧାୟକଙ୍କ ବାସଗୃହ ରକ୍ଷଣାବେକ୍ଷଣ ଦାୟିତ୍ୱ ନେବ ରାସ୍ତା ଓ କୋଠାବାଡ଼ି ଡିଭିଜନ୍-୧

ଭୁବନେଶ୍ୱର,୧୦।୧୦ (ନି.ପ୍ର): ବିଧାନସଭା ଅଧୀନସ୍ଥ ପଟେଲ ହଲ (ପୁରାତନ ବିଧାନସୌଧ), ପୂର୍ବତନ ବିଧାୟକଙ୍କ ଗେଷ୍ଟ ହାଉସ୍, ନୂତନ ଗେଷ୍ଟ ହାଉସ୍ ଏବଂ ବିଧାୟକ ଭବନର ରକ୍ଷଣାବେକ୍ଷଣ ରାସ୍ତା ଓ କୋଠାବାଡ଼ି ଡିଭିଜନ୍-୧ ଅଧୀନକୁ ଆଣିବା ପାଇଁ ଏକ ବୈଠକ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ପଟେଲ ହଲ (ପୁରାତନ ବିଧାନସୌଧ), ପୂର୍ବତନ ବିଧାୟକଙ୍କ ଗେଷ୍ଟ ହାଉସ୍, ନୂତନ ଗେଷ୍ଟ ହାଉସ୍,ବିଧାୟକ ଭବନ ଏବଂ ୟୁନିଟ୍-୪ରେ ଥିବା ବିଧାୟକମାନଙ୍କ ବାସଗୃହ ପୂର୍ତ୍ତ ବିଭାଗ ଅନ୍ତର୍ଗତ ଦୁଇଟି ଡିଭିଜନ୍ ଦ୍ୱାରା ରକ୍ଷଣାବେକ୍ଷଣ ହେଉଥିବାରୁ ଅନେକ ଅସୁବିଧା ପରିଲକ୍ଷିତ ହେଉଛି ବୋଲି ବୈଠକ ପ୍ରାରମ୍ଭରେ ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀ ସୂଚନା ଦେଇଥିଲେ। ତେଣୁ ଏହି କୋଠାଗୁଡ଼ିକ ରାସ୍ତା ଓ କୋଠାବାଡ଼ି ଡିଭିଜନ୍-୧ ଅଧୀନକୁ ଆଣିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ। ଏହି ଅସୁବିଧାକୁ ଦୃଷ୍ଟିରେ ରଖି ବୈଠକରେ ଉପରୋକ୍ତ କୋଠାଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନ୍-୧କୁ ହସ୍ତାନ୍ତର କରିବା ପାଇଁ ନିଷ୍ପତି ନିଆଯାଇଥିଲା। ଏଥି ନିମନ୍ତେ ଆବଶ୍ୟକୀୟ ବ୍ୟୟବରାଦ ମଧ କରାଯିବ। ତଦନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ନେବାକୁ ବାଚସ୍ପତି ଡ. ପାତ୍ର ସଂପୃକ୍ତ ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନ୍-୧ର ନିର୍ବାହୀ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଏବଂ ଜନସ୍ୱାସ୍ଥ୍ୟ ଡିଭିଜନ୍ ର ନିର୍ବାହୀ ଯନ୍ତ୍ରୀ ଉପସ୍ଥିତ ରହି ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିଥିଲେ।

# ଲାଂଚ ନେଇ ଭିଜିଲାନ୍ସ ହାତରେ ଧରାପଡିଲେ ସହକାରୀ ଯନ୍ତ୍ରୀ

ନୂଆପଡା,୧୦।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖରିଆର ରୋଡ ସ୍ଥିତ ସରକାରୀ ବାସଭବନରେ ଶୁକ୍ରବାର ଜାତୀୟ ରାଜପଥ ସହକାରୀ ଯନ୍ତ୍ରୀ ସଂଯୋଗ ମେହେର ୨୦ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ଭିଜିଲାନ୍ସ ବିଭାଗ କୋରାପୁଟ ଡିଭିଜନ ପକ୍ଷରୁ ଏକ ଦଳ ଖରିଆର ରୋଡ ସ୍ଥିତ ତାଙ୍କ ସରକାରୀ ବାସଭବନ ଉପରେ ଚଢ଼ଉ କରିଥିଲେ । ନୂଆପଡା ଜିଲା ଅନ୍ତର୍ଗତ କୋମନା ବ୍ଲକ ଗୋହିରାପଦର ଗ୍ରାମ ଠାରେ ଏକ ପେଟ୍ରୋଲ ପମ୍ପ କରିବା ନେଇ ସୁଶାନ୍ତ କୁମାର କୋଲହାର ନାମକ ବ୍ୟକ୍ତି ଆବେଦନ କରିଥିଲେ । ତାଙ୍କ ପେଟ୍ରୋଲ ପମ୍ପ ଜାତୀୟ ରାଜପଥ କଡରେ ନିର୍ମାଣ ହେବାକୁ ଥିବା କାରଣରୁ ଜାତୀୟ ରାଜପଥ ବିଭାଗର ଏକ ସାର୍ଟିଫିକେଟ ଦେବାକୁ ପଡିଥାଏ । ଏହି ରିପୋର୍ଟ ସକାଶେ ସେ ଖରିଆର ରୋଡ ସ୍ଥିତ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିଥିଲେ । କିନ୍ତୁ, ସହକାରୀ ଯନ୍ତ୍ରୀ ସଂଯୋଗ ମେହେର ଏହି କାମ ପାଇଁ ୨୦ ହଜାର ଟଙ୍କା ଲାଂଚ ଦାବୀ କରିଥିଲେ । ଏନେଇ ସୁଶାନ୍ତ ଭିଜିଲାନ୍ସ ବିଭାଗ ସହ ଯୋଗାଯୋଗ କରି ଶୁକ୍ରବାର ସହକାରୀ ଯନ୍ତ୍ରୀଙ୍କୁ ତାଙ୍କ ସରକାରୀ ବାସଭବନରେ ୨୦ ହଜାର ଟଙ୍କା ଲାଂଚ ଦେଇଥିଲେ । ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ ବିଭାଗ ଅଧିକାରୀ ମାନେ ଏହି ସମୟରେ ସେଠାରେ ଚଢ଼ଉ କରିଥିଲେ । ଏହା ଜାଣିପାରି ସହକାରୀ ଯନ୍ତ୍ରୀ ଶ୍ରୀ ମେହେର ଟଙ୍କାକୁ ଲୁଚାଇବାକୁ ଉଦ୍ୟମ କରି ଟଙ୍କା ଉପରେ ଛେପ ପକାଇ ତାଙ୍କୁ କରୋନା ହୋଇଛି ଏବଂ ତାଙ୍କୁ ଛୁଅନ୍ତୁ ନାହିଁ ବୋଲି କହିଥିଲେ । କିନ୍ତୁ ଶେଷରେ ଭିଜିଲାନ୍ସ ବିଭାଗ ତାଙ୍କୁ କାବୁ କରି ପ୍ରଲେପ ଦିଆ ଟଙ୍କା ଉଦ୍ଧାର କରି ଗିରଫ କରିଥିବା ସୂଚନା ମିଳିଛି । ଭବାନୀପାଟଣା ସ୍ଥିତ ଭିଜିଲାନ୍ସ କୋର୍ଟରେ ତାଙ୍କୁ ହାଜର କରାଯିବ ବୋଲି ଭିଜିଲାନ୍ସ ଡିଏସପି ସତ୍ୟବାନ ମହାନନ୍ଦ ପ୍ରକାଶ କରିଛନ୍ତି ।

# ନବଜାତ ଶିଶୁପୁତ୍ର ଉଦ୍ଧାର, ଚାଇଲ୍ଡ ଲାଇନକୁ ହସ୍ତାନ୍ତର

ଗଞ୍ଜାମ,୧୦।୧୦ (ନି.ପ୍ର): ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଥାନା ଅନ୍ତର୍ଗତ ବିରଂଚିପୁର ପଚାଂୟତ ରାମଚନ୍ଦ୍ରପୁର ଗ୍ରାମରେ ଆଜି ସକାଳୁ ଏକ ନବଜାତ ଶିଶୁ ପୁତ୍ରକୁ ଜୀବନ୍ତ ଅବସ୍ଥାରେ ଉଦ୍ଧାର କରାଯାଇଛି। ସକାଳୁ ସକାଳୁ ପବିତ୍ର ନାୟକ ତାଙ୍କ ଘର ବାଡ଼ିପଟେ ଯିବା ବେଳେ ଏହି ଶିଶୁପୁତ୍ରର କ୍ରନ୍ଦନ ସ୍ୱର ଶୁଣିବାକୁ ପାଇଥିଲେ । ଏହାପରେ ସେ ସ୍ଥାନୀୟ ଆଶାକର୍ମୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ । ଆଶା କର୍ମୀ ଶିଶୁପୁତ୍ରକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବୁଗୁଡ଼ା ଡ଼ାକ୍ତରଖାନାରେ ଭର୍ତି କରିଥିଲେ । ଖବର ପାଇ ବୁଗୁଡ଼ା ଥାନା ଅଧିକାରୀ ଘଟଣାସ୍ଥଳରେ ପହଂଚି ଛାନଭିନ୍ କରିବା ସହ ଏ ବାବଦରେ ବ୍ରହ୍ମପୁର ଚାଇଲ୍ଡ ଲାଇନକୁ ଖବର ଦେଇଛନ୍ତି । ଚାଇଲ୍ଡ ଲାଇନ୍ କର୍ମଚାରୀ ଘଟଣାସ୍ଥଳରେ ପହଂଚି ଶିଶୁଟିକୁ ନେବାର ସମ୍ଭାବନା ରହିଛି ।

# ଶେରଗଡ଼ ବ୍ଲକର ସମସ୍ତ ବିଦ୍ୟାଳୟରେ ରେଡ଼ିଓ ମାଧ୍ୟମରେ ପାଠପଢ଼ା ଆରମ୍ଭ

ଗଞ୍ଜାମ,୧୦।୧୦ (ନି.ପ୍ର): ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକର ସମସ୍ତ ବିଦ୍ୟାଳୟରେ ରେଡ଼ିଓ ମାଧ୍ୟମରେ ପାଠପଢ଼ା ଆରମ୍ଭ ହୋଇଛି । ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ଭାସ୍କର ଲେଙ୍କା କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ବିଭିନ୍ନ ବିଦ୍ୟାଳୟରେ ଏହାର ସ୍ଥିତି ଅନୁଧ୍ୟାନ କରିଥିଲେ । ଏଥିସହ କ୍ଲଷ୍ଟର ସ୍ତରରେ ସିଆରସିସି ଏଭଳି କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ, ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଉପସ୍ଥିତ ରହି ସାମାଜିକ ଦୂରତା ବଜାୟ ରଖିବା ସହ ଶିକ୍ଷକ ମାନଙ୍କ ଉପସ୍ଥିତିରେ ଶ୍ରେଣୀଗୃହରେ ରେଡ଼ିଓ ମାଧ୍ୟମରେ ପାଠ ଶୁଣିଥିଲେ ଓ ଏହାକୁ ଖାତାରେ ଲେଖିଥିଲେ । ବ୍ଲକ୍ ର ରିକ୍ସାପଲୀ, ଗୋବିନ୍ଦପୁର, ଢ଼ିଙ୍କିଶାଳ, ମହୁପଦର, ପଦ୍ମପୁର ସମେତ ଅନେକ ବିଦ୍ୟାଳୟରେ ରେଡ଼ିଓ ପାଠଶାଳା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସହ ବ୍ଲକ୍ ଶିକ୍ଷା ଅଧିକାରୀ ଶୈଳେନ୍ଦ୍ରୀ ଦଳାଇ ଏଥିରେ ସହଯୋଗ କରିଥିଲେ ।



# ଅଜାଗା ଘା’

ପାରାଲିସିସ୍ କିମ୍ବା ଦୀର୍ଘମିଆଦୀ ରୋଗ ଭୋଗୁଥିବା ଜଣେ ରୋଗୀ, ଯେ କି ନିଜର ସମସ୍ତ ସ୍ପର୍ଶ ଶକ୍ତି ବା ଅନୁଭବ ଶକ୍ତି ହରାଇ ଦେଇଥାଏ, ସେ ଏହି ପୀଡ଼ାକୁ ଅନୁଭବ କରିପାରେ ନାହିଁ କିମ୍ବା ନିଜର ଅବସ୍ଥିତିକୁ ପରିବର୍ତ୍ତନ କରିପାରେ ନାହିଁ । ଫଳରେ ଦୀର୍ଘ ସମୟର ଚାପ ହେତୁ ତା’ ଦେହରେ ବେଡ୍‌ସୋର୍ ହୋଇଥାଏ ।

ସାଧାରଣତଃ ଓଡ଼ିଆରେ ଗୋଟିଏ ଲୋକପ୍ରିୟ ଆପ୍ତବାକ୍ୟ ରହିଛି- ‘ଅଜାଗା ଘା’ କାହାକୁ ଦେଖିହୁଏ ନାହିଁ କି ଦେଖାଇ ହୁଏ ନାହିଁ ।’ ଅର୍ଥାତ୍ ଶରୀରର ଅଭ୍ୟନ୍ତର ତଥା ଗୋପନୀୟ ସ୍ଥାନରେ ଯନ୍ତ୍ରଣାସିକ୍ତ ଘା’, ସ୍ୱାଭାବିକ ଭାବରେ ଦେଖିହୋଇ ନଥାଏ କି ଲଜ୍ଜାବଶତଃ ଜଣେ କାହାକୁ ଦେଖାଇ ମଧ ପାରିନଥାଏ । ତେବେ ସମ୍ପ୍ରତି ଚିକିତ୍ସା ପଦ୍ଧତିର ବ୍ୟାପକତା ଓ ସ୍ୱାସ୍ଥ୍ୟ ପ୍ରଯୁକ୍ତିରେ ବିସ୍ମୟାତୀତ ଭାବରେ ବିଭିନ୍ନ ଅତ୍ୟାଧୁନିକ ସର୍ଜରୀ ପଦ୍ଧତି ବା ଔଷଧ ବ୍ୟବହାରରେ ଅଜାଗା ଗା’ ଆଉ ସେପରି ଭୟଙ୍କର ହୋଇ ରହିନାହିଁ ।

ଅଚଳ ଅବସ୍ଥାରେ ଜଣେ ଲୋକ ବିଛଣାରେ ଶୋଇ ରହିଲେ ଦେହର ଯେଉଁ ସ୍ଥାନ ବିଛଣାର ସଂସ୍ପର୍ଶରେ ଆସୁଥାଏ, ସାଧାରଣତଃ ସେହିଠାରେ ହିଁ ବେଡ୍‌ସୋର ହୋଇଥାଏ । ଏହି ସ୍ଥାନଗୁଡ଼ିକ ଭିତରେ ଦୁଇ ଗୋଇଠି, ପିଚା, ଦୁଇ କହୁଣି, ମେରୁ ହାଡ଼ର ନିମ୍ନଭାଗ ବା ତ୍ରିକାସ୍ଥି ଅଞ୍ଚଳ, କାନ୍ଧଫଳକ ଆଦି ପ୍ରଧାନ । ଦେହର ଓଜନ ସାଧାରଣତଃ ଏହିସବୁ କେନ୍ଦ୍ର ଦେଇ ବିଛଣାକୁ ବା ଭୂମିକୁ ଗତି କରିଥାଏ ଓ ସେଇଥିପାଇଁ ଏହିସବୁ ଅଞ୍ଚଳର ଅଧିକ ଚାପ ପଡ଼ି ବେଡ୍‌ସୋର୍ ହୋଇଥାଏ ।

ଏହି ଅଞ୍ଚଳଗୁଡ଼ିକରେ ଦେହର ଓଜନର ଚାପ ଏତେ ଅଧିକ ପରିମାଣର ପଡ଼େ ଯେ, ଏଠାରେ ଥିବା ରକ୍ତନଳୀଗୁଡ଼ିକ ଚାପି ହୋଇ ସଂକୁଚିତ ଓ ରକ୍ତଶୂନ୍ୟ ହୋଇଯାନ୍ତି । ଫଳରେ ସେହିସବୁ ଅଞ୍ଚଳକୁ ଆଉ ରକ୍ତ ପ୍ରବାହିତ ହୋଇପାରେ ନାହିଁ । ଏହାଦ୍ୱାରା ସେହିସବୁ ଅଞ୍ଚଳର ତନ୍ତୁଗୁଡ଼ିକ ଆବଶ୍ୟକ ପୁଷ୍ଟି ପାଇ ପାରନ୍ତି ନାହିଁ ଓ ମୃତ ହୋଇଯାନ୍ତି । ତନ୍ତୁ ମୃତ ହୋଇଗଲେ କ୍ଷତ ବା ଘା’ ସୃଷ୍ଟି ହୁଏ । ଏହି କ୍ଷତକୁ ହିଁ ବେଡ୍‌ସୋର୍ କୁହାଯାଏ ।



ବିଛଣାରେ ଶୋଇଥିବା ବେଳେ ଏହିସବୁ ଅଞ୍ଚଳରେ ଦେହର ଚାପ ପଡ଼ିଲେ ଜଣେ ସାଧାରଣ ସୁସ୍ଥ ଲୋକ ତାହା ସହଜରେ ଅନୁଭବ କରିପାରେ । ଏହା ଯୋଗୁଁ ତାକୁ ସାମାନ୍ୟ ପୀଡ଼ା ହୁଏ ଓ ତାହା ଜାଣି ପାରି ସେ ନିଜର ଅବସ୍ଥିତି ବଦଳାଇ ଦେଇ କଡ଼ ଲେଉଟାଇ ଶୁଏ । କିନ୍ତୁ ପାରାଲିସିସ୍ କିମ୍ବା ଦୀର୍ଘମିଆଦୀ ରୋଗ ଭୋଗୁଥିବା ଜଣେ ରୋଗୀ, ଯେ କି ନିଜର ଅବସ୍ଥିତିକୁ ପରିବର୍ତ୍ତନ କରିପାରେ ନାହିଁ । ଫଳରେ ଦୀର୍ଘ ସମୟର ଚାପ ହେତୁ ତା’ ଦେହରେ ବେଡ୍‌ସୋର୍ ହୋଇଥାଏ ।

ଅତି ବୃଦ୍ଧ ଲୋକମାନେ ନିଜ ଦେହର ପୀଡ଼ା ସାମାନ୍ୟ ପରିମାଣରେ ଅନୁଭବ କରିପାରୁଥିଲେ ମଧ ନିଜର ଅବସ୍ଥାନ ପରିବର୍ତ୍ତନ କରିବା ପାଇଁ ଶକ୍ତିହୀନ ହୋଇପଡ଼ିଥାନ୍ତି । ଫଳରେ ଗୋଟିଏ ଅବସ୍ଥାରେ ଶୋଇ ରହି ସେମାନେ ବେଡ୍‌ସୋର୍ ଭୋଗିଥାନ୍ତି ।

ଖାଦ୍ୟାଭାବ, ମନ୍ଦ ପୁଷ୍ଟି, ରକ୍ତହୀନତା ଆଦି ରୋଗରେ ରୋଗୀ ନିଜର ଚଳତ୍‌ଶକ୍ତି ହରାଇବସେ ଓ ବିଛଣାରେ ଏପଟ ସେପଟ ହୋଇପାରେ ନାହିଁ । ଫଳରେ ଖୁବ୍ ସହଜରେ ସେ ବେଡ୍‌ସୋରରେ ଶିକାର ହୁଏ । ଅତି କ୍ଷୀଣକାୟ ଲୋକମାନଙ୍କର ଅସ୍ଥି ଓ ଚର୍ମ ମଧରେ ଅତି ଅଳ୍ପ ପରିମାଣରେ ଚର୍ବି ରହିଥାଏ, ଯାହା ଫଳରେ ଚାପ ପଡୁଥିବା ଅଞ୍ଚଳଗୁଡ଼ିକରେ ଅଧିକ ଚାପ ପଡ଼ି ବେଡ୍‌ସୋର୍ ସୃଷ୍ଟି ହୋଇଥାଏ ।

ତେବେ ଅନେକ ରୋଗୀଙ୍କ କ୍ଷେତ୍ରରେ ଦେଖାଯାଇଥାଏ କି ସବୁ ଘା’ ବେଡ୍‌ସୋର୍ ହୋଇନଥାଏ । ଭୁଲ ଭାବରେ ବା ଅପ୍ରଶିକ୍ଷିତ ଭେଷକ ତତ୍ତ୍ୱାବଧାରକମାନଙ୍କଠାରୁ ଯନ୍ତ୍ରଣା ନିବାରକ, ଆଣ୍ଟିବାୟୋଟିକ୍ ଇଂଜେକ୍‌ସନ୍ ନେବା ଦ୍ୱାରା ମଧ କ୍ଷତଟି ପରବର୍ତ୍ତୀ ସମୟରେ ଭୟଙ୍କର ଘା’ର ରୂପ ନେଇ ତାହା ଅପରେସନ୍ ବା ସ୍ଥଳବିଶେଷରେ ପ୍ଲାଷ୍ଟିକ୍ ସର୍ଜରୀର ସହାୟତା ନେବାକୁ ପଡ଼ିଥାଏ । ଯାହାକି ବହୁ ବ୍ୟୟବହୁଳ ଓ ସମୟସାପକ୍ଷ । ଜଣକରର ନିର୍ଦ୍ଦିଷ୍ଟ ଚିକିତ୍ସା ବା ନିଦାନ ବ୍ୟବସ୍ଥା ପାଇଁ ଭେଷକ ଚିକିତ୍ସକ ବା ଶଲ୍ୟ ବିଶେଷଜ୍ଞ ନିର୍ଦ୍ଧାରିତ ଭାବରେ ରୋଗୀ ପାଇଁ ସ୍ୱାସ୍ଥ୍ୟପଯୋଗୀ ଚିକିତ୍ସା ବ୍ୟବସ୍ଥା



### ସତର୍କତା :

- ବେଡସୋର୍ ବା ସେହିପରି ଯନ୍ତ୍ରଣାଦାୟକ ଘା’ ପାଇଁ ଭୟଭୀତ ହୁଅନ୍ତୁ ନାହିଁ ।
- ଗୁଣିଗାରେଡି, ହୁକୁମ୍ ବା ଦେଶୀୟ ଚିକିତ୍ସା ଅପେକ୍ଷା ତୁରନ୍ତ ସର୍ଜରୀ ବିଶେଷଜ୍ଞଙ୍କ ସାହାଯ୍ୟ ନିଅନ୍ତୁ ।
- ରୋଗୀ ନିଜର ବିଛଣାପତ୍ର ପରିଷ୍କାର ରଖନ୍ତୁ, ସ୍ନାନ ନ କରୁଥିଲେ ଚିକିତ୍ସକଙ୍କ ପରାମର୍ଶାନୁଯାୟୀ
- ଦେହର ସବୁ ଆଡ଼େ ଉଷୁମ ପାଣିରେ ଡେଟଲ୍ ବା ସାଭଲନ୍ ପାଣିରେ ପୋଛି ଦିଅନ୍ତୁ । ଦେହରେ ସ୍ୱାସ୍ଥ୍ୟାନୁମୋଦିତ ପାଉଡର ବ୍ୟବହାର କରିପାରନ୍ତି ।
- ଘା’ ସଫା ବା ସଂସ୍ପର୍ଶରେ ଆସୁଥିବା ବର୍ଜ୍ୟବସ୍ତୁ ଗଜ୍ ଇତ୍ୟାଦି ଘରଠାରୁ ଯଥେଷ୍ଟ ଦୂରରରେ ପୋଡ଼ି ଦିଅନ୍ତୁ ।
- ରୋଗୀଙ୍କ ସଂସ୍ପର୍ଶରେ ଆସୁଥିବା ଚିକିତ୍ସକ ବା ଡ୍ରେସର୍‌ଙ୍କ ସମେତ ସମସ୍ତେ ଗ୍ଲୋଭ୍‌ସ ବ୍ୟବହାର କରିବା କଥା କିମ୍ବା ହାଇଜେନିକ୍ ସାବୁନ୍‌ରେ ହାତ ସଫା ରଖନ୍ତୁ ।
- ଦୀର୍ଘ ଦିନ ଘା’ ଶୁଖିବା ମଧୁମେହର ବି ଅନ୍ୟତମ ଲକ୍ଷଣ । ରକ୍ତ ଅପରିଷ୍କାରର ଭୟ ରହିଛି । ରକ୍ତ ପରୀକ୍ଷା ଏ କ୍ଷେତ୍ରରେ ଜରୁରୀ ।
- କ୍ଷତର ଅଭ୍ୟନ୍ତରରେ ଗଜ୍ ବା ତୁଳା ସଦାସର୍ବଦା ଧୂଳି ଓ ପବନଠାରୁ ଦୂରେରଇ ରହିବା ଅତ୍ୟନ୍ତ ଜରୁରୀ । ଷ୍ଟେରିଲାଇଜ୍‌ଡ ଜିନିଷ ବ୍ୟବହାର କରନ୍ତୁ ।
- ଏହା ପାଇଁ ବିଚଳିତ, ଚିନ୍ତିତ ନ ହୋଇ ବରଂ ଭଲ ଭାବରେ ଡ୍ରେସିଂ ହୋଇ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ନିଜ ଦାୟିତ୍ୱ ଓ କର୍ମରେ ବ୍ୟସ୍ତ ରୁହନ୍ତୁ ।
- ସଦା ସର୍ବଦା ଈଶ୍ୱର ଚିନ୍ତନରେ ନିମଗ୍ନ ରହି ନିଜେ ଜଣେ ରୋଗୀ ଏ ଚିନ୍ତା ଆଦୌ ମନ ଭିତରକୁ ଆଣନ୍ତୁ ନାହିଁ, ଦେଖିବେ ଆପଣ ଜାଣିନଥିବେ କିନ୍ତୁ ଘା’ ବା କ୍ଷତ ଜମା ନଥିବ ।

# ପିଲାଙ୍କୁ ବୁଝାନ୍ତୁ ସମ୍ପର୍କର ମହତ୍ତ୍ୱ

ଆଜି ପିଲାମଙ୍କୁ ଅଭିଭାବକମାନେ ସବୁ ସୁଖ ସୁବିଧା ଦେଉଛନ୍ତି । ନିଜେ ପଛେ ଅସୁବିଧାରେ ଚଳୁଛନ୍ତି, କିନ୍ତୁ ପିଲାଙ୍କ ସୁଖ ସୁବିଧାରେ ଯେମିତି କୌଣସି ଅଭାବ ରହିବ ନାହିଁ, ସେଥିପ୍ରତି ବେଶ୍ ଯତ୍ନବାନ ହେଉଥିବା ଦେଖିବାକୁ ମିଳୁଛି । ତେବେ ବର୍ତ୍ତମାନ ଅଧିକାଂଶ ଅଭିଭାବକ ପିଲାଙ୍କ ପାଠପଢ଼ା ଦିଗରେ ବେଶ୍ ସଚେତନ । ତେଣୁ ଘରେ ଅଧିଦକ ଗହଳି ଚହଳି ହେଉ ବୋଲି ଚାହୁଁନାହାନ୍ତି । ଫଳରେ ବନ୍ଧୁବାନ୍ଧବ, ସମ୍ପର୍କୀୟଙ୍କଠାରୁ ଦୂରେଇ ରହୁଛନ୍ତି । ଏହା ପିଲାଙ୍କ ଉପରେ ଖରାପ ପ୍ରଭାବ ପକାଉଛି । ଆଜିର ବ୍ୟସ୍ତ ଜୀବନଶୈଳୀ ଯୋଗୁଁ ଅଧିକାଂଶ ବ୍ୟକ୍ତିଙ୍କ ପାଖରେ ସମୟର ଘୋର ଅଭାବ । ସେଥିପାଇଁ ସେମାନେ ସାମାଜିକ ଉତ୍ସବ, ଭୋଜିଭାତ ଆସର ଆଦିରେ ଯୋଗ ଦେଇପାରୁନାହାନ୍ତି । ଫଳରେ ଧୀରେ ଧୀରେ ସମ୍ପର୍କୀୟଙ୍କଠାରୁ ଦୂରେଇ ଯାଉଛନ୍ତି । ଏହାର ପ୍ରଭାବ ଛୋଟ ପିଲାଙ୍କ ଉପରେ ପଡୁଛି ଏବଂ ପିଲାମାନେ ସମ୍ପର୍କର ମାନେ କିଛି ବୁଝୁ ନାହାନ୍ତି । କୁହାଯାଏ, ମଣିଷ ଜନ୍ମ ହେଲା ପରେ ସମ୍ପର୍କରେ ବାନ୍ଧି ହୋଇଯାଏ ଏବଂ ସେ ଛୋଟବେଳୁ ସମ୍ପର୍କର ଶୀତଳ ସ୍ପର୍ଶ ପାଏ । କିନ୍ତୁ ପରିବର୍ତ୍ତନଶୀଳ ପରିବେଶ ଯୋଗୁଁ ବ୍ୟକ୍ତି ସମ୍ପର୍କୀୟଙ୍କଠାରୁ ଦୂରେଇ ରହେ । ଏହାର ଖରାପ ପ୍ରଭାବ ପିଲାଙ୍କ ଉପରେ ପଡ଼େ । ଏହା ଦ୍ୱାରା ପିଲାମାନେ ନା ପରମ୍ପରା ବିଷୟରେ ଜାଣନ୍ତି ନା ସେମାନେ ସମସ୍ତଙ୍କୁ ଭଲ ବ୍ୟବହାର କରିପାରନ୍ତି । ପିଲାଏ ସମ୍ପର୍କକୁ ବୁଝିପାରନ୍ତି ନାହିଁ କି ସମ୍ପର୍କୀୟଙ୍କୁ ଚିହ୍ନି ପାରନ୍ତି ନାହିଁ । ତେବେ ଏହାର କାରଣ ଗୁଡ଼ିକ କ’ଣ ଆସନ୍ତୁ ଜାଣିବା ।



### ସମୟର ଅଭାବ :

ଆଜି ବ୍ୟକ୍ତି ଏତେ ବ୍ୟସ୍ତ ହୋଇଯାଉଛି ଯେ, ନିଜ ପାଖରେ ନିଜ ପାଇଁ ସମୟ ନାହିଁ । ଏହା ମଧରେ କିପରି ସମ୍ପର୍କୀୟଙ୍କ ସହିତ ସମ୍ପର୍କ ରଖିବ ଓ ପିଲାଙ୍କୁ ସମ୍ପର୍କର ମାନେ ବୁଝାଇବ । ଯାହାଦ୍ୱାରା ଧୀରେ ଧୀରେ ସମ୍ପର୍କର ମୂଲ୍ୟ ହ୍ରାସ ବୁଝାଇବ । ଯାହା ଦ୍ୱାରା ଧୀରେ ଧୀରେ ସମ୍ପର୍କର ମୂଲ୍ୟ ହ୍ରାସ ହେଉଛି । ପିଲାଏ ସାମାଜିକ ସମ୍ପର୍କକୁ ଗୁରୁତ୍ୱ ଦେଉନାହାନ୍ତି କିମ୍ବା କିଛି ଅତି ନିକଟ ସମ୍ପର୍କୀୟଙ୍କୁ ଛାଡ଼ିଦେଲେ ଅନ୍ୟମାନଙ୍କୁ ଚିହ୍ନି ପାରୁ ନାହାନ୍ତି ।

### ଏକୁଟିଆ ପରିବାର :

କିଛି ବର୍ଷ ତଳେ ଲୋକମାନେ ଯୌଥ ପରିବାରରେ ରହୁଥିଲେ । କିନ୍ତୁ ଆଜି ଏକୁଟିଆ ପରିବା ବେଶି

ବର୍ତ୍ତମାନ ଅଧିକାଂଶ ଅଭିଭାବକ ପିଲାଙ୍କ ପାଠପଢ଼ା ଦିଗରେ ବେଶ୍ ସଚେତନ । ତେଣୁ ଘରେ ଅଧିକ ଗହଳି ଚହଳି ହେଉ ବୋଲି ଚାହୁଁନାହାନ୍ତି । ଫଳରେ ବନ୍ଧୁବାନ୍ଧବ, ସମ୍ପର୍କୀୟଙ୍କଠାରୁ ଦୂରେଇ ରହୁଛନ୍ତି । ଏହାର ପ୍ରଭାବ ଛୋଟ ପିଲାଙ୍କ ଉପରେ ପଡୁଛି ଏବଂ ପିଲାମାନେ ସମ୍ପର୍କର ମାନେ କିଛି ବୁଝୁ ନାହାନ୍ତି ।

ଦେଖିବାକୁ ମିଳୁଛି । ଏହି ଛୋଟ ପରିବାରରେ ଅତି ବେଶିରେ ଚାରିରୁ ପାଞ୍ଚ ଜଣ ସଦସ୍ୟ ରହୁଛନ୍ତି । ଏହାଦ୍ୱାରା ପିଲାଏ ଅନ୍ୟ ରକ୍ତ ସମ୍ପର୍କୀୟଙ୍କ ସମ୍ପର୍କରେ ବିଶେଷ କିଛି ଜାଣିପାରନ୍ତି ନାହିଁ । ପିଲାମାନେ ପରମ୍ପରାଠାରୁ ଦୂରେଇ ରୁହନ୍ତି । କାରଣ ପିତାମାତାଙ୍କ ପାଖରେ ସମୟର ଘୋର ଅଭାବ ଯୋଗୁଁ ପିଲାମାନଙ୍କୁ ସାଂସ୍କୃତିକ ସଂସ୍କାର ବିଷୟରେ ବୁଝାଇ ପାରନ୍ତିନି ।

### ଏକଲାପଣ :

ଧୀରେ ଧୀରେ ସବୁ ଜିନିଷର ଦରଦାମ ଆକାଶଛୁଆଁ ହେବାରେ ଲାଗିଛି । ପନିପରିବାଠାରୁ ଆରମ୍ଭ କରି ପିଲାଙ୍କ ପଢ଼ା, ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ଆବଶ୍ୟକତା ପୂରଣ ପାଇଁ ଅଧିକରୁ ଅଧିକ ଟଙ୍କା ଦରକାର ହେଉଛି । ଏହାକୁ ଦୃଷ୍ଟିରେ ରଖି ଉଭୟ ସ୍ୱାମୀ ଓ ସ୍ତ୍ରୀ ଚାକିରି କରିବାକୁ ଇଚ୍ଛା କରୁଛନ୍ତି । ପିତାମାତା ଦୁହେଁ କର୍ମଜୀବି ହେବା ଫଳରେ ପିଲାମାନଙ୍କୁ ଏକୁଟିଆ ସମୟ ବିତାଇବାକୁ ପଡ଼େ । ପିଲା ଘରେ ଏକା ଥିାବ ସମୟରେ କମ୍ପ୍ୟୁଟର, ଟିଭି, ସହିତ ବନ୍ଧୁତା କରୁଛନ୍ତି । ଏହାଦ୍ୱାରା ସେମାନେ ସଂସ୍କାର ଓ ପରମ୍ପରା କ’ଣ ଜାଣିପାରୁ ନାହାନ୍ତି । ପିଲାଏ ଶୃଙ୍ଖଳା ଓ ସଂସ୍କାର କେଳବ ପିତାମାତାଙ୍କ ଠାରୁ ଜାଣିଥାନ୍ତି । କିନ୍ତୁ ଯେତେବେଳେ ପିତାମାତା ଉଭୟେ ପିଲାଙ୍କଠାରୁ ଦୂରେଇ ରୁହନ୍ତି ସେସବୁ ସମ୍ଭବ ହୋଇପାରୁ ନାହିଁ ।

### ଦେଖାଇ ହେବା ଯୁଗ :

ହାଇଟେକ୍ ଲାଇଫ୍ ଷ୍ଟାଇଲ୍‌ରେ ଆଜି ପ୍ରତ୍ୟେକ



କ୍ଷେତ୍ରରେ ଦେଖାଇ ହେବା ଗୁଣ ସମସ୍ତଙ୍କଠାରେ ଦେଖାଯାଉଛି । ଏଥିପାଇଁ ସମସ୍ତ ସମ୍ପର୍କ ଓ ପରମ୍ପରା ଧୀରେ ଧୀରେ ଲୋପ ପାଉଛି । ଏହାର ଖରାପ ପ୍ରଭାବ ପିଲାଙ୍କ ଉପରେ ପଡୁଛି । ତେଣୁ ସମ୍ପର୍କରେ କମ୍ ଓ ଦେଖାଇ ହେବାରେ ରୁଚି ଅଧିକ ରହୁଛି ।

### ଟଙ୍କା ସହିତ ସମ୍ପର୍କକୁ ତୁଳନା :

ଆଜି ସମ୍ପର୍କର ମହତ୍ତ୍ୱକୁ ଟଙ୍କା ସହିତ ତୁଳନା କରାଯାଉଛି । କାରଣ ପିତାମାତା ସମ୍ପର୍କକୁ କମ୍ ଓ ଟଙ୍କା ପଇସାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଏହି ବାତାବରଣ ଦେଖି ପିଲା ମଧ ସମ୍ପର୍କକୁ ପସନ୍ଦ କରୁନାହାନ୍ତି । ମନୋଚିକିତ୍ସକଙ୍କ ଅନୁସାରେ, ପରିବାରରେ ପିତାମାତାଙ୍କ ଗୁରୁତ୍ୱ ଯେଉଁଥିରେ ରହେ ପିଲାମାନଙ୍କର ମଧ ସେଥିରେ ରହେ । ତେଣୁ ସମ୍ପର୍କଠାରୁ ପିଲା ଦୂରେଇ ଯାଉଛନ୍ତି ।

### କିପରି ବୁଝାଇବେ ପିଲାଙ୍କୁ:

ଆଜିର ମଣିଷ ଆଧୁନିକ ଯୁଗ ସହିତ ତାଳଦେଇ ଚାଲୁଛି । ଏହାର ମାନେ ନୁହେଁ ଯେ, ପାରିବାରିକ ପରମ୍ପରା ଓ ସମ୍ପର୍କୀୟଙ୍କଠାରୁ ଦୂରେଇଯିବା । ତେଣୁ ପିଲାଙ୍କୁ ଭଲ ମଣିଷ କରିବାକୁ ହେଲେ ସମସ୍ତ ସମ୍ପର୍କୀୟ ତଥା ଜେଜେ ବାପା- ଜେଜେମା’, ଦାଦା, ଖୁଡ଼ୀ, ପିଉସୀ, ପିଇସା ସମସ୍ତଙ୍କ ସହ ଭଲ ସମ୍ପର୍କ ରଖିବା ସେମାନଙ୍କୁ ଶିଖାନ୍ତୁ । ପିଲାଙ୍କୁ ଛୋଟ ବେଳୁ ସମ୍ପର୍କର ମହତ୍ତ୍ୱ ବୁଝାନ୍ତୁ । ଯଦି ପିଲା ଛୋଟ ହୋଇଥାଏ ତେବେ କାଗଜରେ କଣ୍ଢେଇ ତିଆରି କରି ପରିବାରର ସମସ୍ତ ସଦସ୍ୟଙ୍କ ନାମ ଦେଇ ଗୋଟିଏ ଜାଗାରେ ଏକାଠି ରଖନ୍ତୁ । ଏହାଦ୍ୱାରା ସେମାନେ ସହଜରେ ସମ୍ପର୍କକୁ ବୁଝିପାରିବେ । ପରିବାର ଏକ ବୃକ୍ଷ ପରି, ଏଥିପାଇଁ ଚିତ୍ର ଆଙ୍କି ଏଥିରେ ପରିବାର ସଦସ୍ୟଙ୍କ ଫଟୋ ଆଙ୍କନ୍ତୁ । ଦାଦା-ଖୁଡ଼ୀ ଓ ପିଉସୀ-ପିଇସା ଚିହ୍ନେଇବା ପାଇଁ ଅଲଗା ଅଲଗା ସମୟ ଦିଅନ୍ତୁ । ଏହାଦ୍ୱାରା ପିଲାଏ ସମ୍ପର୍କକୁ ସହଜରେ ବୁଝିପାରିବେ । ଦୂରେଇ ରହୁଥିବା ସମ୍ପର୍କୀୟମାନଙ୍କ ସହ ପିଲାମଙ୍କ ସପ୍ତାହରେ ଅତିକମ୍‌ରେ ଥିରେକିମ୍ବା ଦୁଇଥର କଥା କରାନ୍ତୁ । ଛୋଟ ଛୋଟ ଉପହାର ମଧ ସେମାନଙ୍କ ପାଖକୁ ପଠାନ୍ତୁ । ଏହାଦ୍ୱାରା ପିଲା ବୁଝିପାରିବ ଦୂର ସମ୍ପର୍କ କ’ଣ ? ପିଲାଙ୍କୁ ମାସକୁ ଥରେ ସମ୍ପର୍କୀୟଙ୍କ ଘରକୁ ନିଅନ୍ତୁ । ପିଲାଙ୍କ ଆଗରେ କେବେ ବି ପରିବାରର କୌଣସି ବିଷୟରେ ଖରାପ କଥା କୁହନ୍ତୁ ନାହିଁ ।




## ସ୍ୱାସ୍ଥ୍ୟ ମନ୍ତ୍ର

ଗଳା କ୍ଷତ ଏକ ସାଧାରଣ ସମସ୍ୟା । ବୟସ୍କଙ୍କ କ୍ଷେତ୍ରରେ ଏହା ସେଭଳି କୌଣସି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରାଏନାହିଁ। ତେବେ, ଛୋଟ ବିଲାଙ୍କ କ୍ଷେତ୍ରରେ ଏହାକୁ ଅଣଦେଖା କରିବା ଅନୁଚିତ। ବେଳେ ବେଳେ ଷ୍ଟ୍ରେପ୍‌ଟୋକୋକାଲ୍ ନାମକ ଜୀବାଣୁ ଯୋଗୁଁ ଏହା ହୋଇଥାଏ। ଏହାର ଚିକିତ୍ସା କରାନଗଲେ, ଜ୍ୱର ଓ ବୃକ୍କ ପ୍ରଦାହ ହୋଇପାରେ। ଗଳାରେ କ୍ଷତ ହେଲେ ଘରେ ରହନ୍ତୁ; ବାହାରକୁ ଯାଆନ୍ତୁ ନାହିଁ। ଯଥେଷ୍ଟ ପାଣି ପିଅନ୍ତୁ ଏବଂ ବିଶ୍ରାମ ନିଅନ୍ତୁ। ନିୟମିତ ଉଷୁମ ପାଣି କୁଳି କରନ୍ତୁ। ତେଲ ମସଲାଯୁକ୍ତ ଖାଦ୍ୟ ଖାଆନ୍ତୁନାହିଁ। ଧୂଳି ଧୂମଠାରୁ ଦୂରେଇ ରହନ୍ତୁ। ଅନ୍ୟର ଜିନିଷ ବ୍ୟବହାର କରନ୍ତୁନାହିଁ। ଛିଙ୍କିଲା ବେଳେ ଭୁହଁରେ ରୁମାଲ ଦିଅନ୍ତୁ। ଅଠଚାଳିଶ ଘଣ୍ଟା ଭିତରେ ଅବସ୍ଥାରେ ପରିବର୍ତ୍ତନ ନ ଆସିଲେ, ଜ୍ୱର ୧୦୧ ଫାରେନ୍‌ହାଇଟ୍ ଉପରେ ରହିଲେ ଗଳା ନାଳି ଦିଶିଲେ, ଶ୍ୱାସକ୍ରିୟାରେ କଷ୍ଟ ହେଲେ, ଚିକିତ୍ସକଙ୍କୁ ଭେଟନ୍ତୁ।

## ରକ୍ତ ପୋଖରୀ

ଜାପାନ୍‌ର ବେପ୍ପୁ ସହର ସ୍ଥିତ ଚିନୋଏକି ଜିଗୋକୁ ଏକ ଅଦ୍ଭୁତ ପୋଖରୀ । ଜାପାନୀ ଶବ୍ଦ ଚିନୋଏକି ଜିଜୋକୁର ଅର୍ଥ ‘ରକ୍ତିମ ନର୍କ ପୋଖରୀ’ । ପୋଖରୀର ପାଣି ରକ୍ତ ଭଳି ଲାଲ୍ । ତେବେ ପାଣିପାଗ ଅନୁସାରେ ପୋଖରୀ ଜଳର ରଙ୍ଗ ପରିବର୍ତ୍ତନ ହୋଇଥାଏ । ଖରାଦିନେ, ପୋଖରୀ ରଙ୍ଗ ନାରଙ୍ଗୀ-ଲାଲ୍‌ରେ ବଦଳିଯାଏ । ବାଦଲ ଘୋଟିଥିଲେ ଉଜ୍ଜ୍ୱଳ ଲାଲ୍ ହୋଇଯାଏ । ଝଡ ତୋଫାନରେ ଏ ଅଞ୍ଚଳ ରହସ୍ୟମୟୀ ହୋଇଯାଏ ଅର୍ଥାତ ପୋଖରୀ ଜଳ ରକ୍ତ ଭଳି ଲାଲ୍ ହୋଇଯାଏ । ଅତ୍ୟଧିକ ପରିମାଣର ମ୍ୟାଗ୍ନେସିୟମ ଓ ଆଇରନ୍ ଅକ୍ସାଇଡ୍ ପାଇଁ ପାଣିର ରଙ୍ଗ ଲାଲ୍ ହୋଇଥାଏ । ପାଣି ତଳେ ଗୁମ୍ଫାରେ ଥିବା ଝରଣାରୁ ପ୍ରତି ରାତିରେ ୫୦ ହଜାର କ୍ୟୁବିକ୍ ମିଟରରୁ ଅଧିକ ଜଳ ଝରିଥାଏ । ଏହି ପାଣି ସମୟ ସମୟରେ ଗୁମ୍ଫାକୁ ଭରିଯାଏ ଏବଂ ମାଗ୍‌ମା ଉତପ୍ତ ହେବାରୁ ପାଣି ଫୁଟେ । ଏହାପରେ ନଦୀ ମଧକୁ ଲାଲ୍ ଜଳ ଉତ୍ସର୍ଜନ ହୋଇଥାଏ, ଫଳରେ ଜଳ ଫୁଟିବା ଭଳି ଦେଖାଯାଏ । ଏହି ପ୍ରକ୍ରିୟା ପ୍ରତି ୪୦ ମିନିଟ୍‌ରେ ହୋଇଥାଏ । ଏ ପୋଖରୀରେ ସ୍ନାନ କରିବାକୁ ବାରଣ କରାଯାଇଛି, କାରଣ ଜଳର ତାପମାତ୍ରା ୯୦ ଡିଗ୍ରୀରେ ପହଞ୍ଚିଥାଏ । ପୋଖରୀ ଉପରିଭାଗ ସର୍ବଦା ବାଷ୍ପମୟ ହୋଇଥାଏ, ଯେଉଁଥିପାଇଁ ତାହା ନର୍କ ଦ୍ୱାର ଭଳି ଅନୁଭୂତ ହୋଇଥାଏ । ୧୯୨୪ ମସିହାରେ ପୋଖରୀ ସୃଷ୍ଟି ହେବାପରେ ବେପ୍ପୁ ସହରର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ବେଶ୍ ଲୋକପ୍ରିୟତା ହାସଲ କରିଛି । ବିଶ୍ୱର କୋଣ ଅନୁକୋଣରୁ ପ୍ରତିବର୍ଷ ପ୍ରାୟ ୧୨ ମିଲିଅନ୍ ପର୍ଯ୍ୟଟକ ଏଠାରେ ପହଞ୍ଚିଥାନ୍ତି ।



## ଶ୍ୱାନ-ମାନବ ଉପାଖ୍ୟାନ

ବିଭିନ୍ନ ଲୋକଙ୍କ ଜୀବନଶୈଳୀ ଭିନ୍ନ ଭିନ୍ନ । ଇଂଲଣ୍ଡରେ ରହୁଥିବା ୩୭ ବର୍ଷୀୟ କେଜ୍ ଜେମ୍ସ କୁକୁର ଭଳି ଜୀବନ ଅତିବାହିତ କରୁଛନ୍ତି । ସେ ନିଜ ମଣିଷ ପପି ଭାବୁଛନ୍ତି । ସେ ଏକ ଷ୍ଟୋରରେ ମ୍ୟାନେଜର୍ ଅଛନ୍ତି । ଜେମ୍ସ ଚେନ୍‌ରେ ବନ୍ଧା ହେବା ସହ ଡଗ୍ ବିସ୍କିଟ୍ ମଧ ଖାଉଛନ୍ତି । କେବଳ ଏତିକି ନୁହେଁ ସେ ବାଉଲ୍‌ରେ ଚାଟିଚାଟି ଖାଦ୍ୟ ଖାନ୍ତି । ବାହାରକୁ ଗଲେ କୁକୁର ପୋଷାକ ପିନ୍ଧନ୍ତି । ରାସ୍ତାରେ ଲୋକଙ୍କୁ ଦେଖିବା, ଜିନିଷ ନେଇ ଦୌଡିବା, ଲୋକଙ୍କୁ ଶୁଙ୍ଘିବା ଓ ଚାଟିବା ଆଦି କାମ କରିବାକୁ ପସନ୍ଦ କରନ୍ତି । କୁକୁର ଭଳି ଶବ୍ଦ ମଧ କରନ୍ତି ଜେମ୍ସ । ରେସ୍ତୋରାଁରେ ମଣିଷ ଭଳି ଖାଦ୍ୟ ଖାଇବା ତାଙ୍କୁ ଆଦୌ ପସନ୍ଦ ନୁହେଁ । ସେ କୁକୁର ଭଳି ଜୀବନଶୈଳୀ ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରନ୍ତି । ବର୍ତ୍ତମାନ ସୁଦ୍ଧା କୁକୁର କଷ୍ଟ୍ୟୁମ୍‌ରେ ପ୍ରାୟ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲେଣି । ଜେମ୍ସ ‘ହାଓ ଟୁ ଟ୍ରେନ୍ ଏ ହ୍ୟୁମାନ ପପ୍’ ନାମରେ ଏକ ବହି ଲେଖିଛନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ନୋବେଲ୍ ପୁରସ୍କାର...

୨୦୨୦ ମସିହା ପାଇଁ ମର୍ଯ୍ୟାଦାଜନକ ନୋବେଲ୍ ଶାନ୍ତି ପୁରସ୍କାର ମିଳିଛି ଜାତିସଂଘର ସହ-ଅନୁଷ୍ଠାନ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏଫପି) ସଂଗଠନକୁ । ମିଳିତ ଜାତିସଂଘ ଯେତେବେଳେ ତା'ର ହୀରକ ଜୟନ୍ତୀ ବର୍ଷ ପାଳନ କରୁଛି, ସେହି ଅବସରରେ ଡବ୍ଲ୍ୟୁଏଫପିକୁ ତା'ର କ୍ଷୁଧା ନିବାରଣ କାର୍ଯ୍ୟକ୍ରମ ସକାଶେ ବିଶ୍ୱର ଏହି ସର୍ବଶ୍ରେଷ୍ଠ ପୁରସ୍କାର ପାଇଁ ଚୟନ କରାଯିବା ସମସ୍ତଙ୍କ ପାଇଁ ଆନନ୍ଦର ବିଷୟ । ଇତିପୂର୍ବରୁ ଜାତିସଂଘର ଅନେକ ସହ-ସଂଗଠନ ଶାନ୍ତି ସମେତ ଅନେକ ପୁରସ୍କାର ଲାଭ କରିଛନ୍ତି । କିନ୍ତୁ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ହେଉଛି ଏଭଳି ଏକ ଅନୁଷ୍ଠାନ, ଯାହା ବଦାନ୍ୟ ବ୍ୟକ୍ତିଙ୍କଠାରୁ ସଂଗ୍ରହ କରୁଥିବା ଅର୍ଥରେ ପ୍ରତିବର୍ଷ ପ୍ରାୟ ୮୦ରୁ ଅଧିକ ରାଷ୍ଟ୍ରରେ କୋଟି କୋଟି ଲୋକଙ୍କୁ ଖାଦ୍ୟ ଯୋଗାଇ ସୁନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା କରିଆସୁଛି । ୧୯୬୧ ମସିହାରେ ଏହି ସଂଗଠନର ପରିକଳ୍ପନା କରାଯାଇଥିଲା ଆମେରିକାର ରାଷ୍ଟ୍ରପତି ଡ୍ୱାଇଟ୍ ଆଇଜେନହେୱାରଙ୍କ ପ୍ରସ୍ତାବକୁ ସମ୍ମାନ ଜଣାଇ । ରାଷ୍ଟ୍ରପତି ଆଇଜେନହେୱାରଙ୍କ ଏହି ପ୍ରସ୍ତାବକୁ ଜାତିସଂଘ ତତ୍କାଳ ଗ୍ରହଣ କରିଥିଲା ଏବଂ ୧୯୭୦ ଦଶକରେ ଯେତେବେଳେ ବିଶ୍ୱର ଅନେକ ଭାଗରେ କ୍ଷୁଧା ଅତି ଉତ୍କଟ ଆକାର ଧାରଣ କରିଥିଲା ସେଠାରେ ପହଞ୍ଚି ଡବ୍ଲ୍ୟୁଏଫପିର ହଜାର ହଜାର ସ୍ୱେଚ୍ଛାସେବୀ ଓ କର୍ମୀ କ୍ଷୁଧାର୍ତ୍ତଙ୍କ ତୁଣ୍ଡରେ ଦାନା ଦେଇପାରିଥିଲେ । ସେତେବେଳେ ଆମେରିକା ହିଁ ଥିଲା ଏହି ବଦାନ୍ୟ ସଂଗଠନର ସବୁଠାରୁ ବଡ଼ ଦାତା । ସମୟକ୍ରମେ ଏବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକାଧିକ ଜାତିସଂଘ ଅନୁବନ୍ଧିତ ସଂଗଠନକୁ ଏହାର ଅନୁଦାନ ବନ୍ଦ୍ କରିଚାଲିଛି । ତଥାପି ଡବ୍ଲୁଏଫପି ଏହାର ମୂଳ ଉଦ୍ଦେଶ୍ୟ ଓ ଆଦର୍ଶକୁ ବଜାୟ ରଖି ବର୍ଷକୁ ପ୍ରାୟ ୧୦କୋଟି କ୍ଷୁଧାର୍ତ୍ତଙ୍କ ପେଟକୁ ଦାନା ଯୋଗାଇବା କାର୍ଯ୍ୟରେର ନିୟୋଜିତ ରହିଛି । ଏଥିପାଇଁ ଏହି ସଂଗଠନ ପ୍ରତି ବର୍ଷ ପ୍ରାୟ ଛଅରୁ ଆଠ ବିଲିଅନ୍ ଡଲାର ଦାନ ଅର୍ଥ ସଂଗ୍ରହ କରିଥାଏ ଏବଂ ନିଜର ପ୍ରାୟ ୧୭,୦୦୦ କର୍ମଚାରୀ ତଥା ତତୋଧିକ ସଂଖ୍ୟକ ସ୍ୱେଚ୍ଛାସେବୀଙ୍କ ସହାୟତାରେ ବୁଭୁକ୍ଷୁ ଓ ଦୁର୍ଗତ ଲୋକଙ୍କ ନିକଟରେ ଖାଦ୍ୟସାମଗ୍ରୀ ପହଞ୍ଚାଇଥାଏ । ଏକ ଆକଳନରୁ ଜଣାପଡ଼ିଛି ଯେ ପ୍ରତିଦିନ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଜରିଆରେ ପ୍ରାୟ ୧୦୦ଟି ବିମାନ, ୩୦ଟି ଜାହାଜ ଏବଂ ଆନୁମାନିକ ୫୬୦୦ ଟ୍ରକ୍ ଯୋଗେ ଏହିସବୁ ଖାଦ୍ୟ ବିଶ୍ୱର ୯୦ଟି ରାଷ୍ଟ୍ରର ଦୁର୍ଗମ ଅଞ୍ଚଳରେ ପହଞ୍ଚା ଯାଇଥାଏ । ସେହିସବୁ ରାଷ୍ଟ୍ର ମଧ୍ୟରେ ଇଥିଓପିଆ, ହାଇତି, କେସୋଭୋ, ରୁଆଣ୍ଡା, ସୁଦାନ, କଙ୍ଗୋ, ସିରିଆ, ନାଇଜେରିଆ, ୟେମେନ ଭଳି ରାଷ୍ଟ୍ର ରହିଛନ୍ତି । ଡବ୍ଲୁଏଫପି ଗଠିତ ହେବାର ମାତ୍ର କେଇ ମାସ ମଧ୍ୟରେ ଯେତେବେଳେ ଇରାନରେ ଭୟାବହ ଭୂମିକମ୍ପ ସଂଘଟିତ ହୋଇଥିଲା ତାହା ଥିଲା ନିଜର ସାମର୍ଥ୍ୟ ପ୍ରଦର୍ଶନ ସକାଶେ ଏହି ସଂଗଠନର ନିମନ୍ତେ ଏକ ସୁବର୍ଣ୍ଣ ସୁଯୋଗ । ମାତ୍ର କେଇଦିନ ଭିତରେ ଲକ୍ଷ ଲକ୍ଷ ଲୋକଙ୍କ ନିକଟରେ ଖାଦ୍ୟ ପହଞ୍ଚାଇ ସେମାନଙ୍କ ଜୀବନ ରକ୍ଷା କରିଥିଲା ଡବ୍ଲୁଏଫପି । ସେହିଦିନଠାରୁ ମରୁଡ଼ି ହେଉ କିମ୍ବା ଅନାବୃଷ୍ଟି, ଭୂମିକମ୍ପ ହେଉ ଅବା ବନ୍ୟା, ବାତ୍ୟା, ଯୁଦ୍ଧବିଧ୍ୱସ୍ତ କ୍ଷେତ୍ର ହେଉ କିମ୍ବା ଗୃହଯୁଦ୍ଧ ଆକ୍ରାନ୍ତ ଅଞ୍ଚଳ, ସବୁଠାରେ ଡବ୍ଲୁଏଫପି ତା'ର ପଦଚିହ୍ନ ଛାଡ଼ିଛି । ଖାଦ୍ୟ ଓ ଜଳ ହେଉଛି ଯେକୌଣସି ଜୀବନ ପ୍ରାଣୀର ଜୀବନ ଧାରଣର ପ୍ରଥମ ଆବଶ୍ୟକତା । ଏହା ବିନା ଜୀବନ ଅସମ୍ଭବ । କିନ୍ତୁ ବିଂଶ ଅବା ଏକବିଂଶ ଶତାବ୍ଦୀର ଦ୍ରୁତ ପ୍ରଗତିଶୀଳ ବିଶ୍ୱରେ ପ୍ରାକୃତିକ ବିପର୍ଯ୍ୟୟ ଅବା ମାନବକୃତ ସଂକଟ ସ୍ଥଳବିଶେଷରେ ଉତ୍କଟ ଖାଦ୍ୟସଂକଟ ସୃଷ୍ଟି ହେବାର ଲକ୍ଷ୍ୟ କରାଯାଇଛି । ଡବ୍ଲୁଏଫପିର ତଥ୍ୟ ଅନୁସାରେ, ଏବେ ବିଶ୍ୱରେ ପ୍ରାୟ ୮୨ କୋଟିରୁ ଅଧିକ ଲୋକ ଜଟିଳ ଖାଦ୍ୟସଂକଟ ମଧ୍ୟରେ ଜୀବନ ବଞ୍ଚୁଛନ୍ତି । ତେଣୁ କ୍ଷୁଧାର୍ତ୍ତଙ୍କ ତୁଣ୍ଡରେ ଖାଦ୍ୟ ପହଞ୍ଚାଇ ସେମାନଙ୍କ ଜୀବନ ରକ୍ଷା କରିବାର ଦାୟିତ୍ୱ ନେଇଥିବା ଡବ୍ଲୁଏଫପିର ଭୂମିକା ସାମ୍ପ୍ରତିକ ସମୟରେ ଅଧିକ ଗୁରୁତ୍ୱପୂର୍ଣ୍ଣ ପ୍ରତୀୟମାନ ହୁଏ । ଏହି ସଂଗଠନ ତା'ର ଛଅ ଦଶନ୍ଧିର କାର୍ଯ୍ୟକାଳ ମଧ୍ୟରେ ପ୍ରାୟ ଏକଶହ କୋଟି ଲୋକଙ୍କ ଜୀବନ ରକ୍ଷା କରିଥିବା ପରିସଂଖ୍ୟାନ ସୂଚାଏ । ତେଣୁ ବିଳମ୍ବରେ ହେଲେ ସୁଦ୍ଧା ଡବ୍ଲୁଏଫପିକୁ ନୋବେଲ ଶାନ୍ତି ପୁରସ୍କାର ମିଳିବା କେବଳ ଏକ ସ୍ୱୀକୃତି ନୁହେଁ, ନରୱେର ନୋବେଲ୍ ସଂଗଠନ ପାଇଁ ଅବଶ୍ୟ ଏକ ଗର୍ବର ବିଷୟ ।

## ବିପନ୍ନ ମୂଲ୍ୟବୋଧ ଓ ଯୁବସମାଜ

**ଶରତ କୁମାର ଦାସ**


କାନଡେରି ଟିକେ ଭଲଭାବରେ ଶୁଣିଲେ ଗୋଟିଏ କଥା ଆମ ସମସ୍ତଙ୍କର କାନରେ ବାଜେ ତାହା ହେଉଛି ଆଜିର ଯୁବ ସମାଜ ପଥଭ୍ରଷ୍ଟ, ଉ ଭ୍ରାନ୍ତ ପୁଣି ଅଶାନ୍ତ । ଅଫୁରନ୍ତ ଶକ୍ତିରେ ଉବୁଟୁବୁ ହେଉଥିବା ଯୁବଗୋଷ୍ଠୀ ଆଜି ବିଶୃଙ୍ଖଳ, ବେପରୁଆ ଓ ଦାୟିତ୍ୱହୀନ । ବସ୍ତୁବାଦୀ ଚିନ୍ତାଧାରାରେ ଉନ୍ମାଦ ଅଧିକାଂଶ ଯୁବକ ଓ ଯୁବତୀ । ଘୋର ବିପର୍ଯ୍ୟୟ ସୃଷ୍ଟି ହୋଇଛି ସେମାନଙ୍କର ସକାରାତ୍ମକ ମାନସିକତାରେ । ନକରାତ୍ମକ ଚିନ୍ତାଧାରା ସେମାନଙ୍କୁ କବ୍ଜାକରିଛି ଆପାଦମସ୍ତକ । ସତେ ଯେମିତି ସେମାନଙ୍କ ନିକଟରୁ ମାନବିକତା ଦିନକୁ ଦିନ ଲୋପ ପାଇଯାଉଛି । ନୀତି ନୈତିକତା ଯେପରି ସେମାନଙ୍କ ପାଇଁ ଅପହଂଚ । ଯେଉଁମାନଙ୍କର ଅଫୁରନ୍ତ ଶକ୍ତି, ସାହାସ, ଦାମ୍ଭିକତା, କର୍ତ୍ତବ୍ୟପରାୟଣତା ତ୍ୟାଗ ପ୍ରଭୃତି ମହନୀୟ ଗୁଣାବଳୀକୁ ନେଇ ସମାଜ ଗର୍ବ କରେ, ଆଜି ଦିନରେ ସେହିମାନେ ହିଁ ଅଥର୍ବ ଓ ପଙ୍ଗୁରୂପେ ନିଜେ ନିଜକୁ ସମାଜ ଆଗରେ ଉପସ୍ଥାପିତ କରୁଛନ୍ତି । ତ୍ୟାଜବାଦ ବଦଳରେ ଉପଭୋକ୍ତବୋଦ ମୁଣ୍ଡ ଟେକୁଛି । ବସ୍ତୁବାଦର କରାଳ ଛାଇରେ ଆଧ୍ୟାତ୍ମିକବାଦ ଦୁର୍ବଳ ହେବାରେ ଲାଗିଛି । କୃତ୍ରିମତା ବୃଦ୍ଧିପାଇଛି । ପ୍ରାକୃତିକତାର ଘୋର୍ ଅବକ୍ଷୟ ଦେଖାଦେଇଛି । ଜୀବନର ମମାର୍ଗ ସରଳ ଓ ପ୍ରସାରିତ ହେବା ପରିବର୍ତ୍ତେ ସଂକୁଚିତ ହେବାରେ ଲାଗିଛି । ଅଧୁନା ଯୁବସମାଜର ନୀତି ଓ ନୈତିକତାରେ ସ୍ଖଳନ ଘଟିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିପାଇଁ ମୁଖ୍ୟତଃ ଉପଯୁକ୍ତ ନୈତିକ ଶିକ୍ଷଶର ଅଭାବ ସହିତ ସଂସ୍କାରହୀନତା ହିଁ ଦାୟୀ, ଯାହାକି ପିଲାମାନଙ୍କର ଏକ ଶୃଙ୍ଖଳିତ ଚରିତ୍ର ଗଠନ ପଥରେ ଅନ୍ତରାୟ ସୃଷ୍ଟି କରୁଛି । ଏସବୁ ପାଇଁ ଅନେକ କ୍ଷେତ୍ରରେ ନିଜ ପିତାମାତାଙ୍କ ଦାୟୀ କରାଯାଇପାରେ । ଆଜିକାଲିର ପିତାମାତାମାନେ ପିଲାମାନଙ୍କୁ ନୀତି ଶିକ୍ଷା ଦେବା ପରିବର୍ତ୍ତେ ପିଲାଟି ଭବିଷ୍ୟତରେ କିପରି ଭଲ ରୋଜଗାର କ୍ଷମ ହୋଇପାରିବେ ବା ଏକ ଟଙ୍କା ତିଆରି ଯନ୍ତ୍ର ହୋଇପାରିବ ସେ ବିଷୟରେ ଅଧିକ ଧ୍ୟାନ ଦେଇଥାନ୍ତି । ପିଲାଟି କେତେମାତ୍ରାରେ ପାଠବହିଟିକୁ ମୁଖସ୍ଥ କରି ପରିକ୍ଷାରେ ଅଧିକ ମାର୍କ ପାଇବା ସହିତ କ୍ଲାସ୍‌ରେ ପ୍ରଥମ ହେବ ସେ ବିଷୟରେ ଆଜିକାଲିର ପିତାମାତାଙ୍କର କସରତ ଚାଲିଛି । ପିଲାଟି ପ୍ରକୃତରେ କେତେ ପାଠ ବୁଝୁଛି ଓ ତଦନୁସାରେ ତାହା ସେ ପ୍ରୟୋଗ କରୁଛି କି ନାହିଁ କିମ୍ବା ପିଲାଟି ଭବିଷ୍ୟତରେ ସମାଜ ପ୍ରତି କେତେ ପରିମାଣରେ ଉପଯୋଗୀ ହୋଇପାରିବ ସେଥିପ୍ରତି ଆମ ପିତାମାତାଙ୍କର ତିଳେ ମାତ୍ରେ ବି ନିଘା ନାହିଁ । ବିଶେଷକରି ଆମେ ପିତାମାତାମାନେ ଅର୍ଥ ରୋଜଗାର ପାଇଁ ଏତେ ବ୍ୟାକୁଳ ଯେ ନିଜ ପିଲାମାନଙ୍କର କଥା ବୁଝିବା ପାଇଁ ଆମ ନିକଟରେ ଟିକିଏ ସମୟ ମଧ ନାହିଁ । ପାଠ ପଢା ଦେଖିବା ବା ବୁଝିବା କଥା ପଚାରେ କିଏ ? ଏସବୁ ଦାୟିତ୍ୱ ଟିଉସନ୍ ଶିକ୍ଷକଙ୍କ ଉପରେ ନ୍ୟସ୍ତ କରିଦେଇ ଆମେ ଯେପରି ଦାୟିତ୍ୱ ମୁକ୍ତ ହେବାର ନିଖୁଣ ଅଭିନୟ କରୁଛୁ । ଯେଉଁ ପରିବାରରେ ପିତାମାତା ଉଭୟ ଚାକିରିଆ ସେମାନଙ୍କ କଥା ନ କହିବା ଭଲ । ଘରେ ରଖିଥିବା ଚାକରାଣୀ ଚାକରାଣୀ ହିଁ ସବୁକଥା ବୁଝନ୍ତି ପିଲାମାନଙ୍କର । କିଛି ପିତାମାତା' ଅଛନ୍ତି ଘରେ କିଛି ଖାଦ୍ୟ ଓ କିଛି ଖେଳନା ସାମଗ୍ରୀ ସହିତ ନିଜ ପିଲାଙ୍କୁ ଘରେ ଛାଡି ଘର ବାହାରେ ତାଲା ଦେଇ ଅଫିସ ଚାଲି ଯାଆନ୍ତି ନିଜ ନିଜ କାମରେ । ସତରେ କହିଲେ ଏକଥା କେତେ ହୃଦୟ ବିଦାରକ ! ପରୀକ୍ଷା ଆସି ଗଲେ ନିଜ ପିଲା କେତେ ମାର୍କ ରଖିଛି ସେ ବିଷୟରେ ଚର୍ଚ୍ଚା ଜୋର୍ ଧରେ ।" ଅମୁକ ପିଲାଟି ଏତେ ନମ୍ବର ରଖିଛି ସମୁକ ପିଲାଟି ସେତେ ନମ୍ବର ରଖିଛି, ତୁ କାହିଁକି ଏତେ କମ୍ ରଖିଛୁ ? ଇତ୍ୟାଦି ଇତ୍ୟାଦି । ଆମ ପିତାମାତାଙ୍କ ଭାଳେଣି ପଡେ ସକାଳୁ ସଂଜ ପର୍ଯ୍ୟନ୍ତ । ଏ ପ୍ରସଙ୍ଗ ଆଲୋଚନା କଲାବେଳେ ମୋର ଜଣେ ଅନ୍ତରଙ୍ଗ ବନ୍ଧୁଙ୍କର କଥା ମନକୁ ଆସୁଛି । ସେ ବନ୍ଧୁ ଜଣକ ପ୍ରତିଦିନ ପାଖାପାଖି ଅଶି କିଲୋମିଟର ଯିବା ଆସିବା କରି ଚାକିରି କରନ୍ତି । ସେ କୌଣସି ଏକ ବ୍ୟାଙ୍କ୍‌ରେ କାର୍ଯ୍ୟ କରନ୍ତି ଓ ଘରଠାରୁ କାର୍ଯ୍ୟସ୍ଥଳୀର ଦୂରତ୍ୱ ପ୍ରାୟତଃ ଅଶି କିଲୋମିଟର ହେବ । ସେ ପ୍ରତିଦିନ ସକାଳ ଛଅଟାରୁ ଘରୁ ବାହାରନ୍ତି ପୁଣି ଘରେ ପହଞ୍ଚିଲା ବେଳକୁ ରାତି ନଅ କିମ୍ବା ଦଶ । ଏମିତିକି ସେ ତାଙ୍କ ପିଲାମାନଙ୍କୁ ଦିନସାରା ଦେଖିପାରନ୍ତିନି । କାରଣ ସେ ସକାଳେ ଘରୁ ବାହାରିଲା ବେଳେ ପିଲାମାନେ ଶୋଇଥାନ୍ତି ଏବଂ ସେ ପୁନଶ୍ଚ ଘରେ ପହଂଚିଲା ବେଳେ ବି ପିଲାମାନେ ନିଦରେ ଶୋଇପଡିଥାନ୍ତି । ସପ୍ତାହର ରବିବାର ଦିନ କେବଳ ପିଲାଙ୍କ ସହିତ ହସଖୁସି ଓ କଥାବାର୍ତ୍ତା ପାଇଁ ଯାହା ଯେତିକି ସ୍ୱଳ୍ପ ସମୟ ମିଳେ । ମାପଚୁପ କଥା ଭିତରେ ରବିବାର ବି ସରିଯାଏ । ସେଥିରେ ସେ ବନ୍ଧୁ ଜଣକ ନିଜ ପିଲାଙ୍କ ପଢାପଢିରେ ବହୁତ ଖୁସି ଯେ ସେମାନେ ଶତକଡ଼ା ନବେ ଉପରକୁ ନମ୍ବର ରଖନ୍ତି । ଧନ୍ୟ ଧନ୍ୟ ଆମ ମାନସିକତା ! ପିତାମାତାଙ୍କର ଏତାଦୃଶ ଚିନ୍ତାଧାରା ପିଲାମାନଙ୍କର ଯେଉଁ ସଫଳତା ଦିଗରେ ସାହାର୍ଯ୍ୟ କରିବ ତାହାହିଁ ବିଚାର୍ଯ୍ୟ । ଆମେ ଅଧିକାଂଶ ଅଭିଭାବକ ପିଲାଟିକୁ ଚାରି ପାଞ୍ଚ ବର୍ଷ ହେହଉ ନ ହେଉଣୁ ଆବାସିକ ବିଦ୍ୟାଳୟରେ ନାମ ଲେଖାଇଦେଇ ଦାୟିତ୍ୱ ମୁକ୍ତ ହେବା ସହିତ ନିଜ ନିଜର ମହିମା ଦେଖାଇବାରେ ସତତ ବ୍ୟସ୍ତ । ମାସକୁ ମାସ ଅନଲାଇନ୍‌ରେ ସ୍କୁଲ ଫି' ଭରିଦେଇ ଆମେ ଯେମିତି ସବୁ ଝମେଲାର ମୁକ୍ତ ହୋଇଯାଉଛେ । ଆବାସିକ ବିଦ୍ୟାଳୟର ଚାରିକାନ୍ଥ ଭିତରେ କଡା ଶୃଙ୍ଖଳା ଥଶଏ । ମାତ୍ର ପିଲାଟିର ବାଲ୍ୟ ସୁଲଭ ଗୁଣାବଳୀର ବିକାଶ ହୋଇପାରେ ନାହିଁ । ବାପା ମା'ଙ୍କର ସ୍ନେହ ଶ୍ରଦ୍ଧା ପାଇବାରୁ ସେ ବଂଚିତ ହୁଏ । ଫଳରେ ପିଲା ଦିନରୁ ହିଁ ପିଲାଟିର ନିଜ ପରିବାର ତଥା ବାପା ମା' ଭାଇ ବନ୍ଧ ଇତ୍ୟାଦିଙ୍କ ପ୍ରତି ଶ୍ରଦ୍ଧା, ସମ୍ମାନ, ଭକ୍ତି ଓ ଦାୟିତ୍ୱ କ୍ରମଶଃ ହ୍ରାସ ପାଏ । ସେହି ପିଲାଟି ଯେତେବେଳେ ବଡ ହୁଏ ଓ ରୋଜଗାରକ୍ଷମ ହୁଏ ସେ ଏକା ରହିବାକୁ ଅଧିକ ପସନ୍ଦ କରେ ଓ ଚିଡିଚିଡା ଭାବ ପ୍ରକାଶ କରେ । ତା' ମନରେ ନିଜର ପିତାମାତା ତଥା ପରିବାରର ଅନ୍ୟାନ୍ୟ ସଦସ୍ୟଙ୍କ ପ୍ରତି ଏକ ପ୍ରକାର ଉଦାସୀନ ଭାବ ସୃଷ୍ଟି ହୁଏ । ବାପା ମା'ଙ୍କ ଆଜିକାଲି ନିଜ ପିଲାମାନଙ୍କ ସୁଖଦୁଃଖରେ ସାମିଲ ହେବାରେ ସମୟ ନାହିଁ । ସେମାନଙ୍କ ସହ ଟିକେ ହସଖୁସି କରିବାର ବି ଇଚ୍ଛା ନାହିଁ କି ଆଗ୍ରହ ନାହିଁ । ଏଭଳି ପରିସ୍ଥିତିରେ ପିଲାଟି କେଉଁ ପ୍ରକାର ନୈତିକ ଶିକ୍ଷା ପାଇଲା ଓ କେଉଁ ପ୍ରକାର ନୈତିକତା ସୃଷ୍ଟି ହେଲା - ଏହି ସହଜରେ ଅନୁମେୟ । ଆମେ କେବଳ ମାସକୁ ମାସ କିଛି ପକେଟ ଖର୍ଚ୍ଚ ପଠେଇଦେଲେ ଆମ କର୍ତ୍ତବ୍ୟ ଯେକୌଣସି ପ୍ରକାର ଶେଷ କରିଦେଲେ ଦାୟିତ୍ୱ ସରିଗଲା ବୋଲି ଭାବୁ ଛୁ । ମାତ୍ର ପିଲାଟି ସେ ଟଙ୍କା ନେଇ କରୁଛି ବା କେଉଁ ବାଟରେ ଖର୍ଚ୍ଚ କରୁଛି ସେସବୁ ବିଷୟରେ ବୁଝିବାକୁ ନା ଆମ ପାଖରେ ସମୟ ଅଛି ନା ଆଗ୍ରହ ଅଛି । ଏହାଦ୍ୱାରା ପିଲାମାନଙ୍କୁ ଅବାଟରେ ଯିବାକୁ ଆମେ ଯେପରି ପରୋକ୍ଷରେ ବାଧ କରୁନୁ କି? ଆଜିକାଲି ଲକ୍ଷ୍ୟ କରାଯାଉଛି ଯେ ପିଲାମାନେ ଅଧିକରୁ ଅଧିକ ଆଳସ୍ୟ ପରାୟଣ ହୋଇ ପଡୁଛନ୍ତି । କୌଣସି କାମ ପ୍ରତି ସେମାନଙ୍କର ଆଗ୍ରହ ରହୁନାହିଁ । କୌଣସି ପ୍ରକାରେ ଅଧିକରୁ ଅଧିକ ଟଙ୍କା ରୋଜଗାର କରିବା ସେମାନଙ୍କର ଲକ୍ଷ୍ୟ ହୋଇଯାଇଛି । ନାମିଦାମୀ ବ୍ରାଣ୍ଡର ମୂଲ୍ୟବାନ ମୋବାଇଲ, ଲାପଟପ, ଗାଡି ଇତ୍ୟାଦି କିଣିବାରେ ଜୀବନର ସାର୍ଥକତା ମିଳେ ବୋଲି ସେମାନେ ଭାବୁଛନ୍ତି । ଏହିଶସ୍ତା ଆବଶ୍ୟକତାକୁ ପୂରଣ କରିବାକୁ ଯାଇ ପିତାମାତା ଉପରେ ଅଯଥଶ ଚାପ ପ୍ରୟୋଗ କରୁଛନ୍ତି । ଆବଶ୍ୟକ ହେଲେ ଚୋରି ଭଳି ଯେକୌଣସି ଅସାମାଜିକ ଓ ଘୃଣା ପନ୍ଥା ଅବଲମ୍ବନ କରିବାକୁ ବି ଆଦୌ ପଛାଉ ନାହାନ୍ତି । ଏବେ ଏବେ ଯେତିକି ସାଇବର କ୍ରାଇମ ଦେଖିବାକୁ ମିଳୁଛି ସେଗୁଡିକରେ ପ୍ରାୟତଃ ଅଧିକାଂଶ ଉଚ୍ଚ ଯୋଗ୍ୟତାଧାରୀ ଯୁବକ ଯୁବତୀ ସଂଶ୍ଲିଷ୍ଟ ଅଛନ୍ତି ବୋଲି କୁହାଯାଉଛି । ବର୍ତ୍ତମାନ ସୟମର ଏକ ଗୁରୁତ୍ୱପୂର୍ଣ୍ଣ ତଥା ଅଧିକ ସମ୍ବେଦନଶୀଳ ପ୍ରସଙ୍ଗ ହେଉଛି ଯେ ଅନେକ ଯୁବକ ଯୁବତୀ ନିଶା କବଳିତ, ନିଶାଖୋର ବା ନିଶାସକ୍ତ । ନିଶା ସାମ୍ରାଜ୍ୟର ମାୟାଜାଲରେ ଦିନକୁ ଦିନ ନିଜକୁ ଛନ୍ଦି ଦେଇ ନିଜର ବହୁମୂଲ୍ୟ ଜୀବନକୁ ନଷ୍ଟ କରିଦେବାକୁ ବି ସେମାନେ ପଛାଉ ନାହାଁନ୍ତି । ବିଭିନ୍ନ ପ୍ରକାର ଡ୍ରଗ୍ସ କାରବାର ସହିତ ଜଡିତ ହୋଇଯାଉଛନ୍ତି । ଏହା ଅତ୍ୟନ୍ତ ପରିତାପ ଓ କ୍ଷୋଭର ବିଷୟ । ଯେଉଁମାନେ ଏ ଦେଶ ଓ ସମାଜର କର୍ଣ୍ଣଧାର ସେହିମାନେ ଯଦି ଅବାଟଷର ଯାଇ ନିଜ ଭବିଷ୍ୟତକୁ ନିଜ ହାତରେ ଜାଳିପୋଡି ଧ୍ୱଂସ କରିଦିଅନ୍ତି, ତେବେ ଏ ଦେଶ ଓ ଜାତିର ଭାଗ୍ୟ କ'ଣ ହୋଇପାରେ ? ଏହା ନିଶ୍ଚୟ ଏକ ଚିନ୍ତା ଉଦବେଗର ବିଷୟ । ଜଗତିକରଣର ପ୍ରଭାବରେ ସମଗ୍ର ବିଶ୍ୱ ଏକ କ୍ଷୁଦ୍ର ଗ୍ରାମ ରୂପେ ପ୍ରତୀୟମାନ ହେଉଛି ।

ବିଶ୍ୱର କୌଣସି ଏକ କ୍ଷୁଦ୍ର ଅଂଶରେ ପରିବର୍ତ୍ତନ ସମଗ୍ର ବିଶ୍ୱ ଉପରେ ପ୍ରଭାବ ପକାଉଛି । ଆଧୁନିକରଣ ପ୍ରଭାବରେ ସମଗ୍ର ବ୍ୟବସ୍ଥାରେ ଢାଂଚାଗତ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ସରଳିକରଣ ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି । ଉଦାରିକରଣର ପ୍ରଭାବ ସବୁ ସ୍ତରକୁ ସ୍ପର୍ଶ କରିଛି । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ପ୍ରଭାବ ଆମ ସମାଜର ପ୍ରତିଟି ସ୍ତରରେ ପ୍ରତୀୟମାନ । ଏହା ଆମ ଜୀବନ ଓ ଜୀବିକାକୁ ନିୟନ୍ତ୍ରଣ କରିବାରେ ଲାଗିଛି ପ୍ରତିମୁହୂର୍ତ୍ତରେ ଓ ପ୍ରତିଟଇ କ୍ଷେତ୍ରରେ । ଏହି ସମଗ୍ର ବ୍ୟବସ୍ଥା ଯୁବସମାଜର ମାନସିକତାରେ ନକରାତ୍ମକ ପ୍ରଭାବ ପକାଉଛି । ଏହାର ପ୍ରଭାବରେ ବସ୍ତୁବାଦୀ ବିକାଶ ପଛରେ ଆମ ଯୁବ ଗୋଷ୍ଠୀ ସର୍ବଦା ଧାବମାନ । ଏହା ସହିତ ଲକ୍ଷ୍ୟ କରାଯାଏ ଯେ ନୀତି ନୈତିକତାର ସେଭଳି କିଛି ବିକାଶ ଯେପରି ହେଉନି । ଦିନକୁ ଦିନ ନୈତିକ ସ୍ଖଳନ ଘଟୁଛି ଯେମିତି । ସକାଳୁ ରାତ୍ର ଅର୍ଦ୍ଧ ଯାଏ ମୋବାଇଲ, କମ୍ପ୍ୟୁଟର, ଲାପଟପ ପ୍ରଭୃତି ସହିତ ଯୁବସମାଜ ଯେପରି ସତତ ଅନୁବନ୍ଧିତ । ରକ୍ତ ମାଂସର ସାମାଜିକ ମଣିଷ ହୋଇ ଯେପରି ପ୍ରତି ମୁହୂର୍ତ୍ତରେ ଯନ୍ତ୍ର ମାନବ ରୂପେ ନିଜକୁ ପ୍ରଦର୍ଶିତ କରୁଛନ୍ତି । ଯନ୍ତ୍ରବତ୍ କାଯ୍ୟ କରୁଛନ୍ତି ପ୍ରତିଟି କ୍ଷେତ୍ରରେ । ଆଚରଣ ଓ ଉଚ୍ଚାରଣରେ ଅନେକ ପରିବଉଯନ ପରିଲକ୍ଷିତ ହେଉଛି । ସଂକ୍ଷେପରେ କହିବାକୁ ଗଲେ ବିଜ୍ଞାନର ପ୍ରଗତି ସିନା ମଣିଷକୁ ବିଜ୍ଞାନୀ କରିଦେଉଛି, ମାତ୍ର ସଦାଚାରଯୁକ୍ତ ଚରିତ୍ରବାନ ମଣିଷ ତିଆରି କରିବାରେ ଅଧିକାଂଶ ଭାବରେ ବିଫଳ ହେଉଛି କହିଲେ ବୋଧହୁଏ ଭୁଲ ହେବନି । ଆମେ ଏକ ସୁଖ ଓ ସମୃଦ୍ଧିକର ଜୀବନ ଜୀଇଁବା ପାଇଁ ହେଲେ ଆଧୁନିକତାର ଭୂମିକା ରହିଛି । ବସ୍ତୁବାଦୀ ବା ଉପଭୋକ୍ତାବାଦୀ ପ୍ରଗତିର ଆବଶ୍ୟକତା ରହିଛି । ଏହା ନିଃସନ୍ଦେହରେ କୁହାଯାଇପାରେ । ବଂଚିବା ପାଇଁ ଅର୍ଥର ଏକ ବଡ ଭୂମିକା ରହିଛି । ମାତ୍ର ସଂପୂର୍ଣ୍ଣ ରୂପେ ଅର୍ଥ ସର୍ବସ୍ୱ ହେବା ଆଦୌ ଠିକ୍ ନୁହେଁ । ବ୍ୟତୀତ ଆଉ କ'ଣ ହୋଇପାରେ ! ସ୍ନେହ, ପ୍ରୀତି, ଶ୍ରଦ୍ଧା, ଦୟା, କ୍ଷମା, ଭକ୍ତି ସମ୍ମାନ ଇତ୍ୟାଦି ମହନୀୟ ସାମାଜିକ ଗୁଣାବଳୀଗୁଡିକର ସମାଜ ଗଢିବାରେ ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି ଏକଥା ଆମେ କେହି ଭୁଲି ନ ଯିବା ଉଚିତ୍ । ନୀତି ନୈତିକତାର ଯଥାର୍ଥ ବିକାଶ ଘଟିଲେ ବସ୍ତୁବାଦୀ ବିକାଶ ଦୀର୍ଘଜୀବୀ ହୋଇପାରିବ ନିଶ୍ଚୟ । ସମାଜ ଶୃଙ୍ଖଳିତ ହେବ । ଜୀବନ ଆନନ୍ଦମୟ ହେବ । ସେଥିପାଇଁ ଆମେ ସମସ୍ତେ ସଚେତନ ହେବା ଆବଶ୍ୟକ । ଜନ୍ମଠାରୁ ଶିଶୁଟିକୁ ସଦାଚାର ଶିକ୍ଷା ଉପରେ ଗୁରୁତ୍ୱ ଦିଆଯିବା ଉଚିତ୍ । ମାତ୍ର ଆମେ ଆଜିକାଲିର ବାପା ମା' ସଦାଚାର ପରିବର୍ତ୍ତେ କର୍ତ୍ତବ୍ୟ ଉପରେ ଅଧିକ ଗୁରୁତ୍ୱ ଦେଉଛୁ । କର୍ତ୍ତବ୍ୟ ହସ୍ତଗତ କିଛି ନିର୍ଦ୍ଦିଷ୍ଟ କାର୍ଯ୍ୟକୁ ଶୃଙ୍ଖଳିତ କରେ, ମାତ୍ର ସଦାଚାର ମଣଇଷ ଜୀବନକୁ ଗଢିବା ସହିତ ସମାଜକୁ ସୁସଂହତ ଓ ଶୃଙ୍ଖଳିତ କରେ । ଆଜିର ସମାଜରେ ସଦାଚାର ଶିକ୍ଷାର ଅଭାବ ଦେଖିବାକୁ ମିଳୁଛି । ଆଧୁନିକ ଜୀବନ ଶୈଳୀ, ବ୍ୟକ୍ତିକୈନ୍ଦ୍ରିକ ପାରିବାରିକ ଜୀବନ, ସ୍ୱାର୍ଥପର ଓ ସଂକୀର୍ଣ୍ଣ ମନୋଭାବ, ଈର୍ଷା, ପରଶ୍ରୀକାତରତା, ଅସୂୟା ଭାବ ପ୍ରଭୃତି ଆମର ଶୃଙ୍ଖଳିତ ଜୀବନଚର୍ଯ୍ୟାକୁ ନଷ୍ଟ କରିବା ସହିତ ସମାଜରେ ଅସାମାଜିକ ପରିବେଶ ସୃଷ୍ଟ କରୁଛି । ସାମାଜିକ ମୂଲ୍ୟବୋଧର ଦ୍ରୁତ ପତନ ଦେଖାଯାଉଛି । ଏହା ଯୁବସମାଜର ଚପଳ ମାନସିକତାକୁ ଅତି ସହଜରେ କବ୍ଜା କରୁଛି । ଫଳରେ ଯୁବଗୋଷ୍ଠୀ ପଥଭ୍ରଷ୍ଟ ହେଉଛନ୍ତି । ବୃଦ୍ଧାବସ୍ଥାରେ ବାପା ମା' ମାନେ ଚିତ୍କାର କରଉଛନ୍ତି ସେମାନଙ୍କ ସନ୍ତାନମାନଙ୍କର କ୍ରୁର ଓ ଆଶାଳୀନ ବ୍ୟବହାରରେ । ବୃଦ୍ଧାଶ୍ରମର ଦ୍ୱାର ଯେମିତି ସେମାନଙ୍କୁ ଅପେକ୍ଷା କରିଛି ସେମାନଙ୍କର ପରିଣତ ବୟସରେ । ଅଜିର ପିଲାମାନେ ବୃଦ୍ଧ ପିତାମାତାଙ୍କ ଉପସ୍ଥିତିକୁ ନିଜର ଏକ ଶକ୍ତ ବୋଝ ରୂପେ ଭାବୁଛନ୍ତି । ଏପରିକି ଭରଣପୋଷଣ ପାଇଁ କୋର୍ଟ କଚେରୀର ଦ୍ୱାରସ୍ଥ ହେବାକୁ ପଡୁଛି ବୃଦ୍ଧ ପିତାମାତଙ୍କର ଏଭଳି ଅସହାୟ ଅବସ୍ଥାରେ । କିନ୍ତୁ ସେମାନେ ଭୁଲିଯାଉଛନ୍ତି ଯେ ଆଜି ନିଜର ଏ ଦୁରାବସ୍ଥା ପାଇଁ କିଏ ଦାୟୀ ? ? ଆଜିର ଯୁବସମାଜ ବିଭିନ୍ନ ପ୍ରକାର ସଫଳତା ପଛରେ ଧାଉଁଛନ୍ତି । କିଏ ପାଠ କ୍ଷେତ୍ରରେ ସଫଳତା ଚାହେଁ ତ ଆଉ କିଏ ଚାକିରି କିମ୍ବା ବ୍ୟବସାୟ କ୍ଷେତ୍ରରେ ସଫଚତା ଚାହେଁ । ଆଉଉ କିଛି ସାମାଜିକ ପ୍ରତିଷ୍ଠା ପଛରେ ଥାଉଁଥାନ୍ତି ଆଖିବୁଜି । ମାତ୍ର ଜୀବନର ପୂର୍ଣ୍ଣ ସାର୍ଥକତା କେତେ ଲୋକ ଚାହାଁନ୍ତି ? ହୁଏତ ଏଭଳି ମାନସିକତାର ଲୋକଙ୍କ ସଂଖ୍ୟା କମ୍ ହୋଇପାରେ । ଜୀବନରେ ସଫଳତା ଚାହାଁଥିବା ବ୍ୟକ୍ତି ଜୀବନରେ ସାର୍ଥକତା ନପାଇ ପାରନ୍ତି । ସେହିଭଳି ଜୀବନ ଓ ଜୀବିକା ଏକ ନୁହେଁ ।

▶▶ପୃଷ୍ଠା ୭

## ନେତା ଅମାନିଆ କରୋନା ଅମାନିଆ

**ସୁବ୍ରତ କର**



ଗତଥର ଲେଖିଥିଲି କରୋନାକୁ କାଳିଆ ଭରସା । ଏହାର ମୂଳ କାରଣ ହେଲା ଏ ପର୍ଯ୍ୟନ୍ତ ଏହି ଅଦୃଶ୍ୟ ଶକ୍ତି ସହିତ ଲଢ଼ିପାରୁ ନାହିଁ । ଚେଷ୍ଟା ଜାରି ରହିଛି ଏବଂ ରହିବ ମଧ କିନ୍ତୁ ସୋପାନରେ ଶେଷ ପାହାଚରେ ପହଞ୍ଚି ପାରୁନାହିଁ । ବିଭିନ୍ନ ସଂଗଠନ ବିଭିନ୍ନ ଭାବରେ ଚେଷ୍ଟା ଜାରି ରଖିଛନ୍ତି କିନ୍ତୁ କେହି ଦାବି କରିପାରୁ ନାହାନ୍ତି ଏହି ମାସ ସୁଦ୍ଧା ଆମେ ଏହାର ସମାଧାନର ବାଟ ଖୋଜି ପାଇ ପାରିବା । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କଥା ନ କହିଲେ ଭଲ କାରଣ ତାର କେଉଁ ମୁଖ୍ୟ ବ୍ୟକ୍ତିଟି ଅଛନ୍ତି ଏବଂ ମଝିରେ ମଝିରେ ଫୋଟ ସହିତ ବଡ଼ ବଡ଼ କଥା କହୁଛନ୍ତି ତାଙ୍କର କୌଣସି କାର୍ଯ୍ୟ ସହିତ ତାଳମେଳ ରଖୁନାହିଁ କେହି ଏହି ସଂସ୍ଥା ଉପରେ ବିଶ୍ୱାସ କରିବାର ପ୍ରଶ୍ନ ଉଠୁନାହିଁ । ମୁଁ ତ ଭାବୁଛି ଏ ଭଦ୍ରଲୋକ ମଧ ଧରାଧରି କରି ଏଭଳି ସଂସ୍ଥାର ମୁଖ୍ୟ ହୋଇଛନ୍ତି । ଏଇଠି ମଧ ରାଜନୀତି କାମ କରୁଥିବା ମନେ ହୁଏ । ଏ ସଂସ୍ଥା ରହିଛି ସାରା ବିଶ୍ୱବାସୀଙ୍କୁ ସ୍ୱାସ୍ଥ୍ୟ ଉପରେ କିଛି ହେଲେ ଭରସା ନେବା କଥା, ବାଟ ଦେଖାଇବା କଥା ଏବଂ ସେଥିରୁ କେଉ ପ୍ରକାରରେ ମୁକୁଳି ହେବ ତାର ଦିଗଦର୍ଶନ ନେବା କଥା । ଏ ପର୍ଯ୍ୟନ୍ତ ତାଙ୍କ ପାଖରୁ ବା ତାଙ୍କର ସଂସ୍ଥାଠାରୁ କୌଣସି ଭରସାର ବାକ୍ୟ ଶୁଣିବାକୁ ମିଳିନାହିଁ । ଏତେଦିନ ପରେ ଓଡ଼ିଶା ସରକାର କରୋନାକୁ ଅଟକାଇବା ପାଇଁ ଯେଉଁ ପ୍ରକାରର ପଦକ୍ଷେପ ମାନ ନିଆ ହୋଇଛି ତାର ପ୍ରଶଂସା କରିଛନ୍ତି । ଏଥିରେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଲାଭ କ'ଣ ? ଠିକ ଲୋକଙ୍କୁ ଠିକ୍ ଜାଗାରେ ରଖା ନଗଲେ ଏହାହିଁ ହୁଏ । ଲୋକେ ପୋକମାଛି ଭଳି ମରୁଛନ୍ତି ଏବଂ ସେ ଏବଂ ତାଙ୍କ ସଂସ୍ଥା ସୁସ୍ଥ ରହି ଭଲ ଭାବରେ ବଞ୍ଚି ରହିଛନ୍ତି । ଏ ଭଳି ନିତିକୁ ଅବଲମ୍ବନ କଲେ କରୋନାକୁ ଅକ୍ତିଆର କରିହେବ ନାହିଁ । ସେହିଭଳି ଆଉ ଗୋଟିଏ ସଂସ୍ଥା ଏହା ହେଉଛି ରାଜନୈତିକ ଦଳର ରାଜନୀତି କରୁଥିବା ନେତାମାନେ । ଆମ ଦେଶ ହେଉ ବା ଆମ ରାଜ୍ୟ ହେଉ ବହୁତ ରାଜନେତା କରୋନା ଆକ୍ରାନ୍ତ ହୋଇ ମରିଲେଣି ଏବଂ ଆଉ କିଛି ଏହାର କଷ୍ଟ ଭୋଗୁଛନ୍ତି । ଜଣେ ଜଣେ ଦୁଇ ଦୁଇଥର ଆକ୍ରାନ୍ତ ହେଲେଣି, କିନ୍ତୁ ଟିକିଏ ହେଲେ ଚେତା ପଶୁନାହିଁ । ସେମାନେ ଜନପ୍ରତିନିଧି । ସାଧାରଣ ଲୋକଙ୍କୁ ବାଟ ଦେଖାଇବା କଥା କିନ୍ତୁ ସେମାନେ ତ ସରକାରଙ୍କ ନିର୍ଦ୍ଦେଶକୁ ଫୁ କିନା ଉଡ଼େଇ ଦେଉଛନ୍ତି । ଏ ପର୍ଯ୍ୟନ୍ତ କୌଣସି ନେତାଙ୍କୁ କୋଭିଡ ଆଇନକୁ ନ ମାଣି ଥିବାରୁ ସରକାରଙ୍କ ତରଫରୁ ଦଣ୍ଡ ବିଧାନ ହୋଇଛି । ଥରେ ଭୁବନେଶ୍ୱର ଜନପ୍ରତିନିଧି ୧୦୦ ଟଙ୍କା ଦଣ୍ଡ ଭୋଗିଥିଲେ । ଦୃଷ୍ଟାନ୍ତ ମୂଳକ କିଛି ହୋଇନଥିବାରୁ ଏହି ନିୟମକୁ ସବୁବେଳେ ଫୁ କରିଦେଉଛନ୍ତି । ଏବେ ଭୁବନେଶ୍ୱର ସବୁଠୁ କରୋନାଗ୍ରସ୍ତ ଏବଂ ପେଟ୍ରୋଲ ଟାଙ୍କିରେ ନିଆଲାଗି ଅବସ୍ଥା ଖରାପ କିନ୍ତୁ ନେତା ଅମାନିଆ ହୋଇ ତାଙ୍କର ଜନ୍ମଦିନ ପାଳୁଛନ୍ତି । କାଳିଆ ଏମାନଙ୍କୁ ଟିକିଏ ସୁବୁଦ୍ଧି ଦିଅ ।

## କବିତା କୋଣାର୍କ

### ଉଦାରତା...

**ପ୍ରଦୀପ୍ତ ଆଚାର୍ଯ୍ୟ**

ମାଲିକ ଭୂମିକା,ନିର୍ବାହ ସମୟେ,
ବେଳେ ବେଳେ ଅନ୍ଧ ହେବା,
ଅଧସ୍ତନଙ୍କର,ଛୋଟ ମୋଟ ଭୂଲ୍,
ଦେଖି ଆଖି ବୁଜି ଦେବା ।

ଚାକର ଭୂମିକା,ନିର୍ବାହ ସମୟେ,
କାଲ ଟିକେ ହୋଇଯିବା,
ଉପରିସ୍ଥଙ୍କର,କଟୁକଥା ପ୍ରତି,
କର୍ଣ୍ଣପାତ ନକରିବା ।

ଗଣ୍ଠି ପକାଇଲେ,ଛୋଟ ଛୋଟ କଥା,
ସମସ୍ୟାତ ଉପୁଜିବ,
ଏ ଦୁଇ କଥାକୁ,ଧ୍ୟାନ ରଖିଥିଲେ,
ବୁଝାମଣା ରହିଥିବ ।

ଆଜିର ଜୀବନ,କାଲିକି ନଥିବ,
ନୁହଁଇତ ଏହା ସ୍ଥାୟୀ,
ଉଦାରତା ଗୁଣ, ଆପଣାଇ ନେବା,
ବିଭୁ ପାଦପଦ୍ମ ଧ୍ୟାୟୀ ।

+ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀବ୍ରହ୍ମପୁର,କଟକ ।
ମୋ-୬୩୭୧୫୯୩୨୨୦



## କବିତା କୋଣାର୍କ

### ନିଜକୁ ଆଉ କୁଆଡ଼େ ହଜେଇ ପାରିଲି ଯେ ? ?...



**ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ**

ହେଇତ !
କାଲି ରାତିରେ
ପକେଇଥିଲି ପାହୁଣ୍ଡଟାଏ
ଆଖି ଖୋଲିଲା ବେଳକୁ
ଦଶ ପାହୁଣ୍ଡ ପଛ ।
ଭାବିଥିଲି...
ନିଃସଂଗତାର କୋଣାର୍କ
ଆଉ ଜମା ବି ଡୋଳିବିନି
ସନ୍ଧ୍ୟା ବେଳକୁ
ଢୋ କି ଚଟକଣା ଟିଏ ଦେଇ
ନିଃସଂଗତା ଆସି ହାଜର,
କାନ୍ଧରେ ଓହଳି
ଅଟ୍ଟହାସ୍ୟ କରୁଥିଲା ।
ଅସହାୟତାର
ପୁରୁଣା ପୁସ୍ତକ ସବୁକୁ
ଷ୍ଟୋର ରୁମ୍‌ରେ
ରଖିଥିଲି ତାହା ପକେଇ ।
କେଜାଣି କେମିତି ? ? ?
ସେମାନେ ବି ତାଲା ଭାଙ୍ଗି
ସାଂଧ୍ୟ ଭ୍ରମଣ କଲେ
ମୋ ପାଦ ସହ ତାଳ ମିଳେଇ ।
ଦିନ ତମାମ
ମନଟାକୁ ମୋଡିମାଡି
ବସେଇଥିଲି ସୋନିଟିଭି
କପିଲଶର୍ମା ଶୋ ସାମ୍ନାରେ
ତଥାପି ବେଲଣାପଟାଟି
ଓଦା ହୋଇଗଲା
ରୁଟି ତିଆରି ବେଳେ
ରାତି ଆଠଟାରେ ।
ଜମାବି ଡାଗିଦ୍ ମାନିଲେନି
ହୃଦୟ ତଳର ଆବେଗ ସବୁ,
ତକିଆ ଖୋଳିଟି ଯାହା
ନାକ ଟେକୁଥିଲା
ଶ୍ଳେଷ୍ମା ପାଣିର ବହଳତାକୁ ।
ତୋଫା ତୋଫା ପୂର୍ଣ୍ଣିମା ରାତି
କଳା ଚାଦର ଆଢୁଆଳେ
ମୁଠା ମୁଠା ତାରା ଫୁଲ ସାଥେ
ପ୍ରଶ୍ନିଳ ହୋଇ ଅନାଇଥିଲେ
ଆଖିରେ ତୋ ରାତି ନିଦ କାହିଁ ? ? ?
ତମାମ ଦିନ
ତମାମ ରାତି
ଦୂରକୁ ଫିଙ୍ଗିଛି ନିର୍ଜନତା,
ତଥାପି ହାଉଳିଛି
ସବୁ ଥର ସିଏ
ମୋ ପ୍ରତିବନ୍ଧ ସହ ।
ନିଜକୁ ଆଉ କୁଆଡ଼େ ହଜେଇ
ପାରିଲି ଯେ ? ?

+ ଓଡ଼ିଆ ଅଧାପିକା, ସରକାରୀ
ଏସ୍ ଏସ୍ ଡି, ଏଚ୍ ଏସ୍, ଏସ୍,
ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ,
ବାଲିଶଙ୍କରରା, ସୁନ୍ଦରଗଡ଼

### ସତ କହିବ କି ...



**ବିନୟ କୁମାର ଦାସ**

ସତ କହିବ କି କେଉଁ ଜନମରେ
ପରିଚିତା ତୁମେ ମୋର
ବୁଝି ପାରୁନି ମୁଁ କାହିଁକି ଯେ ତୁମେ
ଲାଗ ଏତେ ଆପଣା ର ॥ ୦ ॥
ଯେବେ ବି ଦେଖୁଛି
ନିରୋଳା ବେଳାରେ
ଝୁମୁଛି ମୋ ମନ ପୁଲକ ଦୋଳାରେ
ତୁମ ଲାଜଲାଜ ଚାହାଣୀରୁ ଦେଖେ
ଝରୁଛି ସରାଗ ଝର
ବୁଝି ମୁଁ ପାରୁନି କାହିଁକି ଯେ ତୁମେ
ଲାଗ ଏତେ ଆପଣା ର ॥୧ ॥
ମୋତେ ଦେଖିଦେଲେ ଥରେ ତୁମ ଓଠ
ସତେ କି ଥରୁଛି ଯମୁନା ର ତଟ
କାହ୍ନୁର ବଇଁଶୀ କହୁଛି
ଯେମିତି ମୁଁ ତୁମର ମୁଁ ତୁମର
ବୁଝି ପାରୁନି ମୁଁ କାହିଁକି ଯେ ତୁମେ
ଲାଗ ଏତେ ଆପଣା ର ॥୨ ॥
ତୁମକୁ ମୁଁ କେବେ ସେନେହ ମାଗିନି
ତୁମ ପାଇଁ ପ୍ରୀତି ମୋ ମନେ ଜାଗିନି
ତଥାପି ତ ତୁମେ ବନି ସାରିଲଣି
ମୋ ସ୍ମୃତି ର ଗନ୍ତାଘର
ବୁଝି ପାରୁନି ମୁଁ କାହିଁକି ଯେ ତୁମେ
ଲାଗ ଏତେ ଆପଣା ର ॥୩ ॥

+ ବାଲେଶ୍ୱର-୭୫୬୦୦୧
ମୋ- ୭୯୭୮୮୬୦୩୬୩

ଶରତ କୁମାର ରାଉତ

## ପ୍ରଦୂଷିତ ଜଳକୁ ପୁନଃ ଉପଯୋଗ କରାଇବାର ବେଳ



ସଂପ୍ରତି ସାରା ପୃଥିବୀରେ ଜଳ ସଂକଟ ମୁଖ୍ୟ ସମସ୍ୟା ହୋଲାଣି। ପୃଥିବୀ ପୃଷ୍ଠରେ ପାଣିର ମୋଟ ପରିମାଣ ପ୍ରାୟ ୧୩ ଲକ୍ଷ କ୍ୟୁବିକ୍ କିଲୋମିଟର ଅଟେ। ମୋଟ ପାଣିର ୯୭ ଭାଗ ସମୁଦ୍ର ଲୁଣା ଜଳ ହୋଇଥିବା ବେଳେ ଅବଶିଷ୍ଟ ୩ ଭାଗ ମିଠା ପାଣି ମଧ୍ୟରୁ ୨.୩ ଭାଗ ବରଫ ରୂପେ ରହିଛି। ଭୂମିଗତ ଜଳ, ନଦୀ, ନାଳ, ଝରଣା, ପୋଖରୀ, କୂଅ ଓ ବାୟୁରେ ବାଷ୍ପ ଭାବରେ ରହିଛି ମାତ୍ର ୦.୭ ଶତକଡ଼ା ଜଳ। ଜଳ ସନ୍ତୁଳନର ପ୍ରାକୃତିକ ବ୍ୟବସ୍ଥାନୁସାରେ ସମଗ୍ର ବିଶ୍ୱରେ ୧୦ରୁ ୧୨ ହଜାର ଏମ୍ଏଚ୍ଏସ୍ ପାଣି ବର୍ଷା ଆକାରରେ ଆସିଥାଏ। ଏମ୍ଏଚ୍ଏସ୍ ର ଅର୍ଥ ୧୦ଲକ୍ଷ ହେକ୍ଟର ଭୂମି ଉପରେ ୧ ମିଟର ଗଭୀରର ପାଣି। ଏଥିରୁ ଭାରତକୁ ୪୦ କୋଟି ହେକ୍ଟର ମିଟର ପାଣି ବର୍ଷା ତଥା ହିମପାତ ମାଧ୍ୟମରେ ପ୍ରତିବର୍ଷ ମିଳିଥାଏ। ଏଥିରୁ ୨୩ କୋଟି ହେକ୍ଟର ମିଟର ପାଣି ବାଷ୍ପରେ ପରିଣତ ହୋଇଥାଏ ଓ ୧୭ କୋଟି ହେକ୍ଟର ମିଟର ପାଣି ଭୂଜଳ, ନଦୀ ଓ ସମୁଦ୍ରରେ ମିଶିଥାଏ। ଏହି ହିସାବରେ ଅମେ ନିଶ୍ଚୟ ସୌଭାଗ୍ୟଶାଳୀ ଅଟୁ। ଅନ୍ୟାନ୍ୟ କୃତ୍ରିମ ଜଳାଶୟ ଅଲଗା କଥା, ଆମ ଦେଶରେ ପ୍ରାକୃତିକ ଛୋଟ ବଡ଼ ନଦୀ ସଂଖ୍ୟା ୧୦,୨୧୦। ଆମ ଧର୍ମଗ୍ରନ୍ଥ ମାନଙ୍କରେ ଜଳ ସଂଗ୍ରହ, ଜଳ ସଂରକ୍ଷଣ ଓ ଜଳଦାନର ଗୁରୁତ୍ୱ ସ୍ପଷ୍ଟ ଉଲ୍ଲେଖ ରହିଛି। ଜଳାଶୟ ଖନନ ଓ ବୃକ୍ଷରୋପଣ ଭାରତୀୟ ସଂସ୍କୃତିରେ ଏକ ମହାନ୍ ଧାର୍ମିକ କାର୍ଯ୍ୟ ଭାବରେ ଗ୍ରହଣ କରାଯାଇଥାଏ। ଏସବୁ ବିଶ୍ଳେଷଣ କରାଗଲେ ସ୍ପଷ୍ଟ ହେବ ଯେ, ଜଳ ସଂଗ୍ରହ, ଜଳ ସଂରକ୍ଷଣ ଓ ଜଳଦାନରେ ଆମର ପୂର୍ବ ପୁରୁଷ ମାନେ ବେଶ୍ ସଚେତନ ଥିଲେ।


କିନ୍ତୁ ବର୍ତ୍ତମାନ ଜଳ ସଂକଟର କାରଣ ସଂପର୍କରେ ସେପରି କିଛି ସମୀକ୍ଷା ହେଉନାହିଁ। ତେବେ ଜଳ ସଂଗ୍ରହ, ସଂରକ୍ଷଣ ଓ ଖର୍ଚ୍ଚ ପ୍ରତି ଆମର ଦାୟିତ୍ୱହୀନତା ହିଁ ଜଳ ସଂକଟର ମୂଳ କାରଣ ଅଟେ। ଏକ ବୈଜ୍ଞାନିକ ହିସାବ ଅନୁସାରେ ୧୯୦୦ ମସିହାରୁ୧୯୯୫ ମଧ୍ୟରେ ଆମର ପାଣି ବ୍ୟବହାରରେ ୭ ଗୁଣ ବୃଦ୍ଧି ପାଇଥିବାବେଳେ ଏହି ସମୟରେ ଜନସଂଖ୍ୟା(ବିଶ୍ୱ) ମାତ୍ର ୨ଗୁଣ ବଢିଥିଲା। ଆନ୍ତର୍ଜାତୀୟ ସ୍ତରରେ ବୈଜ୍ଞାନିକ ମାନଙ୍କ ସର୍ବେକ୍ଷଣ ଅନୁଯାୟୀ ସମଗ୍ର ବିଶ୍ୱରେ ନଦୀ କୂଳବର୍ତ୍ତୀ ଅଂଚଳରେ ଜନସଂଖ୍ୟା ବୃଦ୍ଧି ହେତୁ ପ୍ରଦୂଷଣ ବଢିଛି ଓ ପାନୀୟ ଜଳ ସଂକଟ ଚରମ ସୀମାରେ ପହଂଚିଛି। ଗଙ୍ଗା ନଦୀ ତଟରେ ୧୦୦ ଏବଂ ଏହାର ଆଖପାଖରେ ୬୯୨ ଟି ସହର ଓ ବସ୍ତୀ ରହିଛି। ବେସରକାରୀ ହିସାବ ଅନୁସାରେ କେବଳ ବନାରସ ସହର ପ୍ରତିବର୍ଷ ଗଙ୍ଗା ମାତାକୁ ପ୍ରାୟ ୧୦ ହଜାର ପଶୁ ଓ ମଣିଷ ଶବ ଅର୍ପଣ କରୁଛି। କିଛିବର୍ଷ ତଳେ କେନ୍ଦ୍ର ପ୍ରଦୂଷଣ ବୋର୍ଡ଼ର ଏକ ରିପୋର୍ଟ ଅନୁଯାୟୀ ମହାନ୍ ତୀର୍ଥ ଧାମ ହରିଦ୍ୱାରରୁ ଗଙ୍ଗାକୁ ପ୍ରତିଦିନ ପ୍ରାୟ ୨ କୋଟି ଲିଟର ମଳଯୁକ୍ତ ପାଣି ମିଳୁଛି। କାନପୁରର ଶିଳ୍ପ କାରଖାନା ଗଙ୍ଗା ଉପରେ ଯେପରି ଅତ୍ୟାଚାର କରୁଛି, ତାହା ଅତି ହୃଦୟ ବିଦାରକ। ଏହି ଅବସ୍ଥା ଯମୁନା ଓ ଅନ୍ୟାନ୍ୟ ଧାର୍ମିକ ନଦୀ ମାନଙ୍କର ମଧ୍ୟ ରହିଛି। ସବୁ ଦୃଷ୍ଟିରୁ ବିଚାର କଲେ, ଏହି ଅବସ୍ଥା ଅତ୍ୟନ୍ତ ଦୁଃଖଦ, ଭୟାବହ, ଲଜ୍ଜାଜନକ ଓ ସ୍ୱର୍ଶକାତର ଅଟେ। ଆମ ଦେଶରେ ମୋଟ ୫,୬୬,୮୭୮ ଟି ଗ୍ରାମ ରହିଛି ଓ ପ୍ରାୟ ୮୫ ଶତକଡ଼ା ଲୋକେ ଜଳ ପାଇଁ କୂଅ, ଝରଣା, ପୋଖରୀ ଓ ନଦୀ ଉପରେ ନିର୍ଭର କରନ୍ତି। ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଏବେ ପ୍ରାୟ ୨ ଲକ୍ଷ ଗ୍ରାମ ପାନୀୟ ଜଳରୁ ବଂଚିତ ଅଛନ୍ତି। ସଂପୃକ୍ତ ବାସିନ୍ଦା ୫ରୁ ୧୦ କିଲୋମିଟର ଦୂରରୁ ପାଣି ଆଣି ଜୀବନ ବିତାଉଛନ୍ତି। ଏକ ରିପୋର୍ଟ ଅନୁଯାୟୀ ୩୫ ଶତକଡ଼ା ଲୋକଙ୍କୁ ବିଶୁଦ୍ଧ ଜଳ ମିଳି ପାରୁଥିବାବେଳେ ୬୫ ଭାଗ ଲୋକେ ଏଥିରୁ ବଂଚିତ। ଆମେ ନିଜେ କେତେକ ଜଳ ଉତ୍ସକୁ ନିଜ ହାତରେ ନଷ୍ଟ କରୁଥିବା ଏହାର ଏକ ମୁଖ୍ୟ କାରଣ। ଗାଁ ମାନଙ୍କରେ ଅଧିକାଂଶ କୂଅ, ପୋଖରୀ ଅପରିଷ୍କାର ରହିଛି। ଗଣତନ୍ତ୍ରର ଭାବନାକୁ ନବୁଝି ଆମେ ଏସବୁର ଦାୟିତ୍ୱ ନିଜ କାନ୍ଧରୁ ଉତାରି ସରକାରର ଅଜଣା କାନ୍ଧ ଉପରେ ରଖି ଦେଇଛୁ। ଜଳ ସମସ୍ୟା ପ୍ରସଙ୍ଗରେ ଜଡ଼ ପାଲଟିଥିବା ଆମେ ଭାରତୀୟ ଭୁଲି ଯାଇଛୁ ଯେ, "ଜଙ୍ଗଲ ଅଛି ତ ଜଳ ଅଛି"ର ବୈଜ୍ଞାନିକ ତଥ୍ୟ। ହେଲେ ଭାରତରେ କ୍ରମେ ଜଙ୍ଗଲ ପରିମାଣ ୯ ଶତକଡ଼ାକୁ ଖସି ଆସିଛି। ୧୯୮୨ରୁ ୧୯୮୯ ମଧ୍ୟରେ ୧କୋଟି ୧୦ ଲକ୍ଷ ହେକ୍ଟର ଜଙ୍ଗଲ ନଷ୍ଟ କରି ଦିଆଯାଇଥିଲା। ୧୯୯୦ ରୁ ୨୦୦୦ ମଧ୍ୟରେ ପ୍ରାୟ ୨ କୋଟି ହେକ୍ଟର ଜଙ୍ଗଲ ଧ୍ୱଂସ ପାଇଥିଲା। ତେବେ ନିକଟ ଭବିଷ୍ୟତରେ ଭାରତରେ ଉତ୍କଟ ଜଳ ସଂକଟ ସୃଷ୍ଟି ହେବାର ଆଶଙ୍କା ରହିଥିଲେ ହେଁ ଆମର ନିରବତା ବିସ୍ମୟର କଥା। ୱାଶିଂଟନ୍ ସ୍ଥିତ ୱାର୍ଲ୍ଡ଼ ୱାଟର ଉପାଧ୍ୟକ୍ଷ ସୁଶ୍ରୀ ସାନ୍ଦ୍ରା ପୋଷ୍ଟେଲ୍ ଭାରତରେ ଜଳ ସଂକଟର ଭବିଷ୍ୟବାଣୀ ୧୯୮୯ ରେ କରିଥିଲେ। ଏଥିପାଇଁ ସେ ଜଙ୍ଗଲ ଧ୍ୱଂସକୁ ମୁଖ୍ୟ କାରଣ ବୋଲି କହିଥିଲେ। ବୈଜ୍ଞାନିକ ତଥ୍ୟ ଅନୁଯାୟୀ ପର୍ଯ୍ୟାପ୍ତ ବର୍ଷା ପାଇଁ ଏକ-ତୃତୀୟାଂଶ ଭାଗ ଜଙ୍ଗଲର ଆବଶ୍ୟକତା ରହିଛି। ଅନ୍ୟ ଏକ ରିପୋର୍ଟ ଅନୁସାରେ ଆମ ଦେଶର ପ୍ରାୟ ୭୫ ଶତକଡ଼ା ପାଣି ପ୍ରଦୂଷିତ ହୋଇ ଯାଇଛି। ଆନ୍ତର୍ଜାତୀୟ ପରିବେଶ ଅନୁସଂଧାନ ସଂସ୍ଥାର ମୁଖ୍ୟ ଡ଼େଭିଡ଼୍ ନେଲସନ୍ କିଛିବର୍ଷ ତଳେ ଭାରତରେ ଜଳ ପ୍ରଦୂଷଣର ଭୟାବହତା ସଂପର୍କରେ ଉଲ୍ଲେଖ କରି ତୁରନ୍ତ ଏହାର ନିୟନ୍ତ୍ରଣ ଅପରିହାର୍ଯ୍ୟ ବୋଲି କହିଥିଲେ। ଆମର ଶାସ୍ତ୍ର ଅନୁଯାୟୀ ଜଳଭଣ୍ଡାରକୁ ଭଗବାନ ବରୁଣଙ୍କ ବାସସ୍ଥାନ ଗ୍ରହଣ କରାଯାଇ ଏଥିରେ କୌଣସି ବର୍ଜ୍ୟବସ୍ତୁ ଫିଙ୍ଗା ଯିବା ପାପ ବୋଲି ଧରାଯାଏ। ସାଧାରଣତଃ ଆମେ ଅଶୌଚ ଥିଲେ, ଗଙ୍ଗା-ଯମୁନା ଭଳି ନଦୀରେ ଗାଧୋଇ ପବିତ୍ର ହେବାର ପରମ୍ପରା ରହିଛି। କିନ୍ତୁ ଆଜି ଏହି ନଦୀ ଗୁଡ଼ିକୁ ଅଳିଆ-ଆବର୍ଜନା ମୟ ସରକାରୀ ଗାଡ଼ି ଭଳି ମନେ କରୁଛନ୍ତି। ଯଦିଓ ଜାତୀୟ ବିକାଶ ପାଇଁ ଶିଳ୍ପ କାରଖାନାର ପ୍ରସାର ଅପରିହାର୍ଯ୍ୟ, ତଥାପି ଏହାର ଅର୍ଥ ନୁହେଁ ଯେ ଏଥିପାଇଁ ମଣିଷ ସମାଜକୁ ଧ୍ୱଂସ ମୁଖକୁ ଠେଲି ଦେବା। ଜଳ ପ୍ରଦୂଷଣରେ ଶିଳ୍ପସଂସ୍ଥାର ଭୂମିକା ପ୍ରାୟ ୪୦ ରୁ ୫୦ ଶତକଡ଼ା ରହିଥିବା ସ୍ପଷ୍ଟ। ୧ଟନ୍ କାଗଜ ଓ ୧ଟନ୍ ଇସ୍ପାତ ତିଆରି ପାଇଁ ଯଥାକ୍ରମେ ଅଢେଇଲକ୍ଷ ଲିଟର ପାଣି ବ୍ୟୟ ହୋଇଥାଏ। ଏହି ହିସାବରେ ଅନ୍ୟାନ୍ୟ ବସ୍ତୁ ତିଆରିରେ ବହୁ ଅଧିକ ପାଣି ବ୍ୟୟ ହୁଏ। ବିକଶିତ ଦେଶର ବିଶେଷଜ୍ଞ ମାନେ ପାଣିର ଆବଶ୍ୟକତା ହ୍ରାସ କରାଇ ଉତ୍ପାଦନ ବୃଦ୍ଧି କରୁଥିବା ଦେଖା ଯାଉଛି। ଅନ୍ୟାନ୍ୟ ଦେଶର ଲୋକେ ମଧ୍ୟ ଏ ସଂପର୍କରେ ସଚେତନ ହୋଇ ଜଳ ପ୍ରଦୂଷଣ ରୋକିବା ପାଇଁ ଉଦ୍ୟମ କରୁଛନ୍ତି। ଇସ୍ରାଏଲ୍ ଭଳି ଜଳ ଅଭାବଗ୍ରସ୍ତ ଦେଶ ଦୂଷିତ ଜଳର ୭୫ ଭାଗ ପୁନଃ ଉପଯୋଗ କରାଇବାରେ ସକ୍ଷମ୍ ହୋଇଛି। ଅତଏବ ଆମେ ମଧ୍ୟ ଦୂଷିତ ଜଳକୁ ପୁନଃ ଉପଯୋଗ କରାଇବା ଦିଗରେ ଚିନ୍ତା କରିବା ଉଚିତ। ଯଦି ଆମେ ବର୍ତ୍ତମାନର ଅବସ୍ଥାକୁ ଆଖି ବୁଜିଦେବା, ତେବେ ଏହାର ଶାସ୍ତି ନିଜକୁ ହିଁ ଭୋଗିବାକୁ ପଡ଼ିବ, ଏଥିରେ ସନ୍ଦେହ ନାହିଁ।

ଜନସଂଖ୍ୟା ବୃଦ୍ଧି ଯୋଗୁ ପ୍ରଦୂଷିତ ହେଉଛି ଜଳ !

## ବୃକ୍ଷର ଶୁଭାଶୁଭ

ଘର ଚାରିପଟେ ଗଛ ରହିବା ଭଲ । ଏହା ପାରିପାର୍ଶ୍ୱିକ ବାତାବରଣକୁ ଶୁଦ୍ଧ ରଖେ ଓ ମାନସିକ ଶାନ୍ତି ପ୍ରଦାନ କରେ । ଆଜିକାଲି ଘରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଲୋକେ ବିଭିନ୍ନ ପ୍ରକାର ଫୁଲ ଓ ଫଳଗଛ ଘରେ ଚାରିପଟେ ଲଗାଉଛନ୍ତି । ବାସ୍ତୁଶାସ୍ତ୍ର ଅନୁସାରେ ସବୁ ଗଛର ସ୍ୱତନ୍ତ୍ର ମହ୍ୱ ଓ ଶକ୍ତି ରହିଛି । କିଛି ଗଛ ଘର ଏବଂ ସେଠାରେ ରହୁଥିବା ପରିବାରକୁ ଶୁଭଫଳ ଦେଉଥିବା ବେଳେ କିଛି ଗଛ ଓଲଟା ଫଳ ପ୍ରଦାନ କରନ୍ତି, ତେଣୁ ଘର ଓ ପରିବାରର ମଙ୍ଗଳ ପାଇଁ ଏ ଦିଗରେ ଯଥେଷ୍ଟ ସତର୍କତା ଅବଲମ୍ବନ କରାଯିବା ଉଚିତ । ଡାଳିମ୍ବ, ପଣସ, ନଡିଆ, ଆମ୍ବ, ଅଁଳା, ଅମୃତଭଣ୍ଡା ପ୍ରଭୃତି ଫଳଗଛ, ଚମ୍ପା, ଅଶୋକ, ଟଗର, ବଉଳ ଆଦି ଫୁଲଗଛ ଗୃହ ପାଇଁ ମଙ୍ଗଳକାରକ । ତେବେ କଇଥ, ତେନ୍ତୁଳି ପରି କିଛି ଫଳ ଏବଂ କଦମ୍ବ, ଧଳା ଅପରାଜିତା ପରି କିଛି ଫୁଲଗଛ ଘର ପାଇଁ ଅଶୁଭ । ପୂର୍ବଦିଗରେ ଅଶ୍ୱ ଗଛ ଥିଲେ ଘର ଏବଂ ସେଠାରେ ରହୁଥିବା ପରିବାର ପାଇଁ ବିପଦ ସୃଷ୍ଟି କରେ ଏବଂ ଆର୍ଥିକ ସଙ୍କଟ କାରଣ ହୁଏ । ସେହିପରି ପଶ୍ଚିମ ଦିଗରେ ଥିବା ବରଗଛ ଘର ପାଇଁ ବିପଦ ଡାକି ଆଣେ । ଉ ରରେ ଉଦୁମ୍ବର ଗଛର ଅବସ୍ଥିତି ମୃତ୍ୟୁ ଭୟର କାରଣ ହୁଏ । ଈଶାଣ କୋଣରେ ରକ୍ତପୁଷ୍ପ, ଅଗ୍ନିକୋଣରେ ଅରଖ ପରି କ୍ଷୀରଗଛ, ନୈରୁତ କୋଣରେ କ[ାଗଛ ଓ ବାୟବ୍ୟ କୋଣରେ ଶିମୁଳୀ ଗଛ ଘର ତଥା ଘରେ ବସବାସ କରୁଥିବା ଲୋକଙ୍କ ପାଇଁ ବିପଦଜନକ । ଅଁଳା, ତୁଳସୀ, ନଡିଆ, ଲିମ୍ବ ଓ ଆଶୋକ ପରି କିଛି ଗଛର ଛେଲି, ପତ୍ର ଓ ଫୁଲର ଔଷଧୀୟ ଗୁଣ ରହିଛି । ଆୟୁର୍ବେଦରେ ବିଭିନ୍ନ ରୋଗ ନିବାରଣ ପାଇଁ ଏଗୁଡିକୁ ବ୍ୟବହାର କରାଯାଏ, ତେଣୁ ସେଗୁଡିକ ବାଡି ବା ଅଗଣାରେ ରହିଲେ ଶୁଭଫଳ ପ୍ରଦାନ କରିବା ସହ ବେଳ ଅବେଳରେ କାମକୁ ଆସନ୍ତି ।






## ତ୍ୱଚାର ନୂତନ ଚର୍ଚ୍ଚା : 'କ୍ୟାଣ୍ଡେଲ୍ ସ୍ପା'

ମହାନଗରୀ ଦିଲ୍ଲୀ, ମୁମ୍ବାଇରେ ଏବେ ଅଧିକାଂଶ ଯୁବତୀ ଓ ମହିଳା 'କ୍ୟାଣ୍ଡେଲ୍ ସ୍ପା' ଚର୍ଚ୍ଚା କରାଇବାକୁ ପସନ୍ଦ କରୁଛନ୍ତି । ଭିନ୍ନ ଅନୁଭୂତି ବ୍ୟବହୃତ ହୋଇଥାଏ । ସୌନ୍ଦର୍ଯ୍ୟ ବିଶେଷଜ୍ଞ ମାହିରାଙ୍କ ମତରେ ଦିନକୁଦିନ ଏହି ସ୍ପାର ଲୋକପ୍ରିୟତା ବଢିବାରେ ଲାଗିଛି । ଗତ ବର୍ଷ ଜାପାନ ଗସ୍ତ ଅବସରରେ ସେ ଏହି ନୂତନ ସ୍ପାର ତାଲିମ ନେଇଆସିଛନ୍ତି । ଭାରତୀୟ ଜଳବାୟୁ ପାଇଁ କ୍ୟାଣ୍ଡେଲ୍ ସ୍ପା ଉତ୍ତମ ପ୍ରଭାବ ପକାଉଥିବାର ଗ୍ରାହକଙ୍କ ମତ । ଫେସିଆଲ୍‌ରେ ମଧ ଏହି ମହମବତିକୁ ଉପଯୋଗ କରାଯାଉଥିବାବେଳେ ଅନ୍ୟ ସ୍ପା ନିମନ୍ତେ ଗ୍ରାହକ ଅଧିକ ପସନ୍ଦ କରୁଛନ୍ତି । କ୍ୟାଣ୍ଡେଲ୍ ସ୍ପାର ସୁଗନ୍ଧରେ ମାନସିକ ଶାନ୍ତି ମିଳିବା ସହ ଜଣେ ଅବସାଦମୁକ୍ତ ମଧ ହୋଇପାରିଥାଏ । କର୍ମଜୀବୀ ମହିଳା ଏହି ସ୍ପା କରାଇବାକୁ ଆଗ୍ରହ ପ୍ରକାଶ କରୁଥିବାର ଦେଖାଯାଉଛି । କ୍ୟାଣ୍ଡେଲ୍ ସ୍ପାର ମୂଲ୍ୟ ୧,୫୦୦-୯,୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି ।



## ବାସ୍ତୁ ବିଜ୍ଞାନ

ବାସ୍ତୁ ନିୟମ ଅନୁସାରେ ଗୃହ ନିର୍ମାଣ କରିବା ଉଚିତ୍ । ଏହା ଭବିଷ୍ୟତରେ ସମ୍ମୁଖୀନ ହେବାକୁ ଥିବା ବିଭିନ୍ନ ସମସ୍ୟାରୁ ରକ୍ଷା କରେ । ବାସ୍ତୁ ପୁରାଣ ବା ଶାସ୍ତ୍ର ନୁହେଁ, ଏହା ଏକ ବିଜ୍ଞାନ ବୋଲି ବାସ୍ତୁବିତ୍‌ମାନେ କହନ୍ତି । ପ୍ରତ୍ୟେକ ବ୍ୟକ୍ତି ଓ ପରିବାର ପାଇଁ ଘର ଏକ ଜରୁରୀ ଆବଶ୍ୟକତା । ଏଠାରେ ସେ ତଥା ପରିବାରର ସମସ୍ତ ସଦସ୍ୟଙ୍କ ସର୍ବାଧିକ ସମୟ ବିତିଥାଏ । ଘରର ବାସ୍ତୁ ସେମାନଙ୍କ କର୍ମ, ଭାଗ୍ୟ ଓ ଭବିଷ୍ୟତକୁ ପ୍ରଭାବିତ କରେ । ତେବେ ସମସ୍ୟା ହେଲା ଆଜିର ସମୟରେ ବାସ୍ତୁ ଉପଯୋଗୀ ଜମି ମିଳିବା ସହଜ ନୁହେଁ । ପୁଣି, ବଡବଡ ସହରରେ ଏବେ ଫ୍ଲାଟ୍ ଆପାର୍ଟମେଣ୍ଟର ସଂସ୍କୃତି । ବାସ୍ତୁ ନିୟମକୁ ଜଗିଲେ ଘର ମିଳିବା କାଠିକର ପାଠ । ସେହିପରି ଅନେକ ଲୋକ ସେମାନଙ୍କ ପୈତୃକ ଘରେ ରହୁଛନ୍ତି, ଯେଉଁଗୁଡିକ ବାସ୍ତୁ ଅନୁମୋଦିତ ନୁହେଁ । ସେ ପ୍ରକାର ପରିସ୍ଥିତି ବାସ୍ତୁ ତ୍ରୁଟିଜନିତ ସମସ୍ୟାରୁ କିପରି ରକ୍ଷା ମିଳିବ ? ପ୍ରତିକାର ହେଉଛି ଏହାର ଏକମାତ୍ର ସମାଧାନ । ବାସ୍ତୁଶାସ୍ତ୍ରରେ ଏହି ବ୍ୟବସ୍ଥା ବି ରହିଛି । ସୁତରାଂ ସେମାନେ କାଳ ବିଳମ୍ବ, ନକରି ଯଥାଶୀଘ୍ର ଅଭିଜ୍ଞ ବାସ୍ତୁବିତ୍‌ଙ୍କ ପରମର୍ଶ ନେବା ଉଚିତ୍ । କିଛି ବାସ୍ତୁ ପ୍ରତିକାର

୧. ବାସ୍ତୁଶାସ୍ତ୍ର ଅନୁସାରେ ଘରର ଶିଡି ପୂର୍ବ-ପଶ୍ଚିମ ବା ଉତ୍ତର-ଦକ୍ଷିଣ ହେବା କଥା । ସେହିପରି ପାହାଚ ସଂଖ୍ୟା ବିଷମ, ଯଥା ୧୧, ୧୩, ୧୫, ୧୭,୧୯...ହେବା ଶେୟସ୍କର । ଯଦି ଏପରି ହୋଇ ନଥାଏ, ତା'ହେଲେ ଏହା ବାସ୍ତୁତ୍ରୁଟି ବୋଲି ବୁଝିବାକୁ ହେବ । ଏହାର ପ୍ରତିକାର ପାଇଁ ଗୋଟିଏ ଗିନାରେ ମାଟିରଖି ଶିଡି ତଳେ ଥିବା ଭୂଇଁରେ ପୋତି ଦିଅନ୍ତୁ ।

୨. ପୂର୍ବ ଓ ଉତ୍ତରମୁଖୀ ଘର ପରିବାର ପାଇଁ ଉତ୍ତମ । ଯଦି ଘରର ମୁଖ୍ୟ ଦ୍ୱାର ଅନ୍ୟ କେଉଁ ଦିଗକୁ ରହିଥାଏ ତା'ହେଲେ ରୁପା, ତମ୍ବା ବା ପଞ୍ଚାଧାତୁ ନିର୍ମିତ ସ୍ୱସ୍ତିକ ପ୍ରାଣପ୍ରତିଷ୍ଠା କରି ଲଗାନ୍ତୁ ।

୩.ରୋଷେଇ ଘରର ବାସ୍ତୁଦୋଷ ଦୂର କରିବା ପାଇଁ ମାଟିପାତ୍ରରେ ଏକ କ୍ରିଷ୍ଟାଲ ବଲ୍ ରଖି ରୋଷେଇ ଘରେ ରଖନ୍ତୁ ।

୪. ଘରେ ନିଶ୍ଚିତ ଭାବରେ ତୁଳସୀ ଚଉରା ରଖନ୍ତୁ । ଅନ୍ୟାନ୍ୟ ବାସ୍ତୁଦୋଷ ପାଇଁ ଅତିକମ୍‌ରେ ବିଭିନ୍ନ ସ୍ଥାନରେ ୫ଟି ତୁଳସୀ ଗଛ ଲଗାନ୍ତୁ ।

୫. ପୂର୍ବ-ଉତ୍ତର କୋଣରେ ଶୌଚାଳୟ ଥିଲେ, ଏକ ପାତ୍ରରେ ସମୁଦ୍ର ଲୁଣ ରଖି ସେଠାରେ ଥୋଇ ଦିଅନ୍ତୁ ।





୬. ଶୟନକକ୍ଷ ଦକ୍ଷିଣ-ପୂର୍ବ ଦିଗରେ ଥିଲେ, ପଲଙ୍କ ବା ଖଟ ଦକ୍ଷିଣ-ପଶ୍ଚିମ ଦିଗରେ ରଖନ୍ତୁ ।

## ବାଗ୍ ଗୁମ୍ଫାର ଇତିହାସ



ଭାରତୀୟ ଇତିହାସ କେବଳ ରାଜା-ରାଣୀଙ୍କର କାହାଣୀ ନୁହେଁ, ସେମାନଙ୍କର ଶାସନକାଳର ବିଶେଷତା ଓ କାରୁକାର୍ଯ୍ୟକୁ ନେଇ ଗର୍ବ କରାଯାଏ । ସେଥିମଧ୍ୟରୁ ଧାର ଜିଲ୍ଲାର ବାଗ୍ ଗୁମ୍ଫା ଅନ୍ୟତମ । ତା'ର ଚିତ୍ରକଳା ପାଇଁ ପ୍ରସିଦ୍ଧ ବାଗ୍ ଗୁମ୍ଫାର ଭି ି ଚିତ୍ରକୁ ଅଜନ୍ତାରେ ଥିବା ଚିତ୍ରକଳାର ସମକାଳୀନ ବୋଲି କୁହାଯାଏ । ଦୁଇଟିସାରା ଚିତ୍ରକଳାର ଚିତ୍ରାଙ୍କନ ଶୈଳୀ ଏକ ପରି । ଏହି କଳା ବହୁତ ପୂର୍ବରୁ ଭାରତ ସହିତ ଦକ୍ଷିଣ ପୂର୍ବ ଏସିଆ ତଥା ଚୀନର କଳାକୁ ମଧ୍ୟ ପ୍ରଭାବିତ କରିଥିଲା । ସେଠାରେ ପୂର୍ଣ୍ଣ ବିକସିତ ଚିତ୍ରକଳାର ଚିହ୍ନ ଦେଖିବାକୁ ମିଳିଥାଏ । ଏହି ବାସ୍ତୁକଳା ଓ ଚିତ୍ରକାରୀର ଶୈଳୀର ଆଧାରରେ ଜଣାପଡୁଛି ଯେ ଏହା ସପ୍ତମ ଶତାବ୍ଦୀର ହୋଇପାରେ । ବାଗ୍ ଗୁମ୍ଫାର ଚିତ୍ରରେ ଲୌକିକ ଓ ଧାର୍ମିକ ଜୀବନ ସମ୍ବନ୍ଧିତ ପ୍ରସଙ୍ଗକୁ ଚିତ୍ରାଙ୍କିତ କରାଯାଇଛି । କିନ୍ତୁ ବ ର୍ମାନ ସମୟରେ ଏହି ଚିତ୍ରଗୁଡିକର ଅନେକ କ୍ଷତି ହୋଇଥିବାର ଦେଖାଯାଉଛି । ଦୁଇ ନମ୍ବର ଗୁମ୍ଫାକୁ ରଙ୍ଗ ମହଲ ବୋଲି କୁହାଯାଏ ଓ ସେଠାରେ ବେଲବୁଟେର ଚିତ୍ର ଥିଲା । ସେଠାରେ ୨ ମିଟର ଉଚ୍ଚ ସ୍ଥାନରେ ନୃତ୍ୟରତ ଘୋଡା ଓ ହାତୀମାନଙ୍କର ଶୋଭାଯାତ୍ରାର ଦୃଶ୍ୟର ଚିତ୍ର କରାଯାଇଛି । ସେଥିରେ ଏକ ମହିଳାକୁ ବିଳାପ କରୁଥିବା ତଥା ଅନ୍ୟ ମହିଳାଙ୍କୁ ସାନ୍ତ୍ୱନା ଦେଉଥିବାର ଚିତ୍ର ଅଙ୍କାଯାଇଛି । ଏପରି ଅନେକ ମହ୍ୱପୂର୍ଣ୍ଣ ତଥ୍ୟ ଅଙ୍କିତ କରାଯାଇଥିଲା । କିନ୍ତୁ ଏହି ଦୁର୍ଲଭ ଚିତ୍ର ଏବେ ସହଜରେ ଦେଖାଯାଉନାହିଁ । କିଛି ଚିତ୍ରକୁ ସୁରକ୍ଷିତ ଭାବରେ ସଂରକ୍ଷିତ କରାଯାଇଛି ତ କେତେକ ନଷ୍ଟ ହୋଇଗଲାଣି ।

## ବୈଜ୍ଞାନିକ ମାନଙ୍କ ଚ୍ୟାଲେଞ୍ଜ ପଥର ନଦୀ



ନଦୀରେ ପାଣି ସହ ପଥର ଦେଖିବାକୁ ମିଳେ । ହେଲେ ଆପଣ କେବେ ଏପରି ନଦୀ ଦେଖିଛନ୍ତି ଯାହା ପଥରରେ ବନିଛି । ଏହି ନଦୀଟି ରୁଷରେ ଅଛି । ବୈଜ୍ଞାନିକମାନଙ୍କ ପାଇଁ ଏହା ଏକ ବଡ ଚ୍ୟାଲେଞ୍ଜ ହୋଇଥିଲା ବେଳେ ଅଦ୍ୟାବଧି ଏହାର ଖୁଲାସା ହୋଇପାରିନାହିଁ । ପ୍ରକୃତିର ଏହି ଅଜବ ବରଦାନର ନାମ ହେଉଛି ପଥରରୁ ଅଧିକ । ଏହି ନଦୀରେ ଆପଣ ୬ କିଲୋମିଟର ପର୍ଯ୍ୟନ୍ତ କେବଳ ପଥର ଦେଖିବେ । ନଦୀର ଧାରାଭଳି ଏହି ପଥର ଧାରା ରହିଥିଲାବେଳେ କେଉଁ ଜାଗାରେ ଏହାର ବ୍ୟାସ ୨୦ ମିଟର ତ ଆଉ କେଉଁ ଜାଗାରେ ୭୦୦ ମିଟର । ନଦୀ ଭିତରେ ଥିବା ପଥର ଓଜନ ମଧ ୧୦ ଟନରୁ ଅଧିକ । ତେବେ ଏହି ଅଂଚଳରେ କିପରି ପଥରର ନଦୀ ସୃଷ୍ଟି ହେଲା ତାହା ଜଣାପଡିନାହିଁ । କିଛି ବୈଜ୍ଞାନିକଙ୍କ ଯୁକ୍ତି ହେଉଛି ୧୦ ହଜାର ବର୍ଷ ତଳେ ଗ୍ଲାସିୟର ଭାଙ୍ଗି ଏହି ଅଜବ ପ୍ରକାରର ନଦୀ ସୃଷ୍ଟି ହୋଇଛି ।

# କରୋନା ଯୋଦ୍ଧା ସହିଦଙ୍କ ନାମରେ ମିଥ୍ୟା ତଥ୍ୟ ଦେବା ପ୍ରସଙ୍ଗ

## ସର୍ବସାଧାରଣରେ କ୍ଷମା ପ୍ରାର୍ଥନା କରନ୍ତୁ ରାଜ୍ୟସରକାର: ବିଜେପି

ଭୁବନେଶ୍ୱର,୧୦।୧୦ (ନି.ପ୍ର): କୋଭିଡ ପରିଚାଳନାରେ ରାଜ୍ୟସରକାର ସଂପୂର୍ଣ୍ଣ ଭାବେ ଫେଲ୍ ମାରିଛନ୍ତି । ରାଜ୍ୟରେ ପ୍ରତିଦିନ କୋଭିଡ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଛି । ଅନ୍ୟପଟେ କୋଭିଡ ମୃତ୍ୟୁ ସଂଖ୍ୟାକୁ ସରକାର ଲୁଚାଇ କମ୍ ମୃତ୍ୟୁ ହେଉଛି ବୋଲି ଦର୍ଶାଉଛନ୍ତି । ଏଭଳି ଏକ ସଙ୍କଟ ସମୟରେ ରାଜ୍ୟସରକାର ରାଜ୍ୟରେ କୋଭିଡ ପରିଚାଳନାକୁ ସଠିକ୍ ଢଙ୍ଗରେ ନକରି ରାଜନୈତିକ ଡ୍ରାମା କରିବା ଅତ୍ୟନ୍ତ ଅଶୋଭନୀୟ । ମୁଖ୍ୟମନ୍ତ୍ରୀ ନିଜେ କରୋନା ଯୁଦ୍ଧରେ ସହିଦ ହୋଇଥିବା ଲୋକଙ୍କ ନାଁ ରେ ମିଥ୍ୟା କହିବା ଏବଂ ସେମାନଙ୍କ ପରିବାର ଲୋକଙ୍କୁ ବିଭ୍ରାନ୍ତିକର କଥା କହି କେନ୍ଦ୍ର ସରକାରଙ୍କ ଉପରେ ମିଥ୍ୟା ଆରୋପ ଲଗାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ନିଜ ଭୁଲକୁ ରାଜ୍ୟସରକାର ସ୍ୱୀକାର କରି ସର୍ବସାଧାରଣରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦାବି କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ଗତ ୭ ତାରିଖରେ ରାଜ୍ୟସରକାର ସହିଦ ୬୦ ଜଣ କୋଭିଡ ଯୋଦ୍ଧାଙ୍କ ତାଲିକା କେନ୍ଦ୍ର ସରକାରଙ୍କୁ ପଠାଇଥିବା ଏବଂ କେନ୍ଦ୍ରସରକାର କେବଳ ଜଣେ ସହିଦଙ୍କ ପରିବାରକୁ ସହାୟତା ଦେବା ପାଇଁ କହିଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରେସ ବିଜ୍ଞପ୍ତିରେ ପ୍ରକାଶିତ ହୋଇଥିଲା । ଏହି ତଥ୍ୟ ସଂପୂର୍ଣ୍ଣଭାବେ ଅମୂଳକ ଓ ଭିତିହୀନ । ବାସ୍ତବରେ ୩୦ ମାର୍ଚ୍ଚ୨୦୨୦ ରୁ ୮ ଅକ୍ଟୋବର ୨୦୨୦ ପର୍ଯ୍ୟନ୍ତ ରାଜ୍ୟସରକାର ୪୭ ଜଣ କୋଭିଡ ଯୋଦ୍ଧା ସହିଦ ହୋଇଛନ୍ତି ବୋଲି କେନ୍ଦ୍ରସରକାରଙ୍କୁ ତାଲିକା ପ୍ରଦାନ କରିଛନ୍ତି । ଏଥିରୁ ୪୧ ସହିଦ ପରିବାରଙ୍କୁ ଅନୁକଂପା ରାଶି ପ୍ରଦାନ ପାଇଁ ଇନସ୍ୟୁରାନ୍ସ ଭେରିଫିକେସନ ଚାଲିଥିବାବେଳେ ବାକି ୫ ଜଣ ସହିଦ୍‌ଙ୍କର କୌଣସି ତଥ୍ୟ କିମ୍ବା ସେ ସମ୍ବନ୍ଧିତ କାଗଜପତ୍ର ରାଜ୍ୟସରକାର କେନ୍ଦ୍ରକୁ ପଠାଇ ନାହାଁନ୍ତି । ଏପର୍ଯ୍ୟନ୍ତ ଗଂଜାମ ଜିଲ୍ଲାର ଜଣେ ସହିଦ ଡାକ୍ତରଙ୍କ ପରିବାରକୁ କେନ୍ଦ୍ର ସରକାର ୫୦ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଛନ୍ତି । ରାଜ୍ୟସରକାର ସଠିକ୍ ତଥ୍ୟ ନଦେଇ ନିଜର ଦୋଷ ଦୁର୍ବଳତାକୁ ଲୁଚାଇବାକୁ ଯାଇ ସହିଦ ପରିବାରଙ୍କ ଭାବନା ସହ ଖେଳିବା ଅତ୍ୟନ୍ତ ନିନ୍ଦନୀୟ । ୨୧ଏପ୍ରିଲ ୨୦୨୦ରେ କୋଭିଡରେ ମୃତ୍ୟୁବରଣ କରିଥିବା ଆଗଧାଡିର ଯୋଦ୍ଧାଙ୍କୁ କେନ୍ଦ୍ରସରକାରଙ୍କ ସହାୟତା ପରେ ରାଜ୍ୟସରକାର ନିଜ ତରଫରୁ ଅତିରିକ୍ତ ୫୦ ଲକ୍ଷ ଟଙ୍କା ଦେବା ପାଇଁ ଘୋଷଣା କରିଥିଲେ । ଏପର୍ଯ୍ୟନ୍ତ ଜଣେ ବି ପରିବାର କାହିଁକି ଏହି ଅନୁକଂପା ରାଶିରୁ ବଂଚିତ ଅଛନ୍ତି ତାହା ରାଜ୍ୟସରକାର ସ୍ପଷ୍ଟ କରନ୍ତୁ । ମୁଖ୍ୟମନ୍ତ୍ରୀ କାହିଁକି ଏପର୍ଯ୍ୟନ୍ତ ମୃତକ ଅଙ୍ଗନବାଡି ଓ ଆଶାକର୍ମୀଙ୍କ ପରିବାରକୁ ସହାୟତା ଦେଉନାହାଁନ୍ତି ବୋଲି ଶ୍ରୀ ହରିଚନ୍ଦନ ପ୍ରଶ୍ନ କରିଛନ୍ତି । କୋଭିଡ ନିୟନ୍ତ୍ରଣରେ କେନ୍ଦ୍ର ସରକାର ରାଜ୍ୟସରକାରଙ୍କୁ ବ୍ୟାପକ ସହାୟତା ଯୋଗାଇଦେଇଥିବା ସମୟରେ ରାଜ୍ୟସରକାର ଏହି ଅନୁଦାନକୁ ବିନିଯୋଗ କରିପାରିନାହାଁନ୍ତି । ଅନ୍ୟରାଜ୍ୟରେ ବ୍ୟାପକ କୋଭିଡ ଟେଷ୍ଟିଂ ହେଉଛି କିନ୍ତୁ ରାଜ୍ୟରେ ସେତିକି ଟେଷ୍ଟିଂ କରାଯାଉନାହିଁ କାହିଁକି ? ବିଗତ ଦିନରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରୁ ଆସିଥିବା ବିଭିନ୍ନ ଘୋଷଣାକୁ ରାଜ୍ୟସରକାର ତୁରନ୍ତ ରାଜ୍ୟରେ ଲାଗୁ କରନ୍ତୁ । ଏହା ସହ ନିଜ ଭୂଲକୁ ରାଜ୍ୟସରକାର ସ୍ୱୀକାର କରି ସର୍ବସାଧାରଣରେ କ୍ଷମା ପ୍ରାର୍ଥନା କରନ୍ତୁ । ଆଗାମୀ ଏକ ସପ୍ତାହ ଭିତରେ ମୁଖ୍ୟମନ୍ତ୍ରୀ ନିଜ ପ୍ରତିଶୃତି ରକ୍ଷା କରି ରାଜ୍ୟସରକାରଙ୍କ ତରଫରୁ ସହିଦ କୋଭିଡ ଯୋଦ୍ଧାଙ୍କ ପରିବାରକୁ ଅତିରିକ୍ତ ୫୦ଲକ୍ଷ ଟଙ୍କାର ସହାୟତା ଦେବା ସହ ଅଙ୍ଗନବାଡୀ ଓ ଆଶାକର୍ମୀଙ୍କ ପରିବାରକୁ ଗତ ଅଗଷ୍ଟ ଓ ସେପ୍ଟେମ୍ବର ମାସର ସହାୟତା ରାଶି ପ୍ରଦାନ କରିବା ପାଇଁ ଶ୍ରୀ ହରିଚନ୍ଦନ ଦାବୀ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଶ୍ରୀ ଠାକୁର ରଂଜିତ ଦାସ ଉପସ୍ଥିତ ଥିଲେ ।

# ଶ୍ରୀମନ୍ଦିର ଖୋଲିବା ପ୍ରସଙ୍ଗରେ ମତ ଲୋଡ଼ିଲେ ମୁଖ୍ୟପ୍ରଶାସକ

ପୁରୀ,୧୦।୧୦ (ନି.ପ୍ର): ଭକ୍ତମାନଙ୍କ ଲାଗି ଶ୍ରୀମନ୍ଦିର ଖୋଲାଯିବା ସମ୍ପର୍କରେ ଆଜି ୪ଟି ନିଯୋଗର କର୍ମକର୍ତ୍ତାମାନଙ୍କ ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ କ୍ରିଷନ୍ କୁମାର ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରିଛନ୍ତି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଆଜି ପୂର୍ବାହ୍ନ ୧୧ଟା ସମୟରେ ମୁଖ୍ୟପ୍ରଶାସକ ପ୍ରତିହାରୀ ନିଯୋଗ, ପୂଜାପଣ୍ଡା ନିଯୋଗ,ସୁଆର ମହାସୁଆର ନିଯୋଗ ଓ ଖୁଣ୍ଟିଆ ନିଯୋଗ କର୍ମକର୍ତ୍ତା ମାନଙ୍କ ସହିତ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରି ଶ୍ରୀମନ୍ଦିର ଖୋଲାଯିବା ସମ୍ପର୍କରେ ସେମାନଙ୍କର ମତାମତ ଲୋଡ଼ିଥିଲେ । ଆଲୋଚନା ସମୟରେ ଶ୍ରୀମନ୍ଦିର ପରିଚାଳନା କମିଟିରେ ଥିବା ସେବାୟତ ପ୍ରତିନିଧିମାନେ ଉପସ୍ଥିତ ରହି ସେମାନଙ୍କ ମତାମତ ଦେଇଥିଲେ । ଶ୍ରୀମନ୍ଦିର ଖୋଲାଯିବା ସମ୍ପର୍କିତ ମତାମତ ସଂଗ୍ରହ ପ୍ରକ୍ରିୟା ଆସନ୍ତା ୧୨ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏହି ପ୍ରକ୍ରିୟା ଶେଷ ହେବାପରେ ଶ୍ରୀମନ୍ଦିର ପରିଚାଳନା କମିଟିରେ ବିଭିନ୍ନ ନିଯୋଗ ଦେଇଥିବା ମତାମତ ଉପସ୍ଥାପନ କରାଯିବ । ପରିଚାଳନା କମିଟିର ନିଷ୍ପତ୍ତିପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଶ୍ରୀମନ୍ଦିର ନୀତି ପ୍ରଶାସକ ଗଣମାଧ୍ୟମକୁ କହିଛନ୍ତି ।

# ଡିସେମ୍ବର ଯାଏଁ ଆଗୁଆ ମିଳିବ କଳାକାର ଭତା

ଭୁବନେଶ୍ୱର,୧୦।୧୦ (ନି.ପ୍ର): ରାଜ୍ୟର କଳାକାର ଭତା ପାଉଥିବା କଳାକାରମାନଙ୍କୁ ଡିସେମ୍ବର-୨୦୨୦ ଯାଏଁ ଆଗୁଆ ଭାବେ କଳାକାର ଭତା ପ୍ରଦାନ କରାଯିବ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ପ୍ରଦାନ କରାଯାଉଥିବା ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ସେପ୍ଟେମ୍ବର ଯାଏଁ ପୂର୍ବରୁ ଭତା ପ୍ରଦାନ କରାଯାଇଥିଲା । କୋଭିଡ୍-୧୯ ପରିସ୍ଥିତିକୁ ଦୃଷ୍ଟିରେ ରଖି ଅକ୍ଟୋବର ଠାରୁ ଡିସେମ୍ବର ପର୍ଯ୍ୟନ୍ତ ଆଗୁଆ ତିନି ମାସର କଳାକାର ଭତା ଦେବା ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟର ପ୍ରତିମାସ ୩୪,୬୫୩ ଜଣ କଳାକାରମାନଙ୍କୁ ଜଣକୁ ମାସିକ ୧୨୦୦ ଟଙ୍କା ହିସାବରେ ୪,୧୫,୮୩,୬୦୦ ଟଙ୍କା ପ୍ରଦାନ କରାଯାଉଛି । ଚଳିତ ଥର ତିନି ମାସ ନିମନ୍ତେ ୧୨,୪୭,୫୦,୮୦୦ ଟଙ୍କା ଭତା ପୂର୍ବପରି ଜିଲ୍ଲାପାଳମାନଙ୍କ ଜରିଆରେ କଳାକାରମାନଙ୍କୁ ପ୍ରଦାନ କରାଯିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି ।

# ୧୩ ବର୍ଷରେ ୧୩ ଜଣ ମାନସିକ ରୋଗୀ ଚିକିତ୍ସିତ ହୋଇନାହାନ୍ତି: ଖତ ଖାଉଛି ଫୁଲବାଣୀ ମାନସିକ ଚିକିତ୍ସା କେନ୍ଦ୍ର

କନ୍ଧମାଳ,୧୦ ଅକ୍ଟୋବର (ହି.ସ.)- ଫୁଲବାଣୀ ସହରର ରାସ୍ତାଘାଟରେ ବୁଲୁଛନ୍ତି ପାଗଳ । ଗ୍ରାମାଂଚଳ ମାନସିକ ରୋଗୀଙ୍କ ହିସାବ କାହା ପାଖରେ ବି ନାହିଁ । ଅପର ପକ୍ଷରେ ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ମାନସିକ ରୋଗୀ ଚିକିତ୍ସା କେନ୍ଦ୍ର ପଙ୍ଗୁ ହୋଇ ପଡି ରହିଛି । କାଗଜ କଲମରେ ଗତ ୧୩ ବର୍ଷ ହେଲା ଚାଲିଥିବା ଏହି ମାନସିକ ରୋଗୀ ବିଭାଗରେ ଆଜି ପର୍ଯ୍ୟନ୍ତ କୌଣସି ଡାକ୍ତର ନିଯୁକ୍ତ ହୋଇ ନାହାନ୍ତି । କେବଳ ଜଣେ କ୍ଲିନିକାଲ ସାଇକୋଲୋଜିଷ୍ଟ, ଜଣେ ରେକର୍ଡ କିପର ଓ ଜଣେ କେସ ରେଜିଷ୍ଟର ଆସିଷ୍ଟାଙ୍କୁ ନେଇ ଚାଲିଛି ଏହି ବିଭାଗ । ସୂଚନା ଯୋଗ୍ୟ ଗତ ୨୦୦୭ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ମାନସିକ ଚିକିତ୍ସା ବିଭାଗଟି ଉଦଘାଟିତ ହୋଇଥିଲା ଏହି ମାନସିକ ଚିକିତ୍ସା କେନ୍ଦ୍ର ପାଇଁ ରାଜ୍ୟ ସରକାର ଦୁଇଟି ଦଫାରେ ୨୯ ଲକ୍ଷ ଟଙ୍କର ଅନୁଦାନ ମଞ୍ଜୁରୀ କରିବାସହିତ ମାନସିକ ରୋଗୀଙ୍କର ଚିକିତ୍ସା ପାଇଁ ବିଭିନ୍ନ ପ୍ରକାରର ଅଧୁନିକ ଯନ୍ତ୍ରପାତି ଇ.ସି.ଜି ମେସିନ ସମେତ କାର୍ଯ୍ୟାଳୟ ପାଇଁ ଆଲମାରୀ କମ୍ପ୍ୟୁଟର ଏବଂ ଅନ୍ୟାନ୍ୟ ଆସବାବପତ୍ର ମଧ୍ୟ ଯୋଗାଇ ଦେଇଥିଲେ ସରକାର । ଏହି ୟୁନିଟ ପାଇଁ ସରକାର ଗୋଟିଏ ମନସ୍ତତ୍ୱବିତ୍ ଜଣେ ନର୍ସ ସମେତ ଜଣେ ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତି ପାଇଁ ମଧ୍ୟ ମଞ୍ଜୁରୀ ଦେଇଥିଲେ ସରକାର । ତେବେ ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ଏହି ବିଭାଗ ପାଇଁ ଡାକ୍ତର କିମ୍ବା କୌଣସି ବୈଷୟିକ କର୍ମଚାରୀ ନିଯୁକ୍ତ ନ ହେବାରୁ ବସ୍ତୁତଃ ଏହି ବିଭାଗଟି ନିଜର ଦାୟିତ୍ୱ ସମ୍ପାଦନରେ ବିଫଳ ହୋଇଥିବା ଜଣାପଡିଛି । ପ୍ରଥମରୁ କଟକ ବଡ ଡାକ୍ତରଖାନାରୁ ଜଣେ ଡାକ୍ତର ମାସକୁ ତିନି ଦିନ ପାଇଁ ଆସି ରୋଗୀଙ୍କ ଚିକିତ୍ସା କରୁଥିଲେ । କିଛି ଦିନ ପରେ ତାଙ୍କ ଆସିବା ମଧ୍ୟ ବନ୍ଦ ହୋଇ ଯାଇଥିଲା । ଏବେ ଜଣେ ମନୋ ଚିକିତ୍ସକ ସେହି ମାସକୁ ତିନିଦିନ ପାଇଁ ରୋଗୀ ଦେଖୁଥିବା ଜଣାପଡିଛି । ଏହି ବିଭାଗ ପାଇଁ ସ୍ୱତନ୍ତ୍ର ଗୃହ ନିର୍ମାଣ ମଧ୍ୟ କେବଳ ପ୍ରସ୍ତାବରେ ଅଟକି ରହିଛି । ଯକ୍ଷ୍ମା ବିଭାଗର ତିନୋଟି ଛୋଟ କୋଠରୀରେ ଚାଲିଛି ମେଣ୍ଟାଲ ଓାର୍ଡ । ଡାକ୍ତରଙ୍କ ପାଇଁ ଉଦ୍ଦିଷ୍ଟ କୋଠରୀ ସବୁବେଳେ ଖାଲି ପଡିଥିବା ବେଳେ ଅନ୍ୟ ଦୁଇଟି କୋଠରୀରେ ରେକର୍ଡ କିପର ଓ କେସ ରେଜିଷ୍ଟର ଆସିଷ୍ଟାଣ୍ଟ ବସୁଛନ୍ତି । ସେହିଭଳି ନିଜସ୍ୱ ଗୃହ ନ ଥିବାରୁ ଭେଷଜ ଓାର୍ଡର ୧୦୯ଟି ଶଯ୍ୟା ମାନସିକ ରୋଗିଙ୍କ ପାଇଁ ରଖାଯାଇଛି । ତେବେ ଏହି ଶଯ୍ୟା ଗୁଡିକରେ ପ୍ରାୟତଃ ଭେଷଜ ବିଭାଗର ରୋଗୀମାନେ ହିଁ ଚିକିତ୍ସିତ ହେଉଥିବା ଦେଖାଯାଉଛି । ମନସିକ ରୋଗ ବିଭାଗର ରେଜିଷ୍ଟରରୁ ଏହି ବିଭାଗ ଦ୍ୱାରା ଗତ ଦଶ ବର୍ଷ ମଧ୍ୟରେ ୨ ହଜାର ରୋଗୀ ଚିକିତ୍ସିତ ହୋଇଥିବା ଜଣାପଡିଛି । ତେବେ ଏଥି ମଧ୍ୟରୁ କେତେଜଣ ବର୍ହିବିଭାଗ ଓ କେତେଜଣ ଆନ୍ତଃ ବିଭାଗ ରୋଗୀ ତାହା ଜଣାପଡୁନାହିଁ । ଏ ସଂପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ରାଜେଶ୍ୱରୀ ପଟ୍ଟନାୟକଙ୍କୁ ପଚାରିବାରେ ସେ ଜଣାଇଛନ୍ତି ଯେ ପ୍ରାୟତଃ ମାନସିକ ରୋଗୀ ମାନଙ୍କୁ ବିଭିନ୍ନ ଭ୍ରାମ୍ୟମାଣ ୟୁନିଟ ଦ୍ୱାରା ଚିକିତ୍ସା କରାଯାଇଛି ।

## ପାଲା ଗାୟକଙ୍କ ମାତୃ ବିୟୋଗ

ନୂଆପଡା,୧୦।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଲ ବ୍ଲକ ଅନ୍ତର୍ଗତ ବିରିଘାଟ ଗ୍ରାମର ବିଶିଷ୍ଟ ପାଲା ଗାୟକ ଅର୍ଜୁନ ଛତ୍ରିଆଙ୍କର ମାତୃ ବିୟୋଗ ଘଟିଛି । ତାଙ୍କ ମାଁ ହେମକାନ୍ତି ଛତ୍ରିଆଙ୍କର ପରଲୋକ ହୋଇଯାଇଥିବା ବେଳେ ମୃତ୍ୟୁବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା । ସେ ଜଣେ ବିଦୁଷି ମହିଳା ଥିଲେ । ପୁରାଣ ଶାସ୍ତ୍ର ଉପରେ ତାଙ୍କର ଅନେକ ଜ୍ଞାନ ଥିବା ବେଳେ ଧର୍ମ ପ୍ରାଣା ଓ ପରୋପକାରୀ ଥିଲେ । ତାଙ୍କ ବିୟୋଗରେ ଖଡିଆଳ ଅ ଳର ବୁଦ୍ଧିଜୀବୀ ଓ କଳାକାର ଗଣ ଦୁଃଖ ପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

# ୧୦୮ ଆମ୍ବୁଲାନ୍ସରେ ରହୁନାହାନ୍ତି ଫାର୍ମାସିଷ୍ଟ ଓ ଆଟେଣ୍ଡାଣ୍ଟ

ଭୁବନ,୧୦।୧୦ (ନି.ପ୍ର): ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ପ୍ରାଥମିକତା ଦେଉଥିବା ବ୍ୟାପକ ପ୍ରଚାର କରୁଥିବା ବେଳେ ଗୁରୁତର ରୋଗୀଙ୍କୁ ନେବା ଆଣିବା କରୁଥିବା ୧୦୮ ଆମ୍ବୁଲାନ୍ସରେ କର୍ମଚାରୀ ରହୁନଥିବା ଅଭିଯୋଗ ହେଉଛି । ପ୍ରତ୍ୟେକ ଆମ୍ବୁଲାନ୍ସରେ ଡ୍ରାଇଭର ଙ୍କ ସମେତ ଜଣେ ଫାର୍ମାସିଷ୍ଟ ଓ ଜଣେ ଆଟେଣ୍ଡାଣ୍ଟ କୁ ନିଯୁକ୍ତି ଦିଆଯାଇଥିବା ବେଳେ କରୋନା ଆଳ ଦେଖାଇ କେତେକ କର୍ମଚାରୀ ଆଦୌ ନିଜର କର୍ତବ୍ୟ ପାଳନ କରୁନଥିବା ଅଭିଯୋଗ ହେଉଛି । ଆଜି ଅପରାହ୍ନରେ ଢେଙ୍କାନାଳ ଜିଲ୍ଲା ଗଁନ୍ଦିଆ ରୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିବା ଏକ ଆମ୍ବୁଲାନ୍ସରେ ଡ୍ରାଇଭର ଙ୍କ ବ୍ୟତିତ ଫାର୍ମାସିଷ୍ଟ ଓ ଆଟେଣ୍ଡାଣ୍ଟ କୁ ଦେଖିବାକୁ ମିଳିନଥିଲା । ଯାହାକି ଜ୍ୱଳନ୍ତ ପ୍ରମାଣ । ରୋଗୀଙ୍କ ପରିବାର ଲୋକ ବିନା ମାସ୍କରେ ରୋଗୀଙ୍କୁ ଟେକାଉଠା କରି ଆମ୍ବୁଲାନ୍ସରେ ଭର୍ତି କରୁଥିବା ଓ ସେଥିରୁ ବାହାର କରୁଥିବା ଦେଖିବାକୁ ମିଳିଥିଲା । ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ନବଜାତ ଶିଶୁପୁତ୍ର ଉଦ୍ଧାର, ଚାଇଲ୍ଡ ଲାଇନକୁ ହସ୍ତାନ୍ତର

ଗଞ୍ଜାମ,୧୦।୧୦ (ନି.ପ୍ର): ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଥାନା ଅନ୍ତର୍ଗତ ବିରଂଚି ପୁର ପଚାଂୟତ ରାମଚନ୍ଦ୍ରପୁର ଗ୍ରାମରେ ଆଜି ସକାଳୁ ଏକ ନବଜାତ ଶିଶୁ ପୁତ୍ରକୁ ଜୀବନ୍ତ ଅବସ୍ଥାରେ ଉଦ୍ଧାର କରାଯାଇଛି । ସକାଳୁ ସକାଳୁ ପବିତ୍ର ନାୟକ ତାଙ୍କ ଘର ବାଡ଼ିପଟେ ଯିବା ବେଳେ ଏହି ଶିଶୁପୁତ୍ରର କ୍ରନ୍ଦନ ସ୍ୱର ଶୁଣିବାକୁ ପାଇଥିଲେ । ଏହାପରେ ସେ ସ୍ଥାନୀୟ ଆଶାକର୍ମୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ । ଆଶା କର୍ମୀ ଶିଶୁପୁତ୍ରକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବୁଗୁଡ଼ା ଡ଼ାକ୍ତରଖାନାରେ ଭର୍ତି କରିଥିଲେ । ଖବର ପାଇ ବୁଗୁଡ଼ା ଥାନା ଅଧିକାରୀ ଘଟଣାସ୍ଥଳରେ ପହଂଚି ଛାନଭିନ୍ କରିବା ସହ ଏ ବାବଦରେ ବ୍ରହ୍ମପୁର ଚାଇଲ୍ଡ ଲାଇନକୁ ଖବର ଦେଇଛନ୍ତି । ଚାଇଲ୍ଡ ଲାଇନ୍ କର୍ମଚାରୀ ଘଟଣାସ୍ଥଳରେ ପହଂଚିବା ପରେ ପୋଲିସ ଏହି ନବଜାତ ଶିଶୁ ପୁତ୍ରକୁ ବିଭାଗୀୟ ଅଧିକାରୀଙ୍କୁ ହସ୍ତାନ୍ତର କରିଛି ।

# ଅରୁଣସ୍ତମ୍ଭ ପାଖକୁ ମନ୍ତ୍ରୀ, ନେତାଙ୍କୁ ଛାଡୁଛ, ଭକ୍ତଙ୍କୁ କାହିଁ ଛାଡୁନ

## ଦୁଇଦିନ ଭିତରେ ଜବାବ ଦିଅ ସରକାର : ଜଗନ୍ନାଥ ସେନା

ପୁରୀ,୧୦।୧୦ (ନି.ପ୍ର): ଗତ ସପ୍ତାହକ ଭିତରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ଅପରାଜିତା ଷଡଙ୍ଗୀ ଓ କଂଗ୍ରେସର ଓଡିଶାର ପ୍ରଭାରୀ ଡଃ ଏ.ଚେଲା କୁମାର ପୁରୀ ଆସି ସିଂହଦ୍ୱାର ନିକଟ ଅରୁଣସ୍ତମ୍ଭ ନିକଟରେ ପତିତପାବନଙ୍କୁ ଦର୍ଶନ କରି ଫେରିଛନ୍ତି । ଗତ ଦୁଇଦିନ ତଳେ କିଛି ଭକ୍ତ ଦୋଳମଣ୍ଡପ ସାହି ଛକରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପ ଦାନ ଦେଇ ମୁଣ୍ଡିଆ ମାରୁଥିବା ସମୟରେ ଜଣେ ହୋମଗାର୍ଡ ଗୋଡରେ ସେମାନଙ୍କୁ ଆଡେଇ ଦେବା ଘଟଣାକୁ ଜଗନ୍ନାଥ ସେନା ଘୋର ବିରୋଧ କରିଛି । ଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି ଦୁଇଦିନ ଭିତରେ ସାଧାରଣ ଭକ୍ତଙ୍କୁ ଅରୁଣସ୍ତମ୍ଭ ପର୍ଯ୍ୟନ୍ତ ଛାଡିବା ପାଇଁ ଦାବି କରିଛନ୍ତି । ସରକାରଙ୍କ ସମସ୍ତ ନିୟମ ପୁରୀବାସୀ ମାନିଥିବା ବେଳେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ବିନା ଭକ୍ତରେ ଶେଷ ହୋଇଛି । ପୁରୀବାସୀ ସଂପୂର୍ଣ୍ଣ ସମର୍ଥନ କରି ଘରେ ରହିଥିଲେ । ୯ମାସ ଧରି ମନ୍ଦିର ବନ୍ଦ ରହିଲାଣି । ବନ୍ଦ କରିବା ସମୟରେ ପ୍ରଶାସନ କାହାକୁ ପଚାରି ନଥିଲା । ଏବେ ଖୋଲିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ, ସେବାୟତ ନିଯୋଗ, ଗଜପତି, ଶଙ୍କରାଚାର୍ଯ୍ୟ, ମୁକ୍ତ ମଣ୍ଡପକୁ ପଚାରିବା ପାଇଁ ପ୍ରୟାସ କରି ଦିନ ଗଡାଇବାରେ ଲାଗିଛି । ଅନ୍ୟପକ୍ଷରେ ଧାଡି ଦର୍ଶନ ପାଇଁ ହୋଇଥିବା ସେଡ୍ ଓ ସିଂହଦ୍ୱାର ସମ୍ମୁଖ ରାସ୍ତାକୁ ବାଡକରି ଗଳିରାସ୍ତା କରିସାରିଲାଣି ପ୍ରଶାସନ । ସେଡ ଉଠାଯାଇ ବଡଦାଣ୍ଡକୁ ପ୍ରଶସ୍ତ କରିବା ପାଇଁ ସେନା ଦାବି କରିଛି ।

# ଶାରଦୀୟ ଦୁର୍ଗାପୂଜା ଓ ପ୍ରସିଦ୍ଧ ବଳଦଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

ଭୁବନ,୧୦।୧୦ (ନି.ପ୍ର): ଐତିହାସିକ ,ପାରମ୍ପରିକ ତଥା ଶହେ ବର୍ଷର ପ୍ରସିଦ୍ଧ ଦଶହରା ବଳଦଯାତ୍ରା ଚଳିତ ବର୍ଷ କରୋନା ସକାଶେ ହେବନାହିଁ । କେବଳ ଦୁର୍ଗାପୂଜା ହେବ କିନ୍ତୁ ଭସାଣି ଯାତ୍ରା ହେବନାହିଁ ବୋଲି ଚୂଡାନ୍ତ ନିଷ୍ପତି ନିଆଯାଇଛି । ଆଜି ଅପରାହ୍ନରେ ଏନଏସି ସଭାଗୃହ ମଧରେ ଦଶହରା ବଳଦ ଯାତ୍ରା ଶାନ୍ତି କମିଟିର ମୁଖ୍ୟ ବାସୁଦେବ ବେହେରା ଙ୍କ ସଭାପତିତ୍ୱ ଓ ତହସିଲଦାରଙ୍କ ସଂଯୋଜନାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ପୂର୍ବତନ ନଗରପାଳ ନନ୍ଦ କିଶୋର ସାହୁ,ନରହରି ସାହୁ,କୁଂଜ ବିହାରୀ ଚିନରା,ଦିଲ୍ଲୀପ କୁମାର ଦାସ,ସମୀର ସାହୁ,ବିଶ୍ୱନାଥ ସାହୁ,ନରେନ୍ଦ୍ର ସାହୁ,ଶୁଭେନ୍ଦୁ ସାହୁ,ନିରଂଜନ ପୃଷ୍ଟି ,ଶ୍ରୀଧର ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସରକାରଙ୍କ କୋଭିଡ-୧୯ ମାର୍ଗଦର୍ଶିକା ଅନୁଯାୟୀ ଚଳିତ ବର୍ଷ ବଳଦଯାତ୍ରା,ଭସାଣିଯାତ୍ରା,ରାବଣ ପୋଡି ବନ୍ଦକୁ ସମର୍ଥନ କରିଥିଲେ । ତେବେ ବିଭିନ୍ନ ମଣ୍ଡପରେ ଗାଇଡଲାଇନ ଅନୁସାରେ ଦୁର୍ଗାପୂଜା ପାଇଁ ପ୍ରଶାସନିକ ଅନୁମତି ଦିଆଯାଇଥିଲା । ଶହେ ବର୍ଷର ପରମ୍ପରା ପ୍ରସିଦ୍ଧ ବଳଦଯାତ୍ରା ସଂପୂର୍ଣ୍ଣ ବନ୍ଦ କରାନଯାଇ ବିଜୟା ଦଶମୀ ଅନୁକୂଳ ଯାତ୍ରା ଦିନ କେବଳ ବିଧିରକ୍ଷା ଓ ପ୍ରଥା ପାଳନ ପାଇଁ ବଳଦଯାତ୍ରାର ସ୍ରଷ୍ଟା ଥୋରିଆ ସମାଜ ଓ ତାଙ୍କ ସହଯୋଗୀ ସାଥୁଆ ସାହି ର ଗୋଟିଏ ଲେଖାଏଁ ବଳଦ କୁ ସୁସଜ୍ଜିତ କରାଯାଇ ମାତ୍ର ୭ ଜଣ ଲେଖାଏଁ ସଦସ୍ୟ ଙ୍କ ଗହଣରେ ଘଣ୍ଟ ବଜାଯାଇ ଜଗନ୍ନାଥ ମନ୍ଦିର ଯାଇ ପୂଜାର୍ଚ୍ଚନା ହୋଇ ଫେରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ଦଶହରା ପୂର୍ବରୁ ଭୁବନର ମୁଖ୍ୟରାସ୍ତା,ଡ୍ରେନ,କଲଭର୍ଟ ମରାମତି କରାଯିବା ସହିତ ପ୍ରତ୍ୟେକ ଇଲେକ୍ଟ୍ରି ଖୁଣ୍ଟରେ ଆଲୋକ ଲଗାଇବା ଓ ଜାତୀୟ ରାଜପଥ ମରାମତି/ନିର୍ମାଣ ପାଇଁ ଦାବି କରାଯାଇଥିଲା । ଏହି ପ୍ରସ୍ତୁତି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ,ଏଏସଆଇ ଲକ୍ଷ୍ମୀଧର ରଣା,ଅତିରିକ୍ତ ତହସିଲଦାର ମନୋଜ କୁମାର ମାଝି,ମେଡିକାଲ ଅଫିସର ଡା.ରମେଶ କୁମାର ସାହୁ,ରାଜସ୍ୱ ନିରୀକ୍ଷକ ଶ୍ରୀକାନ୍ତ ପରିଡା,ତହସିଲ କର୍ମଚାରୀ ପୁରୁଷୋତମ ସିଂହ,ବିଦ୍ୟୁତ ବିଭାଗ ଓ ଜନସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଙ୍କ ସମେତ ବିଭିନ୍ନ ବଜାର କମିଟି,ପୂଜା କମିଟି ସଦସ୍ୟ ଯୋଗଦେଇଥିଲେ ।

## ନୂଆଭୁବନ ଉଚ୍ଚ ବିଦ୍ୟାଳୟରୁ ୫୦ ସ୍ୱାବ ସଂଗ୍ରହ ହେଲା

ଭୁବନ,୧୦।୧୦ (ନି.ପ୍ର): ଭୁବନ ଏନଏସିରେ କରୋନା ପଜିଟିଭ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇ ୭୦୦ ଅତିକ୍ରମ କରିଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ସକାଶେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଜି ଶୁକ୍ରବାର ନୂଆଭୁବନ ଉଚ୍ଚ ବିଦ୍ୟାଳୟ ଠାରେ ସକାଳ ୧୦ ଘଟିକା ସମୟରେ ମେଗା ସ୍ୱାବ ଟେଷ୍ଟ ର ଆୟୋଜନ କରାଯାଇଥିଲା । ସ୍ଥାନୀୟ ଅଂଚଳର ଲୋକମାନେ ନିଜର ସ୍ୱାସ୍ଥ୍ୟରକ୍ଷା ଓ ସୁରକ୍ଷା ପାଇଁ ସ୍ୱତଃପ୍ରବୃତ ଭାବେ ଯୋଗଦେଇ ନିଜର ସ୍ୱାବ ଟେଷ୍ଟ କରିଥିଲେ । ସମୁଦାୟ ୫୦ ସ୍ୱାବ ସଂଗ୍ରହ ହୋଇଥିଲା । ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ଙ୍କ ସମେତ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା.ରମେଶ କୁମାର ସାହୁ,ଓ ଏନଏସି କର୍ମଚାରୀ ମାନେ ସ୍ୱାବ ସଂଗ୍ରହରେ ସହଯୋଗ କରିଥିଲେ ।

# ଗୋପବନ୍ଧୁଙ୍କ ୧୪୩ତମ ଜୟନ୍ତୀ ପାଳିତ

ପୁରୀ,୧୦।୧୦ (ନି.ପ୍ର): ଉତ୍କଳମଣି ଗୋପବନ୍ଧୁଙ୍କ ଜିଲ୍ଲାସ୍ତରୀୟ ୧୪୩ତମ ଜୟନ୍ତୀ ସତ୍ୟବାଦୀ ସୁଆଣ୍ଡୋଠାରେ ପାଳିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ବଳବନ୍ତ ସିଂ ଯୋଗଦେଇ ଷଠିଘରେ ଥିବା ଉତ୍କଳମଣିଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ । ସେଠାରେ ଗୋପବନ୍ଧୁଙ୍କ ଅଣନାତି ବିରେନ୍ଦ୍ର ନାଥ ଦାସ, ଦେବେନ୍ଦ୍ର ଦାସ ଓ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ । ସକାଳୁ ସିଂହଦ୍ୱାର ନିକଟରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ଜିଲ୍ଲାପାଳ ମାଲ୍ୟାର୍ପଣ କରିବା ପରେ ଉପଜିଲ୍ଲାପାଳ ଭବତାରଣ ସାହୁ, ସୂଚନା ଓ ଲୋକ ସଂପର୍କ ଅଧିକାରୀ ଗୁରୁବୀର ସିଂ, ଉତ୍କଳମଣି ଗୋପବନ୍ଧୁ ସ୍ମୃତି ସଂସଦର କର୍ମକର୍ତା ଶରତ ଜୟସିଂ, ଗୋବିନ୍ଦ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଖୁଂଟିଆ, ସୌମେନ୍ଦ୍ର ଦାସ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମରେ କୋଭିଡ କଟକଣା, ସାମାଜିକ ଦୂରତ୍ୱ ଓ ମାସ୍କ ପିନ୍ଧିବା ନୀତି ପାଳନ କରାଯାଇଥିଲା ।

# ବାଇକ୍ - ଟ୍ରକ୍ ଧକ୍କା : ସ୍ୱାମୀ ମୃତ, ପତ୍ନୀ ଓ ପୁଅ ଗୁରୁତର

ହରିଚନ୍ଦନପୁର,୧୦।୧୦ (ନି.ପ୍ର): ଟ୍ରକ୍ - ବାଇକ୍ ଧକ୍କାରେ ବାଇକ୍ ଚାଳକ ସ୍ୱାମୀ ସୁଦର୍ଶନ ମହାକୁଡ଼ଙ୍କ ମୃତ୍ୟୁ ଘଟିଥିବା ବେଳେ ପତ୍ନୀ ରାଇମଣି ମହାକୁଡ଼ ଓ ସାନ ପୁଅ ଚିନ୍ମୟ (୬) ଗୁରୁତର ଆହତ ହୋଇଛନ୍ତି । ଦୁର୍ଘଟଣାରେ ବଡ଼ ପୁଅ ରାହୁଲ (୮) ସାମାନ୍ୟ ଆହତ ହୋଇଛନ୍ତି । ଆଜି ଅପରାହ୍ନ ପ୍ରାୟ ୪ ଟା ସମୟରେ ନରଣପୁର-ବ୍ରାହ୍ମଣିପାଳ ଭିଆଇପି ରାସ୍ତାର ଖଡ଼ିବାହାଲି ଛକ ନିକଟରେ ଘଟିଯାଇଛି ଏଭଳି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ହରିଚନ୍ଦନପୁର ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ୧୦୮ ଯୋଗେ ସମସ୍ତ ଆହତଙ୍କୁ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିବା ବେଳେ ସେଠାରେ ଡ଼ାକ୍ତର ସୁଦର୍ଶନଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟମାନେ ଚିକିତ୍ସାଧିନ ରହିଛନ୍ତି । ସୁଦର୍ଶନ ମୟୂରଭଞ୍ଜ ତୁଳସୀବଣି ସ୍ଥିତ ଶ୍ୱଶୁର ଘରୁ ବାଇକ୍ ଯୋଗେ ନିଜ ଘର ଯାଜପୁର କାଳିଆପାଣିକୁ ଫେରୁଥିବା ବାଟରେ ଏହି ଦୁର୍ଘଟଣା ଘଟିଛି ।

# ତାଳଦଣ୍ଡା କେନାଲ ବନ୍ଧରେ ହେବ ୩ ଲେନ୍ ରାସ୍ତା

## ବିଭିନ୍ନ କାର୍ଯ୍ୟ ସମୀକ୍ଷା କଲେ ୫-ଟି ସଚିବଙ୍କ ନେତୃତ୍ୱରେ ଯାଇଥିବା ଟିମ୍

ଭୁବନେଶ୍ୱର,୧୦।୧୦ (ନି.ପ୍ର): ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ନେତୃତ୍ୱରେ ଏକ ଟିମ୍ କଟକ ଗସ୍ତ କରି କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସଂକ୍ରାନ୍ତରେ ସମୀକ୍ଷା କରିଛନ୍ତି । ଚାଲିଥିବା କାର୍ଯ୍ୟର ସମୀକ୍ଷା ସହିତ ତାଳଦଣ୍ଡା କେନାଲର ଉଭୟ ବାମ ଓ ଦକ୍ଷିଣ ପାର୍ଶ୍ୱରେ ୩ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ ନିଷ୍ପତି ହୋଇଛି । ଏସସିବି ମେଡିକାଲର ସମ୍ପ୍ରସାରଣ ସହିତ ରାଜ୍ୟର ବିଭିନ୍ନ ସ୍ଥାନରୁ ଏଠାକୁ ରୋଗୀମାନେ ଆସୁଥିବାରୁ ଉଭୟ ଆମ୍ବୁଲାନ୍ସ ଓ ରୋଗୀ ଡାକ୍ତରଖାନାକୁ ସୁବିଧାରେ ଆସିବାପାଇଁ ବର୍ତମାନ ତାଳଦଣ୍ଡା କେନାଲର ଉଭୟ ବାମ ଓ ଦକ୍ଷିଣ ପାର୍ଶ୍ୱରେ ଥିବା ରାସ୍ତା ଉପରେ ନିର୍ଭର କରୁଛନ୍ତି । ତେଣୁ ବନ୍ଧର ଉଭୟ ପାର୍ଶ୍ୱରେ ଥିବା ସଡକକୁ ଯୋବ୍ରା ନିକଟସ୍ଥ କଟକ ରିଙ୍ଗ ରୋଡ୍ ଠାରେ ସଂଯୋଗ ପାଇଁ ନିଷ୍ପତି ହୋଇଛି ଯାହା ଫଳରେ ସହର ବାହାରୁ ଆସୁଥିବା ରୋଗୀମାନେ ତୁରନ୍ତ ବିନା ବାଧାରେ ଏସସିବି ମେଡିକାଲ କଲେଜରେ ପହଂଚିପାରିବେ । ତଦନୁଯାୟୀ ୫-ଟି ସଚିବଙ୍କ ନେତୃତ୍ୱରେ କଟକ ଯାଇଥିବା ଟିମ୍ ଉଭୟ ପଟ ବନ୍ଧ ରାସ୍ତାକୁ ୩ ଲେନ୍ ବିଶିଷ୍ଟ କରିବାପାଇଁ ନିଷ୍ପତି ନେଇଛନ୍ତି । ସେହି ଅନୁଯାୟୀ ବର୍ତମାନ ଦକ୍ଷିଣ ପାର୍ଶ୍ୱରେ ଯୋବ୍ରା ଠାରୁ ହିନ୍ଦ୍ ସିନେମା ଛକ ଏବଂ ବାମ ପାର୍ଶ୍ୱରେ ଯୋବ୍ରା ଠାରୁ କଟକ ମିଠା ଦୋକାନ ପର୍ଯ୍ୟନ୍ତ ତାଳଦଣ୍ଡା କେନାଲ ବନ୍ଧକୁ ରାଜ୍ୟ ଯୋଜନାରେ ସମ୍ପ୍ରସାରିତ କରାଯିବ । ଉଭୟ ପାର୍ଶ୍ୱ ବନ୍ଧର ଦୈର୍ଘ୍ୟ ୧୫୫୦ ମିଟର ରହିଛି । ମାଲ ପରିବହନ ପାଇଁ ବନ୍ଧର ଚଉଡା ୩.୫ ମିଟରରୁ ୯.୩୦ ମିଟରକୁ ବୃଦ୍ଧି କରାଯିବ । ଏହି ସଡକ ପାର୍ଶ୍ୱରେ ୯୫୦ ମିଟର ଦୈର୍ଘ୍ୟର ସଡକ ରହିବ । ସେହିଭଳି ଆଉ ଗୋଟିଏ ବନ୍ଧର ଚଉଡା ୩.୫ ମିଟରରୁ ୧୨.୩୦ମିଟରକୁ ବୃଦ୍ଧି କରାଯିବ ଏବଂ ଏହା ପାର୍ଶ୍ୱରେ ୬୦୦ ମିଟରର ସଡକ ରହିବ । ସେହିଭଳି ପ୍ରସ୍ତାବିତ ସଡକ ପାର୍ଶ୍ୱରେ ୧୫ମିଟର ଚଉଡାର ପାଦଚଲା ରାସ୍ତା ରହିବ । ସଡକର ଉଭୟ ପାର୍ଶ୍ୱରେ ଗାଡି ରଖିବା ପାଇଁ ସ୍ଥାନ ନିର୍ଦ୍ଧାରଣ ହେବ । ବନ୍ଧର ଉଭୟ ପାର୍ଶ୍ୱରେ ଗଛ ଲଗାଇ ସୌନ୍ଦର୍ଯ୍ୟକରଣ କରାଯିବା ସହିତ ସବୁଜ ବଳୟ ସୃଷ୍ଟି ହେବ । ବାମପାର୍ଶ୍ୱ ବନ୍ଧରେ ପାର୍କିଂ ସୁବିଧା ସହିତ ଲ୍ୟାଣ୍ଡସ୍କେପିଙ୍ଗ୍ କରାଯିବ । ପ୍ରସ୍ତାବିତ ନୂତନ ସଡକକୁ ଆଲୋକିକରଣ ଲାଗି ଆବଶ୍ୟକ ପରିମାଣର ଷ୍ଟ୍ରିଟ୍ ଲାଇଟ୍ ଲଗାଯିବାର ବ୍ୟବସ୍ଥା ହୋଇଛି । କଟକରେ ହେବାକୁ ଥିବା ବିଭିନ୍ନ ଉଦଘାଟନୀ କାର୍ଯ୍ୟକ୍ରମ ସମ୍ପର୍କରେ ଏହି ଟିମ୍ ସମୀକ୍ଷା କରିଛନ୍ତି । ତାଳଦଣ୍ଡା କେନାଲ ସଫେଇ, ଏସସିବି ମେଡିକାଲ କଲେଜ ଜମିର ଉନ୍ନତିକରଣ, ଟ୍ରାଫିକ ବ୍ୟବସ୍ଥାର ସୁଦୃଢ଼ୀକରଣ ଓ ପାର୍କିଂ, ଭବିଷ୍ୟତର ସମ୍ପ୍ରସାରଣ ଓ ଛତ୍ରବଜାର ଅଂଚଳର ଉନ୍ନତିକରଣ ସମ୍ପର୍କରେ ଏହି ଟିମ୍ ଅନୁଧ୍ୟାନ କରିଛନ୍ତି । ଏହି ଟିମ୍ ରେ ପୂର୍ତ ଓ ଶକ୍ତି ସଚିବଙ୍କ ସମେତ କେନ୍ଦ୍ରାଂଚଳ ଆରଡିସି, କଟକ ଜିଲ୍ଲାପାଳ ଏବଂ ସ୍ୱାସ୍ଥ୍ୟ ବିଭାଗର ପ୍ରତିନିଧିମାନେ ରହିଥିଲେ ।

# କଂଗ୍ରେସ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,୧୦।୧୦ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉତ୍ସବ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ନେତୃବୃନ୍ଦ ଗୋପବନ୍ଧୁ ଛକ ସ୍ଥିତ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ କଂଗ୍ରେସ ଭବନ ପରିସରରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଓ କଂଗ୍ରେସ ପ୍ରଭାରୀ ଡ. ଏ. ଚେଲ୍ଲାକୁମାରଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶରତ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ସୁରେଶ କୁମାର ରାଉତରାୟ, ମାନସ ଚୌଧୁରୀ, ସ୍ମୃତିରଂଜନ ଲେଙ୍କା, ଅମୀୟ ପଟ୍ଟନାୟକ, ମନୋରଞ୍ଜନ ଦାସ, ରଶ୍ମି ମହାପାତ୍ର, ଚିନ୍ମୟ ସୁନ୍ଦର ଦାସ, ପଦ୍ମାକର ଗୁରୁ, ହଳଧର ସେଠୀ, ଲିଙ୍ଗରାଜ ସାହୁ, ଜ୍ୟୋତିଷ ସାହୁ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ବିପନ୍ନ ମୂଲ୍ୟବୋଧ...

## ପୃଷ୍ଠା ୪ର ଅବଶିଷ୍ଟାଂଶ...

ଜଣେ ବ୍ୟକ୍ତି ଜୀବିକାର ସଫଳତା ପାଇପାରେ ମାତ୍ର ଜୀବନରେ ବିଫଳତା ସ୍ୱାଦୁ ଚାଖିପାରେ। ଭଲ/ବଡ ମଣିଷ ମଧ୍ୟରେ ପାର୍ଥକ୍ୟ ରହିଛି। ଭଲ/ବଡ ମଣିଷ ନିକଟରେ ପ୍ରାକୃତିକତା ଥାଏ ମାତ୍ର ଧନୀ ମଣିଷ ପାଖରେ କୃତ୍ରିମତା ଯଥେଷ୍ଟ ଅଧିକ ଦେଖିବାକୁ ମିଳେ। ଜଣେ ଭଲ ଛାତ୍ର ପାଇଁ ତା'ର ଶିକ୍ଷିତ ବାପା ବା ପାପା ବା ଡାଡି ଆର୍ଦଶ ହୋଇପାରନ୍ତି। ଶିକ୍ଷିତ ବାପା ଜଣକ ନିଜ ପିଲାର ଶିକ୍ଷା କ୍ଷେତ୍ରରେ ଅଧିକ ଯତ୍ନ ନେଇପାରେ। ନିଜର ଶିକ୍ଷିତା ମା' ବା ମମି ମଧ ଆର୍ଦଶ ହୋଇପାରନ୍ତି। କାରଣ ସେ ନିଜର ସନ୍ତାନ ପ୍ରତି ଅଧିକ ଯତ୍ନବାନ ହୋଇଥାନ୍ତି। ମାତ୍ର ଜଣେ ଅଶଇକ୍ଷିତ ବାପା ବା ମା' ଜଣେ ଭଲ ପିଲା ପାଇଁ ଆର୍ଶୀବାଦ ହୋଇଥାନ୍ତି କାରଣ ସେହି ପିଲାଟି ଭବିଷ୍ୟତରେ ଜଣେ ପୂର୍ଣ୍ଣାଙ୍ଗ ମଣିଷ ହେବାର ବାଟ ପାଇଥାଏ। ଆଜିର ସମାଜରେ ଅହଂଙ୍କାର ଓ ଫାଙ୍କା ଆର୍ଦଶ ଯୁବସମାଜକୁ ସ୍ଥାଣୁ କରିବାରେ ଲାଗିଛି। ଏହାଦ୍ୱାରା ସଂସ୍କୃତିକ ମୂଲ୍ୟବୋଧ ହ୍ରାସ ଘଟୁଛି। ମାନବିକତାରେ ସଂକଟ ସୃଷ୍ଟି ହେଉଛି। ଆଧୁନିକତା ବହୁଳ ଭାବରେ ଯୁବସମାଜକୁ ମୋହଚ୍ଛନ୍ନ କରିରଖିଛି। ଧର୍ମର ଲୌକିକ ରୀତି, ନୀତି, ପୂଜା ପାଠ, ଉପବାସ, ବ୍ରତ ଇତ୍ୟାଦି ନିକଟରେ ଆଧାତ୍ମିକତାର ସରଳ ବର୍ଣ୍ଣବିଭା ଯଥା ସତ୍ୟ ଶାନ୍ତି, ଶ୍ରଦ୍ଧା ଦୟା, କ୍ଷମା, ସମର୍ପଣଭାବ, ମାନବିକତା ପ୍ରଭୃତି ନଷ୍ଟ ହେବାକୁ ବିସିଲାଣି। ଏହାଦ୍ୱାରା ମଧ ଯୁବସମାଜ ଗଭୀର ଭାବରେ ପ୍ରଭାବିତ। କକ୍ଷଚ୍ୟୁତ ଉଲ୍କାଖଣ୍ଡ ଭଳି ସେମାନେ ଏଣେତେଣେ ଲକ୍ଷ୍ୟହୀନ ଭାବରେ ଘୂରିବୁଲୁଛନ୍ତି। ଜୀବନ ଦର୍ଶନରେ ବହୁବିଧ କୃତ୍ରିମତାର ଅବାଧ ପ୍ରବେଶ ଯୁବସମାଜ ମାନସିକ ଚେତନାକୁ କେଉଁଠି ନା କେଉଁଠି କବ୍ଜା କରିସାରିଲାଣି। ଏସବୁର ଆଶୁ ସମାଧାନ ନିତ୍ୟାନ୍ତ ଆବଶ୍ୟକ। କିଛି ବଡ ବିପର୍ଯ୍ୟୟ ହେବା ପୂର୍ବରୁ ଅଧଃପତିତ ଯୁବସମାଜ ଥରେ ସମାଜକୁ ଭଲଭାବରେ ଚାହିଁବା ଦରକାର। ସେମାନଙ୍କର ସମାଜ ପ୍ରତି ଥିବା ଅଙ୍ଗୀକାରବୋଧତା ସମ୍ପର୍କରେ ନିଶ୍ଚିତ ଧାରଣା ରହିବା ଆବଶ୍ୟ। ଭଲ ମନ୍ଦ ବିଷୟରେ ଫରକ୍ ଜାଣିବା ଦରକାର। କେବଳ ରୂପେଲୀ ପରଦାର ଚକମକ ଚିତ୍ରରେ ଭସିଗଲେ ସମାଜ ଆହୁରି ତଳକୁ ତଳକୁ ଚାଲିଯିବା ସହିତ ଆମ ସାମାଜିକ ଜୀବନରେ ଦେଖାଦେବ ଅନେକ ଫାଟ ଓ ବିଶୃଙ୍ଖଳା। ଯାହା ଫଳରେ ସାମାଜିକ ଓ ସାଂସ୍କୃତିକ ବିଧିବ୍ୟବସ୍ଥା ଦିନେ ନା ଦିନେ ତାଆସର ଘର ଭଳି ଭୁଷୁଡି ପଡିବ। ମର୍ତ୍ତମାନ ଆମ ସମାଜ ଏକ ଶୃଙ୍ଖଳିତ ଯୁବ ଗୋଷ୍ଠୀ ଉପରେ ନିର୍ଭରଶୀଳ। ଆଧୁନିକତା ସହିତ ଆମର ମହାନ ପ୍ରଥା ପରମ୍ପରା ପ୍ରତି ଗଭୀର ବିଶ୍ୱାସ ରହିବା ବିଧେୟ। ପ୍ରାଚୀନତା ଓ ଆଧୁନିକତା ମଧ୍ୟରେ ଏକ ଯୋଗସୂତ୍ର ରହିବା ଆବଶ୍ୟକ। ଆଜିର ଯୁବସମାଜ ଏଗୁଡିକ ନିଶ୍ଚୟ ଥରେ ଧୀର ଓ ସ୍ଥିର ମନରେ ଅନୁଶୀଳନ କରିବା ଏକାନ୍ତ ବାଂଛନୀୟ। ନିଜ ଅନ୍ତର୍ନିହିତ ଶକ୍ତିର ଭୁପୂର ଉପଯୋଗ କରି ଥରେ ଭାବିବା ଦରକାର ଯେ "ସବୁ ଚକ୍ ଚକ୍ ଦେଖାଯାଉଥିବା ବସ୍ତୁ ସୁନା ନୁହେଁ"।

+ ଅଧ୍ୟାପକ
ରାଜନୀତି ବିଜ୍ଞାନ ବିଭାଗ,
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

# ପେଟ୍ରୋଲ ପମ୍ପ ବିସ୍ଫୋରଣରେ କ୍ଷତିଗ୍ରସ୍ତ ଶ୍ରମିକଙ୍କୁ ସହାୟତା ପାଇଁ ଟ୍ରେଡ଼ ୟୁନିୟନ ସେଂଟରର ଦାବି

ଭୁବନେଶ୍ୱର,୧୦।୧୦ (ନି.ପ୍ର): ଭୁବନେଶ୍ୱରସ୍ଥିତ ରାଜଭବନ ନିକଟ ପେଟ୍ରୋଲ ପମ୍ପରେ ବିସ୍ଫୋରଣରେ ଯେଉଁ କ୍ଷୟକ୍ଷତି ହୋଇଛି, ତାହାକୁ ଭୁବନେଶ୍ୱର ଟ୍ରେଡ୍ ୟୁନିୟନ ସେଂଟରର ଦୁଃଖ ପ୍ରକାଶ କରିଛି ।
ମୃତ୍ୟୁବରଣ କରିଥିବା ଓ ଆହତ ହୋଇଥିବା ଶ୍ରମିକ ମାନଙ୍କ ପାଇଁ ରାଜ୍ୟ ସରକାର ଯେଉଁ ସହାୟତା ଘୋଷଣା କରିଛନ୍ତି ଓ ଆଇ.ଓ.ସି.ଏଲ କମ୍ପାନୀ ପକ୍ଷରୁ ଯେଉଁ ସହାୟତା ଘୋଷଣା କରାଯାଇଛି ତାହାକୁ ସଂଗଠନ ତରଫରୁ ବିରୋଧ କରାଯିବା ସହିତ ମୃତ ଶ୍ରମିକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ଓ ଆହତ ହୋଇଥିବା ଶ୍ରମିକଙ୍କୁ ୨୫ ଲକ୍ଷ ଟଙ୍କା ପେଟ୍ରୋଲ ପମ୍ପ ମାଲିକ, ରାଜ୍ୟ ସରକାର ଓ ଭାରତ ପେଟ୍ରୋଲ ପମ୍ପ କମ୍ପାନୀଠାରୁ ଭରଣା କରିବା ପାଇଁ ସଂଗଠନ ଦାବି କରୁଛି । ଅନ୍ୟଥା ଆଗାମୀ ଦିନରେ ଭୁବନେଶ୍ୱରରେ ଥିବା ସମସ୍ତ ପେଟ୍ରୋଲ ପମ୍ପ ଶ୍ରମିକଙ୍କ ସମତେ ଭୁବନେଶ୍ୱର ଟ୍ରେଡ୍ ୟୁନିୟନ ସେଂଟର ଆନ୍ଦୋଳନ କରିବା ପାଇଁ ରାଜରାସ୍ତାକୁ ଓହ୍ଲାଇବ ବୋଲି ସଂଗଠନର ସଭାପତି ନବକିଶୋର ମହାନ୍ତିଙ୍କ ସମେତ, ବିକ୍ରମ ନାୟକ, ଦେବେନ୍ଦ୍ର ମଲିକ, ଓ ସମ୍ପାଦକ ସୁର ରାଉତରାୟ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି । ପ୍ରକାଶ ଥାଉକି, ପେଟ୍ରୋଲ ପମ୍ପ ସମେତ ଆଇ.ଓ.ସି.ଏଲ କମ୍ପାନୀର ତଦାରଖରେ ଅପରିଣାମଦର୍ଶୀ ଓ ଅବହେଳା, ରକ୍ଷଣା ବେକ୍ଷଣ ଓ ତଦାରଖ ଅଭାବରୁ ଯେଉଁ ବିପର୍ଯ୍ୟସ୍ତ ହୋଇଛି ଓ ଧନଜୀବନ କ୍ଷୟକ୍ଷତି ହୋଇଛି, ସେହି କ୍ଷୟକ୍ଷତିର ଭରଣା ପମ୍ପ ମାଲିକ ଓ ତୈଳ କମ୍ପାନୀ ପକ୍ଷରୁ ଭରଣା କରିବା ପାଇଁ ସଂଗଠନ ପକ୍ଷରୁ ଦାବି କରିବା ସହିତ ମୃତ ବ୍ୟକ୍ତିଙ୍କ ପରିବାରକୁ ଜଣେ ଜଣେ ଆଇ.ଓ.ସି.ଏଲ କମ୍ପାନୀରେ ଚାକିରୀ ଦିଆଯାଉ । ଅନ୍ୟ ପକ୍ଷରେ ଘଟଣାର ଜୁଡ଼ିସିଆଲ ତଦନ୍ତ କରାଯାଉ ଓ ଦୋଷୀକୁ ତୁରନ୍ତ ଗିରଫ କରାଯାଉ । ପେଟ୍ରୋଲ ପମ୍ପରେ କାର୍ଯ୍ୟ କରୁଥିବା କେତେଜଣ ଶ୍ରମିକ ମୃତ୍ୟୁବରଣ କରିଛନ୍ତି, କେତେଜଣ ଆହତ ହୋଇଛନ୍ତି ଓ କେତେ କ୍ଷୟକ୍ଷତି ହୋଇଛି ତାହା ପ୍ରକାଶ କରାଯାଉନାହିଁ । ଏପରିକି, ନିର୍ମାଣ କାର୍ଯ୍ୟରେ ଲିପ୍ତ ଥିବା ଶ୍ରମକ ମାନଙ୍କର ସନ୍ଧାନ ମଧ ମିଳୁନାହିଁ । କେତେଜଣ ମରିଛନ୍ତି ତାହାର ହିସାବ ମଧ ଦିଆଯାଉନାହିଁ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଏସସିବିକୁ ସଂଯୋଗ କରୁଥିବା...

ଉଦ୍‌ବୋଧନ ଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହି ନୂଆ ରାସ୍ତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ନଗର ଉନ୍ନୟନ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନା ଶ୍ରୀରାମଚନ୍ଦ୍ରଭଂଜ ମେଡିକାଲ କଲେଜକୁ ବିଶ୍ୱସ୍ତରୀୟ କରିବାପାଇଁ ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟକୁ ସାକାର କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଥିଲେ ଯେ ଏହି ନୂଆ ରାସ୍ତା ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶୃତି ପୂରଣର ଜ୍ୱଳନ୍ତ ଉଦାହରଣ। କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ ତାଙ୍କର ଭାଷଣରେ କଟକର ରୂପାନ୍ତୀକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମର ଉଚ୍ଚପ୍ରଶଂସା କରିଥିଲେ। ଜଳସଂପଦ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଅନୁ ଗର୍ଗ ତାଳଦେଣ୍ଡା କେନାଲର ଲାଇନିଂ କାମ ଖୁବ୍ ଶୀଘ୍ର ଆରମ୍ଭ କରାଯିବା ସହିତ ଏଥିରେ ବୋଟିଂ ଓ କ୍ରୀଡା ବ୍ୟବସ୍ଥାର ବିକାଶ କରାଯିବ ବୋଲି ସୂଚନା ଦେଇଥିଲେ । କାର୍ଯ୍ୟକ୍ରମ ସଂଯୋଜନା କରି ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ କଟକବାସୀ ପାଇଁ ଏହା ଏକ ଐତିହାସିକ ମୁହୂର୍ତ ଭାବରେ ବର୍ଣ୍ଣନା କରିଥିଲେ। କଟକ ଜିଲ୍ଲାପାଳ ସ୍ୱାଗତ ଭାଷଣ ଦେଇଥିଲେ ଏବଂ କଟକ ମହାନଗର ନିଗମର କମିଶନର ଧନ୍ୟବାଦ ଅର୍ପଣ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ ଜୋବ୍ରା ରିଂଗ୍ ରୋଡ ଠାରୁ ରାଣୀହାଟକୁ ସଂଯୋଗ କରୁଥିବା ତାଳଦଣ୍ଡା କେନାଲ ଉଭୟ ପାର୍ଶ୍ୱର ଏହି ତିନି ଥାକିଆ ରାସ୍ତାର ଲମ୍ବ ଦେଢ କିଲୋମିଟର ଏବଂ ୧୫ ମିଟର ଚଉଡା। ଏହି ପ୍ରକଳ୍ପ ପାଇଁ ବିସ୍ଥାପିତ ହୋଇଥିବା ୬୦୦ ପରିବାରକୁ ଉପଯୁକ୍ତ ଭାବରେ ଥଇଥାନ କରାଯାଇଛି। ଏଥିରେ ପାଦଚଲା ରାସ୍ତା ସହିତ ପାର୍କିଂ, ସୌନ୍ଦର୍ଯ୍ୟକରଣ ଏବଂ ଆଲୋକୀକରଣ ମଧ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା, ଉନ୍ନୟନ କମିଶନର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଜଳସଂପଦ ବିଭାଗର ପ୍ରମୁଖ ସଚିବ ଏବଂ ପୂର୍ତସଚିବ ପ୍ରମୁଖ ଭୁବନେଶ୍ୱରରେ ଏବଂ କଟକରେ ସହରର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## କୋଭିଡ୍ ନିୟମ ଉଲ୍ଲଂଘନ ନେଇ...

ଭାବନାତ୍ମକ ହୋଇ ମାତ୍ର ୨ ମିନିଟ୍ ଲାଗି ମାସ୍କ ଓହ୍ଲାଇ ସେମାନଙ୍କ ଗହଣକୁ ଆସିଥିଲେ । ଆଗାମୀ ଦିନରେ କୋଭିଡ୍ ଆଇନ ଉଲ୍ଲଂଘନ ହେବ ନାହିଁ ବୋଲି ସେ କହିଛନ୍ତି। ଉଲ୍ଲେଖ୍ୟଯୋଗ୍ୟ ଯେ ଗତ ୮ ତାରିଖରେ ସାଂସଦ ଶ୍ରୀମତୀ ଷଡଙ୍ଗୀ ବିନା ମାସ୍କରେ ବହୁ ସଂଖ୍ୟାରେ ମହିଳା ଙ୍କ ସହ ତାଙ୍କ କାର୍ଯ୍ୟାଳୟରେ ନିଜ ଜନ୍ମଦିନ ପାଳନ କରୁଥିବା ବେଳର ଭିଡିଓ ଭାଇରାଲ୍ ହୋଇଥିଲା। ଏହି ଘଟଣାରେ ସାସଂଦଙ୍କ ବିରୁଦ୍ଧରେ ଗତକାଲି ଶକ୍ତିମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଶନିବାର ଦିନ ବିଏମସି ୧୫ ଦିନ ଲାଗି ସାଂସଦଙ୍କ ପଳାଶପଲ୍ଲୀ ସ୍ଥିତ ଅଫିସ୍ ସିଲ୍ କରିଛି।

## ଓଡ଼ିଶା ବିଶ୍ୱ ବିଦ୍ୟାଳୟ...

ରାଜ୍ୟ ସରକାର ଚତୁରତାର ସହିତ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ସରକାରଙ୍କ ପ୍ରତିନିଧି ରଖିବା ସହ ଏହି ଚୟନ କମିଟିକୁ ଅର ଏକାଡେମିକ୍ ପୃଷ୍ଠଭୂମିର ବ୍ୟକ୍ତିଙ୍କୁ ପ୍ରାଧାନ୍ୟ ଦେଉଥିବା ଶ୍ରୀ ପ୍ରଧାନ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି । ବିଶ୍ୱ ବିଦ୍ୟାଳୟର ଶିକ୍ଷକ ନିଯୁକ୍ତି ଅଧିକାରରୁ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ବଂଚିତ କରି ଏହି କାମକୁ ଓଡ଼ିଶା ପବ୍ଲିକ ସର୍ଭିସ କମିଶନକୁ ପ୍ରଦାନ କରିବା ଦ୍ୱାରା ରାଜ୍ୟ ସରକାର ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ରିମୋର୍ଟ କଂଟ୍ରୋଲ ବ୍ୟବସ୍ଥାରେ ରଖିବାକୁ ଚାହୁଁଥିବା ଶ୍ରୀ ପ୍ରଧାନ ତାଙ୍କ ପତ୍ରରେ ଅଭିଯୋଗ କରିଛନ୍ତି। ଏହା ସହ ବିଶ୍ୱ ବିଦ୍ୟାଳୟର ଆୟ-ବ୍ୟୟ ବିବରଣୀ ସାମ୍ବିଧାନିକ ବ୍ୟବସ୍ଥା ରାଜ୍ୟ ବିଧାନସଭାରେ ଉପସ୍ଥାପନ କରାଯିବାର ବ୍ୟବସ୍ଥାକୁ ନୂଆ ବିଧେୟକରେ ବନ୍ଦ କରି ଦିଆଯିବା ଦ୍ୱାରା ଜନ ସାଧାରଣଙ୍କ ଅର୍ଥ ଖର୍ଚ୍ଚର ସଠିକ୍ ସମୀକ୍ଷା ହୋଇ ପାରିବ ନାହିଁ ବୋଲି ଶ୍ରୀ ପ୍ରଧାନ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହା ସହ ଭାରତୀୟ ସମ୍ବିଧାନରେ ଶିକ୍ଷା ଯୁଗ୍ମ ତାଲିକାରେ ଥିବା କାରଣରୁ ଭାରତୀୟ ସଂସଦର ଉଚ୍ଚ ଶିକ୍ଷା ଓ ଗବେଷଣା ସମ୍ବନ୍ଧୀୟ ପ୍ରସଙ୍ଗରେ ଆଇନ ପ୍ରଣୟନ କରିବାର ପୁରା ଅଧିକାର ଥିବା ଶ୍ରୀ ପ୍ରଧାନ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ୟୁଜିସି ଆକ୍ଟ-୧୯୫୬ ଆଧାରରେ ୟୁଜିଜସର ନିୟମ ଆଧାରରେ ଓଡ଼ିଶାର ବିଶ୍ୱ ବିଦ୍ୟାଳୟ ଗୁଡ଼ିକର ପରିଚାଳନା ଆଇନ ସମ୍ମତ। ଓଡ଼ିଶାର ନୂଆ ନିୟମରେ ବିଶ୍ୱ ବିଦ୍ୟାଳୟ ଅଧାପକ ଚୟନ ପ୍ରକ୍ରିୟା ଓପିଏସସି ଦ୍ୱାରା କରାଯିବା ୟୁଜିସି ନିୟମ ଅନୁସାରେ ସମ୍ପୂର୍ଣ୍ଣ ବେଆଇନ୍ । ଏହି ପ୍ରକାର ପରିସ୍ଥିତିରେ ଅନ୍ୟ ରାଜ୍ୟମାନେ ପ୍ରସ୍ତୁତ କରିଥିବା ଆଇନ ଉଚ୍ଚତମ ନ୍ୟାୟାଳୟରେ ମଧ ଖାରଜ ହେବାର ନଜିର ରହିଛି । ଏହି ପରିପ୍ରେକ୍ଷୀରେ ଶ୍ରୀ ପ୍ରଧାନ ବିଭିନ୍ନ ଉଦାହରଣ ଉଲ୍ଲେଖ କରି ଓଡ଼ିଶାର ଏହି ନିୟମ କିପରି ସାମ୍ବିଧାନିକ ବ୍ୟବସ୍ଥାର ପରିପନ୍ଥି ତାହା କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ତାଙ୍କ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି ।ରାଜ୍ୟରେ ଶୈକ୍ଷିକ ସମାଜ ଏହି ନିୟମକୁ ଦୃଢ଼ ବିରୋଧ କରୁଥିବା ପ୍ରସଙ୍ଗ ଉଲ୍ଲେଖ କରି ରାଜ୍ୟ ବିଶ୍ୱ ବିଦ୍ୟାଳୟ ଶିକ୍ଷକ ମାନଙ୍କ ଦ୍ୱାରା ଗଠିତ ଜଏଂଟ ଆକ୍ସନ କମିଟି ଦ୍ୱାରା କରାଯାଇଥିବା ସର୍ଭେରେ ଏହି ବିଲ୍ ବିରୋଧରେ ଦୃଢ଼ମତ ରହିଥିବା ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସମ୍ପନ୍ନ ରାଷ୍ଟ୍ରୀୟ ଶିକ୍ଷାନୀତି-୨୦୨୦ ର ରାଜ୍ୟ ସରକାରଙ୍କ ନିୟମ ଦୃଢ଼ ବିରୋଧଚାରଣ କରିବା କଥା ମଧ ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଙ୍କ ବିଶ୍ୱବିଦ୍ୟାଳୟ ମାନଙ୍କ ପାଇଁ ସ୍ୱାୟତତା ପ୍ରାଥମିକତା ହୋଇଥିବା ବେଳେ ରାଜ୍ୟ ସରକାର ଉଚ୍ଚ ଶିକ୍ଷାକୁ ପ୍ରଶାସନିକ ନିୟନ୍ତ୍ରଣରେ ରଖି ଏହାକୁ ସରକାରୀ କରଣ କରିବାକୁ ଚାହୁଁଥିବା ଶ୍ରୀ ପ୍ରଧାନ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।

## ୨୪ ଘଂଟାରେ ଅବପାତର...

ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏସବୁ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଆସନ୍ତା ୧୨ ତାରିଖ ମଧ୍ୟରେ ରାଜ୍ୟର ଗଜପତି, ଗଞ୍ଜାମ, ରାୟଗଡ଼ା . ପୁରୀ , ଜଗତସିଂହପୁର ମାଲକାନଗିରିଓ କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ୧୩ ତାରିଖ ମଧ୍ୟରେ ଗଜପତି, ଗଞ୍ଜାମ, ରାୟଗଡ଼ା . ପୁରୀ ଓ କୋରାପୁଟ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏଥିପାଇଁ ଏହିସବୁ ଜିଲ୍ଲା ଗୁଡିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ମାଲକାନଗିରି, କନ୍ଧମାଳ,ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା,ଭଦ୍ରକ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୧୪ ତାରିଖ ବେଳକୁ ମାଲକାନଗିରି, କୋରପୁଟ , ନବରଙ୍ଗପୁର, ଗଜପତି ଓ ରାୟଗଡା ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଆଂଚଳିକ ପାଣିପାଗ କେନ୍ଦ୍ର।

## କ୍ଷମା ମାଗିଲେ...

ଏପିଡେମିକ ଆକ୍ଟରେ ମାମଲା ରୁଜୁ କରାଯାଇ ଆଇପିସି ୨୬୯ ଓ ୨୭୦ ଦଫା ଲାଗିଛି ଉମାଙ୍କ ବିରୋଧରେ। ବିଧାୟକଙ୍କ ବିରୁଦ୍ଧରେ ଜଗନ୍ନାଥ ସେନା ଅଭିଯୋଗ କରିଥିଲା।


## ରାଜ୍ୟରେ ଆଉ ୧୫...

ସେ ମଧୁମେହ ରୋଗରେ ପୀଡିତ ଥିଲେ । କଟକ ଜିଲ୍ଲାର ଜଣେ ୭୦ ବର୍ଷୀୟ କୋରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଗଂଜାମ ଜିଲ୍ଲାର ଜଣେ ୬୧ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଯାଜପୁର ଜିଲ୍ଲାର ଜଣେ ୪୦ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । କେନ୍ଦ୍ରାପଡା ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁ ଘଟିଛି । ଖୋର୍ଦ୍ଧା ଜିଲ୍ଲାର ଜଣେ ୫୧ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଖୋର୍ଦ୍ଧା ଜିଲ୍ଲାର ଜଣେ ୬୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ମୟୁରଭଂଜ ଜିଲ୍ଲାର ଜଣେ ୩୭ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାରେ ଜଣେ ୬୯ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ।

## ମୟୁରଭଂଜ ସାଂସଦଙ୍କ...

ସ୍ଥାନରେ ବହୁ ଦୁର୍ଘଟଣାରେ ଧନ ଜୀବନ ନଷ୍ଟ ହେଉଅଛି । ବିଭିନ୍ନ ଅଞ୍ଚଳର ଜନସାଧାରଣଙ୍କ ଅନୁଗ୍ରହ କ୍ରମେ ସାଂସଦ ପ୍ରଚେଷ୍ଟାରେ ପୁଣି ଥରେ ସର୍ଭେ ହୋଇ ଜିଲ୍ଲାର ମୁଖ୍ୟ ସ୍ଥାନ ମାନଙ୍କରେ ବ୍ରିଜ ଓ ଆଣ୍ଡାରପାସ ମାନ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ଅନୁମତି ମିଳିଛି । ଯାହା ଫଳ ସ୍ୱରୂପ ବେତନଟୀ ଠାରେ ଗୋଳାପୋଲ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଥିବା ବେଳେ, କୁଚେଇ ଠାରେ ଫୁଟ ବ୍ରିଜ, କୁଲିଅଣା ଠାରେ ଆଣ୍ଡାରପାସ , କଳାବାଡିଆ ଠାରେ ବ୍ରିଜ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ ହେବାକୁ ଯାଉଛି । ଜାତୀୟ ରାଜପଥର ଟଙ୍ଗାବିଲା ଠାରେ ଓଭରବ୍ରିଜ ସମ୍ପୂର୍ଣ୍ଣ ହେବାକୁ ଥିବା ବେଳେ ବିଶୋଇ ଠାରେ ଫୁଟ ବ୍ରିଜ, ଓ ଓଭରବ୍ରିଜ ଆରମ୍ଭ ନିର୍ମାଣ କାର୍ଯ୍ୟକୁ ସାଂସଦ କିଛି ଦିନ ତଳେ ନିଜେ ଆଲୋଚନା ମଧ କରିଥିଲେ । କୁଲିଅଣା ଗୋଳାପୋଲ ନେଇ କାର୍ଯ୍ୟାଦେଶ ମିଳି ସାରିଥିବାରୁ ସାଂସଦଙ୍କ ପରମର୍ଶ କ୍ରମେ ଭୂମିପୂଜା କରାଯାଇଥିଲା । ତତ୍ ସହିତ ଆଜି ସାଂସଦ ଶ୍ରୀ ଟୁଡୁ ଉକ୍ତ ଅଞ୍ଚଳ ପରିଦର୍ଶନରେ ଯାଇ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । କୁଲିଅଣା ଗୋଳାପୋଲ ଓ କଳାବାଡିଆ ଓଭରବ୍ରିଜର ନକସା ପ୍ରସ୍ତୁତ ହେବା ପରେ ଯଥା ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡ଼ିଛି । କଳାବାଡିଆ ଓଭରବ୍ରିଜ ପାଇଁ ଜଙ୍ଗଲ ବିଭାଗରୁ ମଧ ଅନୁମତି ମିଳି ସାରିଛି । ଏଥିପାଇଁ ଏହି ଦୁଇ ଅଞ୍ଚଳବାସୀ ସାଂସଦ ଙ୍କ ବିଶ୍ୱେଶ୍ୱର ଟୁଡୁଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଗୁଣୁପୁର ମହାବିଦ୍ୟାଳୟ ଇଂରାଜୀ ବିଭାଗରେ ୱେବିନାର




ଗୁଣୁପୁର ,୧୦।୧୦ (ନି.ପ୍ର): ଗୁଣପୁର ମହାବିଦ୍ୟାଳୟ ଇଂରାଜୀ ବିଭାଗ ପକ୍ଷରୁ ଆଜି ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବାମଦେବ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ୱେବିନାରକୁ ଆଞ୍ଚଳିକ ନିର୍ଦ୍ଦେଶକ ଉଚ୍ଚଶିକ୍ଷା ବିଭାଗ, ଜୟପୁର ପ୍ରଫେସର ତ୍ରିନାଥ ପ୍ରସାଦ ରଥ ଉଦ୍‌ଘାଟନ କରିଥିଲେ । ଏଥିରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଇଂରାଜୀ ବିଭାଗର ପ୍ରଫେସର ମଧୁସ୍ମିତା ପତି ମୁଖ୍ୟବକ୍ତା ଭାବରେ ଅଂଶଗ୍ରହଣ କରି ଭାରତରେ ନାରୀବାଦ ଏବଂ ଲିଙ୍ଗର ଇତିହାସ ସଂପର୍କରେ ଆଲୋକପାତ କରିଥିଲେ । ଏହା ସହିତ ନାରୀର ବ୍ୟକ୍ତିଗତ ସ୍ୱାଧୀନତା ଏବଂ ଅଧିକାର ତଥା ସମାଜ ପ୍ରତି ନାରୀର କର୍ତ୍ତବ୍ୟବୋଧ ଓ ତାହାର ତ୍ୟାଗପୂତ ଜୀବନର ଗାଥା ମଧ ଶୁଣାଇଥିଲେ । ଏଥିରେ ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ଏବ୍ରି ରଇତ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ । ଅଧ୍ୟାପକ ଡୋଳାମଣି କୁମ୍ଭାର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଦେବୀଶ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ଶ୍ୟାମସୁନ୍ଦର ମହନ୍ତ ୱେବିନାରକୁ ସଞ୍ଚାଳନ କରିଥିଲେ । ଏଥିରେ ଅନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନଙ୍କ ସମେତ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ଅମୀୟ ରନ ମହାନ୍ତି, ଅଧ୍ୟାପକ ଶଶିଭୂଷଣ ମହାନ୍ତି, ଅଧ୍ୟାପକ ରାମଚନ୍ଦ୍ର ପଣ୍ଡା, ଅଧ୍ୟାପକ ଜଗନ୍ନାଥ ଦୀପ୍, ଅଧ୍ୟାପିକା ପୁଷ୍ପାଳୀ ସାହୁ, ଅଧ୍ୟାପକ ଗୋକୁଳାନନ୍ଦ ସାହୁ ପ୍ରମୁଖ ଅଂଶଗ୍ରହଣ କରି ଏହି ୱେବିନାରକୁ ସଫଳ କରିଥିଲେ ।

# ଜରାଜୀର୍ଣ୍ଣ ଉତ୍କଳମଣୀଙ୍କ ବାରିପଦା ବାସଭବନ



ବାରିପଦା ,୧୦।୧୦ (ନି.ପ୍ର): ଇତିହାସରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି ଅବିଭକ୍ତ ଜିଲ୍ଲା ମୟୁରଭ। ଯାହାର ସଂସ୍ପର୍ଶରେ ଆସିଥିବା ବିଭିନ୍ନ ମହାପୁରୁଷ ମାନେ ମୟୂରଭ ମାଟିର ମୋହରେ ପଡି ଏଠାରେ ନିଜ ଜୀବନର କିଛି ସମୟ ଅତିବାହିତ କରିଛନ୍ତି । ଯେଉଁମାନଙ୍କ ମଧ୍ୟରେ ଉତ୍କଳମଣୀ ଗୋପବନ୍ଧୁ ଦାସ ଅନ୍ୟତମ । ମୟୂରଭ ଗଡଜାତ ସମୟରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଦେଓ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କୁ ସରକାରୀ ଓକିଲ ଏବଂ ବାରିପଦା ପୌରପରିଷଦର ଉପାଧ୍ୟକ୍ଷ ଭାବରେ ସମ୍ମାନର ସହିତ ନିଯୁକ୍ତି ଦେଇଥିଲେ । ଦିନେ ମୟୂରଭ ମାଟି ଥିଲା ଉତ୍କଳମଣୀ ଗୋପବନ୍ଧୁଙ୍କ କର୍ମଭୂମୀ । ଏଠାରେ ଉତ୍କଳମଣୀ ବହୁ ଗୌରବାନ୍ୱିତ ସ୍ମୃତିକୁ ଛାଡି ଯାଇଛନ୍ତି । ଉତ୍କଳମଣି ଗୋପବନ୍ଧୁ ଦାସ ଜଣେ ସ୍ୱାଧିନତା ସଂଗ୍ରାମୀ, କବି, ଲେଖକ ଓ ଦୈନିକ ଖବର କାଜଗ ସମାଜ ଓ ସତ୍ୟବାଦୀ ପତ୍ରିକାର ପ୍ରତିଷ୍ଠାତା ଥିଲେ । ଉତ୍କଳମଣୀ ଗୋପବନ୍ଧୁଙ୍କ ସ୍ମୃତିସବୁ ଏବେ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି । ଜିଲ୍ଲାର ସଦର ମହକୁମା ବାରିପଦା ସହରରେ ଥିବା ଉତ୍କଳମଣିଙ୍କର ବାସଭବନ ସେଥି ମଧ୍ୟରୁ ଅନ୍ୟତମ । ତତ୍କାଳୀନ ମୟୂରଭ ମହାରାଜା ଶ୍ରୀରାମ ଚନ୍ଦ୍ର ଭଦେଓଙ୍କ ପାଖରେ ନିଜର ଚାକିରୀ ଜୀବନ ଆରମ୍ଭ କରିଥିବା ଏହି ମହାପୁରୁଷଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଭାବିତ ହୋଇ ତାଙ୍କୁ ୧୯୦୫ ମସିହାରେ ପ୍ରତିଷ୍ଠିତ ହୋଇଥିବା ବାରିପଦା ପୌରପରିଷଦର ସେ ପ୍ରଥମ ଉପନଗରପାଳ ଭାବେ ନିଯୁକ୍ତ କଲେ । ସେତେବେଳେ ନଗରପାଳ ରହିଥିଲେ ଲାଲସାହେବ ଗିରିଶ ଚନ୍ଦ୍ର ଭଦେଓ । ଗୋପବନ୍ଧୁ ମୟୂରଭ ଜିଲ୍ଲାରେ କାର୍ଯ୍ୟରତ ଥିବା ସମୟରେ ସ୍ଥାନୀୟ ଲାଲବଜାର ଠାରେ ରହୁଥିଲେ । ସେଠାରେ ତାଙ୍କ ବାସଭବନ ଏବେ ବି ମୁକସାକ୍ଷୀ ଭାବେ ଦଣ୍ଡାୟମାନ ହୋଇ ରହିଛି । ଏହା ଏମାଟିର ଏକ ଐତିହାସିକ ସ୍ମୃତି । ହେଲେ ଜିଲ୍ଲା ପ୍ରଶାସନ ହେଉ ଅଥବା କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନ କାହାରିବି ଦୃଷ୍ଟି ପଡିପାରୁନି ଏହି ଐତିହାସିକ କୀର୍ତ୍ତୀବିଜଡିତ ଉତ୍କଳମଣୀଙ୍କ ବାସଭବନ ଉପରେ । ଏବେ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି ଏହି ଗୃହ। ଯେଉଁ ମହାତ୍ମାଙ୍କୁ ନେଇ ସାରା ଓଡିଶା ଆଜିବି ଗର୍ବ କରୁଛି, ଆଜି ତାଙ୍କ ବାସଭବନ ପଡି ରହିଛି ଅପନ୍ତରା ଅବସ୍ଥାରେ ଜୀର୍ଣ୍ଣଶୀର୍ଣ୍ଣ ହୋଇ । ଏଥିପ୍ରତି ପ୍ରଶାସନ ଯଦି ସାମାନ୍ୟ ଦୃଷ୍ଟି ଦିଅନ୍ତେ ତେବେ ଏହାର ଅବସ୍ଥାରେ ସୁଧାର ଆସି ପାରନ୍ତା ଏବଂ ଏହାର ପୁନରୁଦ୍ଧାର କରାଯିବା ସହିତ ଏହାକୁ ଏକ ସଂଗ୍ରହାଳୟରେ ପରିଣତ କରିବାକୁ ଦାବି କରିଛନ୍ତି ସ୍ଥାନୀୟ ବୁଦ୍ଧିଜିବୀ ମାନେ।

# ୯୨ବର୍ଷ ବୟସରେ ଆଦର୍ଶ ମହିଳା ସର୍ବେଶ୍ୱରୀ ଆଶଙ୍କର ଦେହାନ୍ତ



ବାଲେଶ୍ୱର,୧୦।୧୦ (ନି.ପ୍ର): ବାଲେଶ୍ୱର ସହରସ୍ଥ ବାରବାଟୀ ଅଞ୍ଚଳର ୯୨ବର୍ଷିୟା ଆଦର୍ଶ ମହିଳା ସର୍ବେଶ୍ୱରୀ ଆଶ (ଶିବରାଣୀ)ଙ୍କର ଗତକାଲି ମଧ୍ୟରାତ୍ରରେ ଦେହାନ୍ତ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୯୨ବର୍ଷ ହୋଇଥିଲା । ବାରବାଟୀ ଗୋପାଳବାଡ଼ି ଦୁର୍ଗାମଣ୍ଡପ ସମୁଖସ୍ଥ ବାସଭବନରେ ଏହି ବୟୋଜ୍ୟେଷ୍ଠ ଆଦର୍ଶ ମହିଳାଙ୍କର ଦେହାନ୍ତ ହେବାର ସମ୍ବାଦ ପ୍ରଚାରିତ ହେବାପରେ ସେ ଅଞ୍ଚଳର ବହୁ ଜନସାଧାରଣ ତାଙ୍କର ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ବିଶିଷ୍ଟ ଲେଖିକା ତଥା ବାଲେଶ୍ୱର ଲେଖିକା ସଂସଦର ଆବାହିକା ଡ. ସିନ୍ଧୁସେନଙ୍କର ପୂଜ୍ୟା ଶାଶୁ ତଥା ଶିକ୍ଷାବିତ ବିମଳ ଚନ୍ଦ୍ର ଆଶଙ୍କର ସେ ପୂଜ୍ୟା ମା' ଥିଲେ । ମୃତ୍ୟୁ ପର୍ଯ୍ୟନ୍ତ ସେ ଥିଲେ ଖୁବ ଚଳଚଞ୍ଚଳ । ଜଣେ ସୁଗୃହିଣୀ ରୂପେ ନିଜର ଦୁଇ ପୁଅକୁ ସୁମଣିଷ କରିବା ସହ ଆଧାତ୍ମିକବାଦୀ ଆଦର୍ଶ ମହିଳା ଭାବରେ ସାରା ଅଞ୍ଚଳରେ ଅନେକଙ୍କର ଥିଲେ ଶ୍ରଦ୍ଧାଶୀଳା । ତାଙ୍କର ସାନପୁଅ ସମିରନ ଆଶ, ପୁତ୍ରବଧୂ କବିତା, ନାତୁଣୀ ଅଧାପିକା ଇଂ ସୁଦେଷ୍ଣା, ନାତି ଇଂ ଗୌରାଙ୍ଗ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିବାବେଳେ ବଡ଼ନାତି ଡାକ୍ତର ସୁଦୀପ୍ତ ଆଶ ଖବର ପାଇ ଭୁବନେଶ୍ୱରରୁ ଆସି ଆଜି ସକାଳେ ଅନ୍ତ୍ୟେଷ୍ଟି କ୍ରିୟାରେ ଯୋଗଦେଇଥିଲେ । ସକାଳ ୧୦ଟା ସମୟରେ କୋଭିଡ ନିୟମପାଳନ ପୂର୍ବକ ଅଞ୍ଚଳବାସୀ ଅନ୍ତିମ ଶୋଭାଯାତ୍ରାରେ ନେଇ ବାଲିଘାଟ ଶ୍ମଶାନଘାଟରେ ଦାହ କରିଥିଲେ । ପରିବାରର ଅତ୍ୟନ୍ତ ଘନିଷ୍ଠ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି କାଳୀପଦ ପଣ୍ଡା ତାଙ୍କର ଶେଷଦର୍ଶନ କରି ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# ତିର୍ତୋଲ ଉପନିର୍ବାଚନ : ବିଜୟ କୁମାର ଭୋଇ ସିପିଆଇ ପ୍ରାର୍ଥୀ

ଭୁବନେଶ୍ୱର,୧୦।୧୦ (ନି.ପ୍ର): ତିର୍ତୋଲ ବିଧାନସଭା ଉପନିର୍ବାଚନରେ ବିଜୟ କୁମାର ଭୋଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ପ୍ରାର୍ଥୀ ହେବା ପାଇଁ ରାଜ୍ୟ କମିଟି ନିଷ୍ପତି ଗ୍ରହଣ କରିଛି।
ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି ଯେ, ବାଲେଶ୍ୱର ଓ ତିର୍ତୋଲ ବିଧାନସଭା ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେଉଥିଲାବେଳେ କେବଳ ତିର୍ତୋଲରେ ସିପିଆଇ ପ୍ରତିଦ୍ୱନ୍ଦ୍ୱିତା କରିବ। ଗତକାଲି ସମ୍ପାଦକମଣ୍ଡଳୀ ବୈଠକରେ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତି ଗ୍ରହଣ କରାଯାଇଛି। ଏହା ସହିତ କୋଭିଡ଼ ମୁକାବିଲାରେ ରାଜ୍ୟ ସରକାରଙ୍କ ବିଫଳତା ଓ କେନ୍ଦ୍ର ସରକାରଙ୍କ କୃଷକ ଓ ଶ୍ରମିକ ବିରୋଧୀ ଆଇନ ପ୍ରଣୟନ ବିରୁଦ୍ଧରେ ଜୀବନ, ଜୀବିକା ଓ ନିଯୁକ୍ତି ଦାବି ନେଇ ଜନ ଆନ୍ଦୋଳନ ପାଇଁ ଗ୍ରାମପଂଚାୟତସ୍ତରଠାରୁ ବିଧାନସଭା ପର୍ଯ୍ୟନ୍ତ ଆନ୍ଦୋଳନ ଚଳାଇ ରଖିବା ପାଇଁ ରାଜ୍ୟର ସମସ୍ତ ସାଥୀ, ସମର୍ଥକମାନଙ୍କୁ ବୈଠକରେ ନିବେଦନ କରାଯାଇଛି। ତିର୍ତୋଲ ନିର୍ବାଚନମଣ୍ଡଳୀରେ ଏସୟୁସିଆଇ ସମେତ ବିଭିନ୍ନ ବାମପନ୍ଥୀ ଦଳମାନଙ୍କ ସମର୍ଥନ ପାଇଁ ପାର୍ଟି ପକ୍ଷରୁ ନିବେଦନ କରାଯାଇଛି। ଏହି ବୈଠକରେ ଜାତୀୟ କାର୍ଯ୍ୟକାରୀ କମିଟି ସଭ୍ୟ ରାମକୃଷ୍ଣ ପଣ୍ଡା, ଜାତୀୟ ପରିଷଦ ସଭ୍ୟ ଅଭୟ ସାହୁ ଓ ପ୍ରଶାନ୍ତ ପାଟଯୋଷୀ ପ୍ରମୁଖ ଉପସ୍ଥିତ ରହି ନିଷ୍ପତିରେ ଅଂଶ ଗ୍ରହଣ କରିଥିଲେ।

# ଚନ୍ଦ୍ରପୁର ଥାନାରେ ଯୁବ ପୋଲିସ୍ ଅଧିକାରୀ ମୁକୁନ୍ଦଦେବ ନାୟକଙ୍କ ଯୋଗଦାନ

ଗୁଣୁପୁର ,୧୦।୧୦ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣପୁର ଉପଖଣ୍ଡ ତଥା ଜିଲ୍ଲାର ଉପାନ୍ତ ମାଓ ଅଞ୍ଚଳ ଭାବେ ପରିଚିତ ଚନ୍ଦ୍ରପୁରୁ ଥାନାରେ ଯୁବ ପୋଲିସ୍ ଅଧିକାରୀ ଶ୍ରୀ ମୁକୁନ୍ଦ ଦେବ ନାୟକ ଯୋଗଦାନ କରିଛନ୍ତି । ଶ୍ରୀ ନାୟକ ଚନ୍ଦ୍ରପୁରୁ ଥାନାର ନୂତନ ଆଇଆଇସି ଭାବେ ଯୋଗଦାନ କରି ପୂର୍ବତନ ଆଇଆଇସି ଶ୍ରୀ ସୁନୀଲ ଅନୀଲ କୁମାରଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ଥାନାର ସମସ୍ତ କର୍ମଚାରୀ ଶ୍ରୀ ନାୟକଙ୍କୁ ସ୍ୱାଗତ କରିଥିଲେ ଏବଂ ସମସ୍ତ କର୍ମଚାରୀଙ୍କ ଠାରୁ ସେ ସହଯୋଗ କାମନା କରିଥିଲେ । ଶ୍ରୀ ନାୟକ ଜଣେ ଦକ୍ଷ ଯୁବ ପୋଲିସ୍ ସବ୍ ଇନ୍ସପେକ୍ଟର ଭାବେ ଜୟପୁର ଥାନାରେ ସୁନାମ ଅର୍ଜନ କରିବା ସହ କିଛି ଦିନ ପୂର୍ବରୁ ଗୁଡାରୀ ଥାନାକୁ ବଦଳି ହୋଇ ଆସିଥିଲେ । ଏବଂ ସେଠାରୁ ଅଳ୍ପ ଦିନ ବ୍ୟବଧାନରେ ପୁଣି ଗୁଡାରୀରୁ ଏବେ ଚନ୍ଦ୍ରପୁର ଥାନା ଆଇଆଇସି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଆମର ଏକ ସାମ୍ବାଦିକ ଟିମ୍‌କୁ ଶ୍ରୀ ନାୟକ ଏକ ସାକ୍ଷାତକାରରେ କହିଥିଲେ ଯେ ଏସ୍‌ପି ଯେଉଁ ଭରସା ଦେଇ ତାଙ୍କୁ ଏଭଳି ଏକ ସମ୍ବେଦନଶୀଳ ଥାନାକୁ ନିଯୁକ୍ତି ଦେଇଛନ୍ତି ତାହା ସେ ନିଶ୍ଚିତ ଦକ୍ଷତାର ସହ ପ୍ରତିପାଦନ କରିବେ ବୋଲି କହିଛନ୍ତି । ଅପରପକ୍ଷରେ ଚନ୍ଦ୍ରପୁରୁ ଅଞ୍ଚଳବାସୀ ମଧ ନୂତନ ଆଇଆଇସିଙ୍କ ଠାରୁ କାର୍ଯ୍ୟ ଦକ୍ଷତାର ପରିଚୟ ଓ ଶୃଙ୍ଖଳିତ ଶାସନ ପାଇବା ପାଇଁ ଆଶାପୋଷଣ କରିଛନ୍ତି।

# ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୧୦।୧୦ (ନି.ପ୍ର): ଆଜି ଖୋର୍ଧା ଜିଲ୍ଲାରେ ୩୯୩ ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୪୩,୧୫୫ ହୋଇଛି । ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୫୪୪୧, ବାଲେଶ୍ୱର ଜିଲ୍ଲାରେ ୮୫୮୧, ବରଗଡ ଜିଲ୍ଲାରେ ୭୨୫୨, ଭଦ୍ରକ ଜିଲ୍ଲାରେ ୫୮୯୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୫୨୨୭. ବୌଦ୍ଧ ଜିଲ୍ଲାରେ ୨୧୩୪, କଟକ ଜିଲ୍ଲାରେ ୨୩,୦୧୦, ଦେବଗଡ ଜିଲ୍ଲାରେ ୮୧୦, ଢେଙ୍କାନାଳ ଜିଲ୍ଲାରେ ୪୩୧୮. ଗଜପତି ଜିଲ୍ଲାରେ ୩୭୦୪, ଗଂଜାମ ଜିଲ୍ଲାରେ ୨୦୫୮୯ , ଜଗତସିଂହପୁର ଜିଲ୍ଲାରେ ୬୦୦୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାଜପୁର ଜିଲ୍ଲାରେ ୯୪୩୧, ଝାରସୁଗୁଡା ଜିଲ୍ଲାରେ ୫୨୭୦, କଳାହାଣ୍ଡି ଜିଲ୍ଲାରେ ୩୯୮୯, କନ୍ଧମାଳ ୫୦୫୧, କେନ୍ଦ୍ରାପଡା ଜିଲ୍ଲାରେ ୬୧୬୦, କେନ୍ଦୁଝର ଜିଲ୍ଲାରେ ୫୧୨୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲ୍ଲାରେ ୬୬୦୪ , ମାଲକାନଗିରି ଜିଲ୍ଲାରେ ୪୧୨୫, ମୟୁରଭଂଜ ଜିଲ୍ଲାରେ ୯୨୮୯. ନବରଙ୍ଗପୁର ଜିଲ୍ଲାରେ ୪୩୫୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।
ନୟାଗଡ ଜିଲ୍ଲାରେ ୫୩୩୬, ନୂଆପଡା ଜିଲ୍ଲାରେ ୪୧୨୬ , ପୁରୀ ଜିଲ୍ଲାରେ ୧୧,୨୪୧, ରାୟଗଡା ଜିଲ୍ଲାରେ ୭୭୩୬. ସମ୍ବଲପୁର ଜିଲ୍ଲାରେ ୭୦୭୬ . ସୁବର୍ଣ୍ଣପୁର ଜିଲ୍ଲାରେ ୩୬୨୪ ଓ ସୁନ୍ଦରଗଡ ଜିଲ୍ଲାରେ ୮୫୧୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟପୁଲରେ ଆକ୍ରାନ୍ତଙ୍କ ସଂଖ୍ୟା ବଢି ୬୪୨୨ ହୋଇଛି ।

# ଦିନକରେ ୧୧୬ ପଜିଟିଭ୍ ଚିହ୍ନଟ : ଜିଲ୍ଲାର କରୋନା ସଂକ୍ରମିତ ସଂଖ୍ୟା ୮୫୮୧କୁ ବୃଦ୍ଧି




ବାଲେଶ୍ୱର,୧୦।୧୦ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ବଢ଼ି ଚାଲିଥିବା କରୋନା ସଂକ୍ରମଣ ସମଗ୍ର ବିଶ୍ୱ ପାଇଁ ବିପଦମୟ ସ୍ଥିତି ସୃଷ୍ଟି କରିଛି। ଭାରତ ଭଳି ଜନବହୁଳ ରାଷ୍ଟ୍ରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୯ଲକ୍ଷ ଅତିକ୍ରମ କରିଥିବା ବେଳେ ମୃତ୍ୟୁ ସଂଖ୍ୟା ବି ୧ଲକ୍ଷ ୭ହଜାର ଟପିଛି। ସେହିଭଳି ଓଡ଼ିଶାରେ ଆଜି ଗୋଟିଏ ଦିନରେ ୨୮୫୪ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟର କରୋନା ସଂକ୍ରମିତଙ୍କ ସଂଖ୍ୟା ୨ଲକ୍ଷ ୪୯ହଜାର ୬୯୩ ଛୁଇଁଛି। ଅନ୍ୟପକ୍ଷରେ ଆଜି ୧୫ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୦୦୬ରେ ପହଞ୍ଚିଛି। ତେବେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ବାଲେଶ୍ୱରର କରୋନା ସଂକ୍ରମଣ ଉଦବେଗ ଜନକ ସ୍ଥିତିକୁ ଯାଉଥିବା ଲକ୍ଷ୍ୟ କରାଯାଇଛି। ଆଜି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମୋଟ ୧୧୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୮୫୮୧ରେ ପହଞ୍ଚିଛି। ଏବେ ସୁଦ୍ଧା ଜିଲ୍ଲାରେ ୭୬୮୬ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ହୋଇଥିବା ବେଳେ ଏକ୍ଟିଭ୍ ଥିବା ୮୩୯ ଜଣ କରୋନା ଆକ୍ରାନ୍ତ କୋଭିଡ୍ ହସ୍ପିଟାଲ, କୋଭିଡ୍ କେୟାର ସେଣ୍ଟର ସହ ହୋମ ଆଇସୋଲେସନରେ ରହି ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଗତକାଲି ଭଳି ଆଜି ଆଜି ମଧ୍ୟ ବାଲେଶ୍ୱର ଜିଲ୍ଲାର ୩ଜଣ କରୋନା ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥାଇ କରୋନା ଆକ୍ରାନ୍ତ ହୋଇଥିବା ବାଲେଶ୍ୱର ଜିଲ୍ଲାର ୪୪ ବର୍ଷର ଜଣେ ପୁରୁଷଙ୍କର କରୋନାରେ ମୃତ୍ୟୁ ହୋଇଥିବା ସରକାରୀ ସୂତ୍ରରୁ ପ୍ରକାଶ। ଅଦ୍ୟାବଧି ଜିଲ୍ଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା ୫୧ରେ ପହଞ୍ଚିଛି। ତେବେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ସତର୍କତା ଅବଲମ୍ବନ ପାଇଁ ଜିଲ୍ଲାବାସୀଙ୍କୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

ନାମଲେଖା ଚାଲିଛି
"ସା ବିଦ୍ୟା ଯା ବିମୁକ୍ତୟେ"
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ମାତୃ ବିହାର, ମାନସିଂବଜାର, ବାଲେଶ୍ୱର
R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।
ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ
ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

## ସମ୍ବଲପୁରରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୨୮୬ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୧୦।୧୦ (ନି.ପ୍ର): ସମ୍ବଲପୁର ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୨୮୬ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସମ୍ବଲପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ସେହିପରି କୋବିଡ ଗାଇଡଲାଇନ ଉଲ୍ଲଂଘନ ମାମଲାରେ ୧୭ ଜଣଙ୍କ ବିରୁଦ୍ଧରେ ମାମଲା ରୁଜୁ କରା ଯାଇଛି ।

# ପ୍ରଧାନମନ୍ତ୍ରୀଙ୍କ ଜନ-ଆନ୍ଦୋଳନ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହେଲା ପାରାଦୀପ ବନ୍ଦର



ପାରାଦୀପ ,୧୦।୧୦ (ନି.ପ୍ର): ଅଗାମୀ ପାର୍ବଣ ଅବ୍ୟବାହିତ ପୂର୍ବରୁ ବିଶ୍ୱ ମହାମାରୀ କରୋନାକୁ ହରାଇବା ପାଇଁ ଏକ ଜନ ଆନ୍ଦୋଳନର ଅହ୍ୱାନ ଦେଇଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏହି ଜନ ଆନ୍ଦୋଳନରେ ପାରାଦୀପ ବନ୍ଦର ମଧ ସାମିଲ ହୋଇଛି । କୋଭିଡ୍-୧୯ର ଆଚାର ସଂହିତା ପାଳନ ନିମନ୍ତେ ପାରାଦୀପ ବନ୍ଦର ପ୍ରଶାସନିକ ଭବନର ରୁମ୍ ଠାରେ ଏକ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପାରାଦୀପ ବନ୍ଦରର ଅଧକ୍ଷରିଙ୍କେଶ ରଏ ସମସ୍ତଙ୍କୁ କରୋନା ମୁକ୍ତ ଭାରତର ସୁରକ୍ଷା ମନ୍ତ୍ର ଦେଇଥିଲେ । ପାର୍ବଣ ସମୟରେ ମାସ୍କ ପିନ୍ଧିବା, ଯେତେବେଳେ ବାହାରେ ସାର୍ବଜନିକ ସ୍ଥାନରେ ଥିବା ସେତେବେଳେ ୬ଫୁଟ୍ର ସାମାଜିକ ଦୂରତ୍ୱ ବଜାୟ ରଖିବା ଏବଂ ପାଣି ଓ ସାବୁନରେ ନିୟମିତ ବ୍ୟବଧାନରେ ହାତ ଧୋଇବା । ଏହି କାର୍ଯ୍ୟକ୍ରମରେ ବନ୍ଦରର ବିଭାଗୀୟ ମୁଖ୍ୟ ଓ ଉପମୁଖ୍ୟ ମାନେ ଉପସ୍ଥିତ ରହି ଶପଥ ଗ୍ରହଣ କରିଥିଲେ । ଆଗାମୀ ପାର୍ବଣ ଓ ଶୀତ ଋତୁ ଆଗମନ ପୂର୍ବରୁ ମାନ୍ୟବର ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଏହି ନିୟମ ମାନିବାକୁ ନିବେଦନ କରିଛନ୍ତି ।

# ଉଠାଜଳସେଚନ କର୍ମଚାରୀ ସଂଘର ସାଧାରଣ ସଭା



ବାଲେଶ୍ୱର,୧୦।୧୦ (ନି.ପ୍ର): ଓଡ଼ିଶା ଉଠାଜଳସେଚନ ନିଗମ କର୍ମଚାରୀ ସଂଘର ସଭ୍ୟ ତଥା ନିଗମର କାର୍ଯ୍ୟରତ କର୍ମଚାରୀମାନଙ୍କର ଏକ ସାଧାରଣ ସଭା ସଂଘର ପଦ୍ମୁଆଁପଦାସ୍ଥିତ ନିଜସ୍ୱ ସଭାଗୃହରେ ଶନିବାର ଦିନ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ନିଗମ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ବିଶଦ ଆଲୋଚନା ହୋଇଥିଲା। ନିଗମରୁ ଦୀର୍ଘବର୍ଷ ଧରି ଅବସର ନେଇଥିବା ସମସ୍ତ କର୍ମଚାରୀମାନଙ୍କୁ ପେନ୍ସନ୍ ଓ ବକକା ଅର୍ଥ ଫେରସ୍ତ, ଏନ୍.ଏମ୍.ଆର ଏବଂ ୱାର୍କଚାର୍ଯ୍ କାର୍ଯ୍ୟକାଳର ଗ୍ରାଚ୍ୟୁଇଟି, କାର୍ଯ୍ୟରତ କର୍ମଚାରୀଙ୍କୁ ବର୍ଦ୍ଧିତ ମହଙ୍ଗାଭତ୍ତା, ଡିଭିଜନ୍ ଓ ସବ୍‌ଡିଭିଜନ୍‌ମାନଙ୍କରେ କିରାଣୀ ଏବଂ ପିଅନ୍ ନିଯୁକ୍ତି ପାଇଁ ବୈଠକରେ ଦାବି କରାଯାଇଛି। କୋଭିଡ୍-୧୯ରେ ସମସ୍ତ ପରିବାରର ଆୟହ୍ରାସ ପାଇଥିବାରୁ ଅବସରପ୍ରାପ୍ତ କର୍ମଚାରୀଙ୍କ ପ୍ରାପ୍ୟ ତୁରନ୍ତ ପ୍ରଦାନ କରାଯାଉନଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ସାଧାରଣ ସଭାରେ ସଂଘର ସଭାପତି ଗୌରାଙ୍ଗ ପାଣିଗ୍ରାହୀ ଅଧକ୍ଷତା କରିଥିବାବେଳେ ସାଧାରଣ ସଂପାଦକ ଶ୍ୟାମସୁନ୍ଦର ଜେନା ଆଲୋଚନାର ବିଷୟ ଆଗତ କରିଥିଲେ। ସଂଘର କର୍ମକର୍ତ୍ତା ମାୟାଧର ନାୟକ, ଭାଗବତ ପ୍ରତିହାରୀ, ମଧୁସୂଦନ ଜେନା, ଶରତ ଚନ୍ଦ୍ର ଦଳାଇ, ଉପଦେଷ୍ଟା ନିରଞ୍ଜନ ପରିଡ଼ାଙ୍କ ସମେତ ବାଲେଶ୍ୱର, ମୟୁରଭଞ୍ଜ ଓ ଭଦ୍ରକ ଜିଲ୍ଲାର ନେତୃବୃନ୍ଦଙ୍କ ମଧ୍ୟରୁ ହରିଶଚନ୍ଦ୍ର ବିଶ୍ୱାଳ, ସନ୍ତୋଷ ଦଳାଇ, କାର୍ତ୍ତିକ ଚନ୍ଦ୍ର ନାୟକ, ଚକ୍ରଧର ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ପାତ୍ର, ରଘୁନାଥ ମହାରଣା ଓ ନଟକୃଷ୍ଣ ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଭାକାର୍ଯ୍ୟ ଆରମ୍ଭରେ ସଂଘ ଓ ଏ.ଆଇ.ଟି.ୟୁ.ସି.ର ଦିବଂଗତ ନେତା ଏବଂ ଦେଶ ଓ ରାଜ୍ୟର ବିଶିଷ୍ଟ ବ୍ୟକ୍ତିମାନଙ୍କ ଦେହାନ୍ତରେ ଉପସ୍ଥିତମାନେ ଦଣ୍ଡାୟମାନ ହୋଇ ସେମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଓ ସମ୍ମାନ ପ୍ରଦର୍ଶନ କରିଥିଲେ। କରୋନା ସଂକ୍ରମଣ ସମୟରେ ସମସ୍ତ ସତର୍କତା ଅବଲମ୍ବନ କରିବାକୁ ଉପସ୍ଥିତମାନଙ୍କୁ ଅବଗତ କରାଯାଇଥିଲା। ଶରତ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

# ବିପ୍ଳବୀ ନେତା ନାଗଭୂଷଣ ପଟ୍ଟନାୟକଙ୍କ ୨୨ତମ ସ୍ମୃତି ଦିବସ ପାଳିତ



ଗୁଣପୁର,୧୦।୧୦ (ନି.ପ୍ର):ରାୟଗଡା ଜିଲ୍ଲା ଗୁଣପୁରରେ ସିପିଆଇଏମଏଲ ପକ୍ଷରୁ ବିପ୍ଳବୀ ନେତା ନାଗଭୂଷଣ ପଟ୍ଟନାୟକଙ୍କ ୨୨ତମ ସ୍ମୃତି ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମୋଟର ୟୁନିୟନ ସଭାପତି ଫଣୀ ଭୂଷଣ ପଟ୍ଟନାୟକ ଓ ସିପିଆଇଏମଏଲର କେନ୍ଦ୍ର ସଦସ୍ୟ ତ୍ରିପତି ଗମାଙ୍ଗ ନେତୃତ୍ୱରେ ସିପିଆଇଏମଏଲର କର୍ମୀମାନେ ଏକ ଶୋଭାଯାତ୍ରା ବାହାରି ସ୍ଥାନୀୟ ବାଇପାସ ଛକଠାରେ ଥିବା ସ୍ୱର୍ଗତ ନାଗଭୂଷଣ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ । ଏହି ପରିପ୍ରେକ୍ଷୀରେ ନୂତନ ବସଷ୍ଟାଣ୍ଡସ୍ଥିତ ମୋଟର ୟୁନିୟାନ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମୋଟର ୟୁନିୟନର କର୍ମଚାରୀମାନେ ଓ ସିପିଆଇଏମଏଲର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ମୟୁରଭଂଜ ସାଂସଦ ଜିଲ୍ଲାର ଜାତୀୟ ରାଜପଥ କାର୍ଯ୍ୟସ୍ଥଳ ପରିଦର୍ଶନ



ବାରିପଦା ,୧୦।୧୦ (ନି.ପ୍ର): ମୟୁରଭଂଜ ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ୧୮ ଓ ୪୯ର ପ୍ରଶସ୍ତିକରଣ କାର୍ଯ୍ୟ ଜାରି ରହିଛି। ଙ୍ ବିଶ୍ୱେଶ୍ୱର ଟୁଡୁ ସାଂସଦ ଭାବେ ଜିଲ୍ଲାର ଲାଇଫ ଲାଇନ କୁହାଯାଉଥିବା ଏହି ଦୁଇ ଜାତୀୟ ରାଜପଥ ଦ୍ୱାରା ଜିଲ୍ଲାବାସୀ କିପରି ଉପକୃତ ହେବେ ସେ ନେଇ ଅନବରତ ଚେଷ୍ଟିତ ରହିଛନ୍ତି। ସାଂସଦ ହେବା ଠାରୁ ଏପର୍ଯ୍ୟନ୍ତ ଉକ୍ତ ରାସ୍ତା ନିର୍ମାଣ ପାଇଁ ବିଭିନ୍ନ ସ୍ଥାନରେ ଉପୁଜୁଥିବା ସମସ୍ୟାକୁ ସେ ସୁଚାରୁ ରୂପେ ସମାଧାନ କରିଚାଲିଛନ୍ତି । ଜାତୀୟ ରାଜପଥ ନିର୍ମାଣ ପୂର୍ବରୁ ହୋଇଥିବା ସର୍ଭେରେ ଜିଲ୍ଲାର ବିଭିନ୍ନ ମୁଖ୍ୟ ସ୍ଥାନ ମାନଙ୍କରେ ଫୁଟ ବ୍ରିଜ, ଓଭର ବ୍ରିଜ, ଆଣ୍ଡାରପାସକୁ ସ୍ଥାନ ଦିଆ ଯାଇନଥିଲା । ଏହା ଫଳରେ ଜାତୀୟ ରାଜପଥ ଲୋକଙ୍କ ପାଇଁ ଆଶୀର୍ବାଦ ପରିବର୍ତ୍ତେ ଅଭିଶାପ ସ୍ୱରୂପ ବିଭିନ୍ନ ▶▶ପୃଷ୍ଠା ୭

## ଅକ୍ଟୋବର ୧୪ରେ ଆଚିଭର ମିଟ୍ -୨୦୨୦

ଭୁବନେଶ୍ୱର,୧୦।୧୦ (ନି.ପ୍ର): କରୋନା ସମୟରେ ଡାକ୍ତର ହେଉଛନ୍ତି ଏବେ ମଣିଷ ରୂପି ଭଗବାନ। ଏହି ଡାକ୍ତରୀ ପାଠ ପଢୁଥିବା ତଥା ନିଟ୍ ପରୀକ୍ଷାରେ ଡାକ୍ତରୀ ପାଠ ପଢ଼ିବା ପାଇଁ ଯୋଗ୍ୟ ହୋଇଥିବା ଶ୍ରେଷ୍ଠ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ପାଇଁ ଆଚିଭର ମିଟ୍ -୨୦୨୦ ଆୟୋଜିତ ହେଉଛି। ନାଗେଶ୍ୱର ଟାଙ୍ଗୀସ୍ଥିତ ପେସ୍ ଏକାଡେମୀ ପରିସରରେ ଆସନ୍ତା ୧୪ ତାରିଖରେ ୫୦ରୁ ଉର୍ଦ୍ଧ ଡାକ୍ତରୀ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କୁ ଏଥିରେ ସମ୍ବର୍ଦ୍ଧନା କରାଯିବ। ନୂତନ ଡାକ୍ତରୀ ଛାତ୍ର ସୃଷ୍ଟି କରିବା ପାଇଁ ଚାଲିଥିବା ବେଂଚ ମାର୍କ କ୍ଲାସେସ୍ ଦ୍ୱାରା ଏହି ସମ୍ବର୍ଦ୍ଧନା ଉତ୍ସବରେ ରୋଟାରୀ କ୍ଲବ ଅଫ୍ କ୍ୟାପିଟାଲ ଓ ଇଂଟ୍ରାକ୍ଟ କ୍ଲବ ଅଫ୍ ପେସ୍ ଏକାଡେମୀ ପରିଚାଳନା କରୁଛନ୍ତି।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୮୨ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୧୦।୧୦ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୮୨ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୭୯୩ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୧୧ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ଏହି ସମୟ ମଧ୍ୟରେ ଦୁଇଟି ଦୋକାନକୁ ସିଲ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

# କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନର ପ୍ରତିବାଦ

## ଆଇନ୍ ରଦ୍ଦ ଦାବିରେ କଂଗ୍ରେସର ବିକ୍ଷୋଭ ସମାବେଶ



ବାଲେଶ୍ୱର,୧୦।୧୦ (ନି.ପ୍ର): ସଦର ଉପ-ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ ବିରୋଧରେ କଂଗ୍ରେସର ବିକ୍ଷୋଭ ସମାବେଶ ଆଜି ଅନୁଷ୍ଠିତ ହୋଇଯାଇଛି। ଚାଷୀ ଓ କଂଗ୍ରେସ କର୍ମକର୍ତ୍ତାମାନେ ହଳ ଲଙ୍ଗଳ କାନ୍ଧେଇବା ସହିତ ଏକାଧିକ ଶଗଡ଼ ଓ ଟ୍ରାକ୍ଟର ଏହି ଶୋଭାଯାତ୍ରାରେ ଦେଖିବାକୁ ମିଳିଥିଲା। କଂଗ୍ରେସର ଓଡ଼ିଶା ପ୍ରଭାରୀ ତଥା ତାମିଲନାଡୁ ଏମପି ଡକ୍ଟର ଏ ଚେଲା କୁମାର, ବିଧାୟକ ତାରା ପ୍ରସାଦ ବାହିନୀପତି, ପ୍ରଦୀପ ମାଝୀ, ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, ପ୍ରତ୍ୟୟ କୁମାର ଉଲ୍ଲାକା ପ୍ରମୁଖଙ୍କୁ କୁରୁଡ଼ାଠାରେ ଜିଲ୍ଲା କଂଗ୍ରେସ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ସହରର ପୁଲିସ ଲାଇନଠାରୁ ଶୋଭାଯାତ୍ରା ବାହାରି ସମାବେଶ ସ୍ଥଳ ପୂର୍ବ ନିର୍ଦ୍ଧାରିତ ମିଶନ ପଡ଼ିଆକୁ ଆସିବାର ଥିଲା। ମାତ୍ର ହଠାତ ବର୍ଷା ହେବା ଫଳରେ ଶୋଭାଯାତ୍ରାରେ ବ୍ୟାଘାତ ଘଟିବା ସହିତ ଫାଣ୍ଡିଛକଠାରେ ପ୍ରତିବାଦ ସଭା ଅୟୋଜିତ ହୋଇଥିଲା। ବାଲେଶ୍ୱର କଂଗ୍ରେସର ସାଂସଦ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିବା ସହିତ କେନ୍ଦ୍ର ସରକାରଙ୍କ ନୂତନ କୃଷିନୀତି ଗରିବ ଚାଷୀଙ୍କ ବିକାଶରେ ବାଧକ ହୋଇଛି ବୋଲି କହିଥିଲେ। କଂଗ୍ରେସର ଭୋଗରାଇ ନେତା ସତ୍ୟଶିବ ଦାସଙ୍କ ସଂଯୋଜନାରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ କଂଗ୍ରେସର ଓଡ଼ିଶା ପ୍ରଭାରୀ ଡକ୍ଟର ଏ ଚେଲା କୁମାର, ବିଧାୟକ ଶ୍ରୀ ବାହିନୀପତି, ପ୍ରଦୀପ ମାଝୀ, ପୂର୍ବତନ ପିସିସି ସଭାପତି ଶ୍ରୀ ପଟ୍ଟନାୟକ, ଶ୍ରୀ ଉଲ୍ଲାକା ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ କୃଷକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଭାରତ ଭଳି କୃଷି ପ୍ରଧାନ ଦେଶରେ ସରକାର ଏବେ ଶିଳ୍ପପତିଙ୍କ ସ୍ୱାର୍ଥରକ୍ଷାକୁ ଅଧିକ ଗୁରୁତ୍ୱ ଦେଉଥିବା ବେଳେ କୃଷି ଓ କୃଷକର ବିକାଶ କଥା ସମ୍ପୂର୍ଣ୍ଣ ଭୁଲି ଯାଇଛନ୍ତି ବୋଲି ସେମାନେ କହିଥିଲେ। ଶିଳ୍ପ କ୍ଷେତ୍ରକୁ ଅହେତୁକ ଅନୁକମ୍ପା ଦେଖାଉଥିବା ସରକାର ଏହି ନୂତନ ଆଇନ୍ ବଳରେ କୃଷି କ୍ଷେତ୍ରକୁ କମ୍ପାନି ହାତକୁ ଟେକି ଦେବାକୁ ମନସ୍ଥ କରିଥିବା କଂଗ୍ରେସ ନେତାମାନେ ଆରୋପ ଉଠାଇଥିଲେ। ତୁରନ୍ତ ଏହି ଆଇନ୍‌କୁ ରଦ୍ଦ କରାନଗଲେ ଆଗାମୀ ଦିନରେ କଂଗ୍ରେସ ନେତୃତ୍ୱରେ ସମଗ୍ର ଦେଶରେ କୃଷକ ସମାଜ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେମାନେ ଚେତାବନୀ ଦେଇଥିଲେ। ଜଳେଶ୍ୱରର କଂଗ୍ରେସ ନେତା ସୁଦର୍ଶନ ଦାସ, ନୀଳଗିରିର ଅକ୍ଷୟ ଆଚାର୍ଯ୍ୟ, ସଂଜୀବ ଗିରି, ପଦ୍ମଲୋଚନ ଲେଙ୍କା, ଅର୍ଚ୍ଚନା ନନ୍ଦୀ ପ୍ରମୁଖ ଯୋଗଦେଇ କୃଷକ ବିରୋଧୀ କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ୍ ତୁରନ୍ତ ରଦ୍ଦ ପାଇଁ ଦାବି କରିଥିଲେ।

# 'କିଓର ଏଣ୍ଡ କେୟାର ମଲ୍ଟି ସ୍ପେଶାଲିଟି କ୍ଲିନିକ୍'ର ବାର୍ଷିକ ଉତ୍ସବ

ବାଲେଶ୍ୱର,୧୦।୧୦ (ନି.ପ୍ର): ସ୍ଥାନୀୟ କିଓର ଏଣ୍ଡ କେୟାର ମଲ୍ଟି ସ୍ପେଶାଲିଟି କ୍ଲିନିକ୍‌ର ଚତୁର୍ଥ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଫକୀରମୋହନ ମେଡିକାଲ କଲେଜର ସହାକରୀ ପ୍ରଫେସର ଡାକ୍ତର ଶିବନାରାୟଣ ଜାଲି, ଡାକ୍ତର ଶିବାଶିଷ ଆଚାର୍ଯ୍ୟ, ଡାକ୍ତର ଓମ୍ ଅଭିଷେକ ଦାସ, ଡାକ୍ତର ରାଜୀବ କୁମାର ବେହେରା, ଡାକ୍ତର ବିଶ୍ୱଜିତ୍ ଦାସ, ଡାକ୍ତର ସୁଶୀଲ କୁମାର ପଟ୍ଟନାୟକ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଜନସେବା କ୍ଷେତ୍ରରେ କିଓର ଏଣ୍ଡ କେୟାର ମଲ୍ଟି ସ୍ପେଶାଲିଟି କ୍ଲିନିକ୍‌ର ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ। ଅତ୍ୟନ୍ତ କମ୍ ଖର୍ଚ୍ଚରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ପ୍ରଦାନ କରି ଏହି ଅନୁଷ୍ଠାନ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଅତିଥିମାନେ ମହାମାରୀ କରୋନାର ଭୟାବହତା ଓ ଏହାର ପ୍ରତିଷେଧକ ସମ୍ପର୍କରେ ସୂଚନା ଦେଇଥିଲେ। ଏଥି ସହିତ ରୋଗୀମାନଙ୍କୁ ମାସ୍କ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ପ୍ରାର୍ଥସାରଥୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଡାକ୍ତର ସରୋଜ କୁମାର ମହାପାତ୍ର, ଡାକ୍ତର ମଧୁସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo